* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-338 ♦BHUBANESWAR ♦FRIDAY ♦6 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୩୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୬ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




**ଆଇପିଏଲ୍‌ରୁ କୋହଲିଙ୍କ ଆୟ ୨୭.୪୦ କୋଟି**

▶ପୃଷ୍ଠା ୧୨ ଦେଖନ୍ତୁ...

# ପାକିସ୍ତାନର ଗୁଇନ୍ଦା ରାଣୀ 'ମ୍ୟାଡାମ୍ ଏନ୍'

■ ନୂଆଦିଲ୍ଲୀ/ଶ୍ରୀନଗର, ୫।୬ (ଏଜେନ୍ସି): ଭାରତୀୟ ୟୁଟ୍ୟୁବରଙ୍କୁ ନିଜ ଜାଲରେ ଫସାଉଥିଲେ। ପାକିସ୍ତାନ ଗସ୍ତ ଲାଗି ସେମାନଙ୍କ ପାଇଁ ଭିସା ବ୍ୟବସ୍ଥା କରୁଥିଲେ। ଏହାପରେ ପାକିସ୍ତାନ ଲାଗି ଗୁଇନ୍ଦାଗିରି କରିବା ପାଇଁ ସେମାନଙ୍କୁ ନିୟୋଜିତ କରୁଥିଲେ। ଭାରତରେ ଏଭଳି ଜାଲ ବିଛାଇଥିଲେ ପାକିସ୍ତାନର ଜଣେ ମହିଳା ବ୍ୟବସାୟୀ। ସେ ହେଉଛନ୍ତି ନୋସାବା ସେହଜାଦ୍। ଲାହୋରରେ ସେ ଏକ ଟ୍ରାଭେଲ ଏଜେନ୍ସି ଖୋଲି ତାଙ୍କର ନେଟୱର୍କ ଚଳାଇଛନ୍ତି। ତାଙ୍କୁ ଏହି କାମରେ ନିୟୋଜିତ କରିଛି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ। ତାଙ୍କର କୋଡ୍ ନାମ ହେଉଛି 'ମ୍ୟାଡମ୍ ଏନ୍'। ତାଙ୍କ ଜାଲରେ ଫସିଛନ୍ତି ଜ୍ୟୋତି ମଲହୋତ୍ରା ସମେତ



ଭାରତର ଅନେକ ୟୁଟ୍ୟୁବର। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଅନେକ ୟୁଟ୍ୟୁବର ପଚରାଉଚରା ବେଳେ ଏଭଳି ବିସ୍ଫୋରକ ତଥ୍ୟ ଉଗାରିଛନ୍ତି। ସାରା ଭାରତରେ ପ୍ରାୟ ୫୦୦ ଏଭଳି ଲୋକ ରହିଛନ୍ତି

**ନେଟ୍‌ୱର୍କରେ ୟୁଟ୍ୟୁବରଙ୍କ ସମେତ ୫୦୦ ଭାରତୀୟ**

ଯେଉଁମାନେ କି ସେହଜାଦଙ୍କ କଥାରେ ପଡ଼ି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଛନ୍ତି। ତାଙ୍କ ସ୍ୱାମୀ ପାକିସ୍ତାନ ସରକାରରେ ଅଧିକାରୀ ଭାବେ କାମ କରି ଅବସର ନେଇଛନ୍ତି। ପାକିସ୍ତାନୀ ସେନା ଏବଂ ଆଇଏସ୍ଆଇ ପକ୍ଷରୁ ଭାରତରେ କେମିତି ସ୍ଲିପର ସେଲ୍ (ଗୁଇନ୍ଦା) ନେଟ୍‌ୱର୍କ ଚଳାଇବାକୁ ହେବ, ତା'ର ରଣକୌଶଳ ପାଇଁ ତାଲିମ ପ୍ରଦାନ କରିଛନ୍ତି।

ଭାରତରେ ପାକିସ୍ତାନ ହାଇକମିସନରେ ସେହଜାଦଙ୍କ ଢେର ପ୍ରଭାବ ରହିଛି। ପାକିସ୍ତାନ ଗସ୍ତ ଲାଗି ଆବଶ୍ୟକ ଭିସା ପାଇବା ବ୍ୟବସ୍ଥାକୁ ସେ ସହଜ କରୁଥିଲେ। ପାକିସ୍ତାନ ଗସ୍ତ ବେଳେ ଭାରତୀୟ ୟୁଟ୍ୟୁବର ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେ ନିଜ ଦେଶର ସେନା ଓ ଆଇଏସ୍ଆଇ ଅଧିକାରୀଙ୍କ ସହ ପରିଚିତ କରାଉଥିଲେ। ତାଙ୍କ ଟାର୍ଗେଟରେ ଥିଲେ ହିନ୍ଦୁ ଓ ଶିଖ ସଂପ୍ରଦାୟର ଭାରତୀୟ ନାଗରିକ। ଗତ ୬ ମାସ ମଧ୍ୟରେ ସେହଜାଦ ପ୍ରାୟ ୩ ହଜାର ଭାରତୀୟ ଓ ୧୫୦୦ ଏନ୍ଆରଆଇଙ୍କୁ ପାକିସ୍ତାନ ଗସ୍ତ ▶ପୃଷ୍ଠା-୭

# ବର୍ଷକରେ ବିକାଶ ଯୋଜନ ଦୂର

■ ଭୁବନେଶ୍ୱର, ୫।୬ (ସମିସ): ଆସନ୍ତା ସପ୍ତାହରେ ବିଜେପି ସରକାର ପାଳନ କରିବ କ୍ଷମତାର ବର୍ଷପୂର୍ତ୍ତି। ମାତ୍ର ଏହି ବର୍ଷକ ମଧ୍ୟରେ ଓଡ଼ିଶାର ବିକାଶ ଆଗକୁ ବଢ଼ିବା ପରିବର୍ତ୍ତେ କେଇ ଯୋଜନ ପଛକୁ ଚାଲି ଯାଇଛି। କ୍ଷମତାକୁ ଆସୁଆସୁ ବିଜେପି ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପୂର୍ବରୁ ପ୍ରଚଳିତ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା'କୁ ବନ୍ଦ କରିଦେଲେ। ଏହି ଯୋଜନାରେ ପ୍ରତି ପଞ୍ଚାୟତର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାର୍ଷିକ ୫୦ ଲକ୍ଷ ଟଙ୍କା ଅନୁଦାନକୁ ମଧ୍ୟ ବନ୍ଦ କରି ଦିଆଗଲା। ଏହା ପରିବର୍ତ୍ତେ ରାଜ୍ୟରେ ନୂଆ କରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କରାଯିବ ବୋଲି ଘୋଷଣା ହେଲା। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଯୋଜନାରେ ବ୍ୟାପକ ବିକାଶମୂଳକ କାମ କରାଯିବ ବୋଲି କୁହାଗଲା। କ୍ଷମତାକୁ ଆସିବାର ବର୍ଷେ ହେଲାଣି।

## ଆଣ୍ଠେଇଛି 'ବିକଶିତ ଗାଁ ବିକଶିତ ଓଡ଼ିଶା'




**୯ ମାସ ପରେ ବି ପ୍ରସ୍ତୁତ ହୋଇପାରିଲାନି କାର୍ଯ୍ୟ ଯୋଜନା**

**'ଆମ ଓଡ଼ିଶା ନବୀନ ଓଡ଼ିଶା'ର ନାମ ପରିବର୍ତ୍ତନ କରିଥିଲେ**

ହେଲେ ବିକଶିତ ଗାଁ, ବିକଶିତ ଓଡ଼ିଶାର କାର୍ଯ୍ୟ ଯୋଜନା ବି ପ୍ରସ୍ତୁତ ହୋଇ ପାରିଲା ନାହିଁ। ଗାଁରେ ମାଟି ଗାଣ୍ଡୁଏ ବି ପଡ଼ି ପାରିଲା ନାହିଁ।

୨୦୨୪ ଅଗଷ୍ଟ ୩ ତାରିଖରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଫର୍ମାଟରେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କଠାରୁ ସରକାର ବିକାଶମୂଳକ କାମର ତଥ୍ୟ ଲୋଡ଼ିଲେ, ଏହି ତଥ୍ୟକୁ ଆଧାର କରି ସରକାର କାମ କରିବାକୁ ଯୋଜନା କଲେ। ମାତ୍ର ନିର୍ଦ୍ଦେଶର ୯ ମାସ ପରେ ବି ଏହି ତଥ୍ୟ ସରକାରଙ୍କ ନିକଟରେ ପହଞ୍ଚି ନ ଥିବା ସୂଚନା ମିଳିଛି। ଯେଉଥିପାଇଁ ପୁଣି ପଞ୍ଚାୟତିରାଜ ବିଭାଗ ଏହି ତଥ୍ୟ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖା ଯାଇଛି।

'ଆମ ଓଡ଼ିଶା, ନବୀନ ଓଡ଼ିଶା' ବଦଳରେ ବିଜେପି ସରକାରଙ୍କ ପ୍ରଣୀତ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ରେ କେବଳ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ପୂର୍ବ ସରକାର ରାଜ୍ୟର ୬୮୦୦ ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କା ହିସାବରେ ୩୪୦୦ କୋଟି ଟଙ୍କା ଅନୁଦାନ ଦେଇଥିବା ବେଳେ ବିଜେପି ସରକାର ୨୦୨୫-୨୬ ବର୍ଷ ବଜେଟରେ ବରାଦ କରିଥିବା ଅର୍ଥର ୧ ହଜାର କୋଟିରୁ ୩୦% ବି ଖର୍ଚ୍ଚ କରିପାରି ନାହାନ୍ତି। ସେହିପରି ଏହି ଯୋଜନାରେ ଗାଁରେ ସବୁଦିନିଆ ରାସ୍ତା ନିର୍ମାଣ ଓ ମରାମତି ବାବଦରେ ୩୫ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହେଲା। ମାତ୍ର ବର୍ଷେ ବିତିବା ପରେ ବି ଏଥିପାଇଁ ରାସ୍ତା ଚିହ୍ନଟ ହୋଇପାରିଲା ନାହିଁ। ଫଳରେ ଯୋଜନାର କାର୍ଯ୍ୟାନ୍ୱୟନକୁ ନେଇ କେବଳ ପ୍ରଶ୍ନ ଉଠିନାହିଁ, ସରକାରୀସ୍ତରରେ ବିକାଶମୂଳକ କାର୍ଯ୍ୟ ପାଇଁ ▶ପୃଷ୍ଠା-୭

# ଓଡ଼ିଶାରେ 'ପିସି' ସରକାର

## କଂଗ୍ରେସ ନିଆଁରେ ଘିଅ ଢାଳିଲେ ବିଜେପି ନେତା

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ 'ପିସି' ସରକାର ଚାଲିଛି। ସବୁ କାମରେ ୩୦ ପ୍ରତିଶତ କମିଶନ (ପିସି) ନିଆଯାଉଛି। ବିନା ପିସିରେ କାମ ମିଳୁନାହିଁ, କାମ ସରିଲେ ବି ପିସି ନ ଦେଲେ ବିଲ୍ ହେଉନାହିଁ। କେଇଦିନ ତଳେ କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ କରିଥିବା ଏହି ସାଂଘାତିକ ଅଭିଯୋଗରେ ମୋହର ମାରିଛନ୍ତି ଜଣେ ବିଜେପି ନେତା। ରାଜ୍ୟ ବିଜେପିର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଖୋଲାଖୋଲି ସରକାରଙ୍କ 'ପିସି' ତତ୍ତ୍ୱକୁ ସ୍ୱୀକାର କରିଛନ୍ତି। ସରକାରଙ୍କ ବିରୋଧରେ କଂଗ୍ରେସ ଯେଉଁ ପିସି ନିଆଁ ଜାଳିଥିଲା, ସେଥିରେ ବିଜେପି ନେତା ଘିଅ ଢାଳି ଏହି ଅଭିଯୋଗ ଅସତ୍ୟ ନୁହେଁ ବୋଲି ପରୋକ୍ଷରେ ପ୍ରମାଣିତ କରିଛନ୍ତି। ଖୋଦ୍

**ପୂର୍ବ ସରକାର ସମୟରେ କେହି ପିସି ନେଉ ନ ଥିଲେ**

**ବର୍ତ୍ତମାନ ବିନା ପିସିରେ କୌଣସି କାମ ହେଉନାହିଁ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଯଦି ଏପରି ଘଟଣା ଘଟୁଛି, ତେବେ ଅନ୍ୟତ୍ର କ'ଣ ହେଉଥିବ ତାହା ସହଜରେ ଅନୁମେୟ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ରାଜ୍ୟରେ ବିକାଶମୂଳକ କାମ ଏବେ ଅଟକି ଯାଇଛି। କୌଣସି ସ୍ଥାନରେ କିଛି କାମ ହେଉ ନାହିଁ। ଏପରି ସମୟରେ ବିଜେପି ବିଧାୟକ ଜିତିଥିବା ନିର୍ବାଚନମଣ୍ଡଳୀକୁ ସରକାରଙ୍କ ପକ୍ଷରୁ ବିକାଶମୂଳକ କାମ ପାଇଁ ଦିଆଯାଇଥିବା ୨ କୋଟି ଲେଖାଏଁ ଟଙ୍କାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିଭିନ୍ନ ପଞ୍ଚାୟତକୁ ଅର୍ଥ ଆବଣ୍ଟନ ସମୟରେ ଯାବତୀୟ ବାଦବିବାଦ ସୃଷ୍ଟି ହେଉଛି ଓ ଅନୁଦାନ ବଣ୍ଟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ▶ପୃଷ୍ଠା-୭

# ଆଜିଠୁ ବଢ଼ିବ ତାତି

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟରେ ଆଗକୁ ଆସୁଛି ଭୀଷଣ ତାତି। ବିଶେଷ କରି ୭ତାରିଖରୁ ୧୦ ତାରିଖ ମଧ୍ୟରେ ଭୀଷଣ ତାତି ଅନୁଭବ ହେବ। ଏହି ୩ ଦିନ ମଧ୍ୟରେ ପ୍ରାୟ ୫ ଡିଗ୍ରୀ ତାପମାତ୍ରା ବଢ଼ିବ। ଗୁରୁବାର ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ପଟେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି। ମଦୁରାଇରେ ଆଜି ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାକି ସ୍ଥାନଗୁଡ଼ିକରେ



ତାପମାତ୍ରା ୪୦ ଡିଗ୍ରୀ ନିକଟତର ହୋଇଛି। ଆଇଏମ୍‌ଡି ପକ୍ଷରୁ ଜାରି ବିସ୍ତାରିତ ପରସର ଆକଳନ ରିପୋର୍ଟରେ ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ନେଇ ଆକଳନ କରାଯାଇଛି। ତେଣୁ ଆସନ୍ତା ୪ ଦିନ ଯାଏଁ ରାଜ୍ୟବାସୀ ଭୀଷଣ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେବେ ବୋଲି କୁହାଯାଇଛି। ଆସନ୍ତା ୧୨ ତାରିଖ ମଧ୍ୟରେ ମୌସୁମୀ ନିଷ୍କ୍ରିୟ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ତେଣୁ ୧୨ ତାରିଖ ମଧ୍ୟରେ ଦିନ ବେଳା ଭୀଷଣ ତାତି ସାଙ୍ଗକୁ ▶ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ନାମରେ ବଟି ଆଦାୟ

■ ଭୁବନେଶ୍ୱର, ୫।୬(ସମିସ): 'ମୁଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କହୁଥିଲି, ଦୁଇ ଲକ୍ଷ ଟଙ୍କା ନଦେଲେ ମାଲକାନଗିରି ପଠାଇଦେବି'। ଏଭଳି ଢଙ୍ଗରେ ଧମକ

**ବଦଳି ଧମକ ଦେଇ ନେଇଗଲେଣି ୨ ଲକ୍ଷ**

**ଥାନାର ଦ୍ୱାରସ୍ଥ ହେଲେ ଅଧୀକ୍ଷଣ ଯନ୍ତ୍ରୀ**

ଦେଇ ଜଣେ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟି ନେଇଛି ଜଣେ ଧୂର୍ତ୍ତ। ଦୁଇ ଲକ୍ଷ ନେବାପରେ ମଧ୍ୟ ଡରାଇ ଧମକାଇ ଆହୁରି ୫ ଲକ୍ଷ ଟଙ୍କା ମାଗୁଛି ବୋଲି ରାଜଧାନୀର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ।

ପ୍ରତାପ ହରିପାଲ ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାୟ ଏକମାସ ପୂର୍ବେ ଜାନକୀ ବଲ୍ଲଭ ମହାପାତ୍ର ନାମକ ଜଣେ ବ୍ୟକ୍ତି ତାଙ୍କୁ କଲ୍ କରିଥିଲେ ଓ ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲା। ତାଙ୍କୁ ମାଲକାନଗିରିକୁ ବଦଳି ହୋଇଛି ଓ ଏହାକୁ ▶ପୃଷ୍ଠା-୭










# ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ମାଓନେତା ସୁଧାକର ନିହତ



**ମୁଣ୍ଡ ଲାଗି ଥିଲା ୪୦ ଲକ୍ଷ ପୁରସ୍କାର**

■ ମାଲକାନଗିରି, ୬।୫(ସମିସ): ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ମାଓନେତା ସୁଧାକର ଓରଫ୍ ବାଲକ୍ରିଷ୍ଣା ନିହତ ହୋଇଛି। ସେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲା। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ଏବଂ ମହାରାଷ୍ଟ୍ର ଆଦି ୪ ରାଜ୍ୟ ପାଇଁ ସେ ମୋଷ୍ଟୱାଣ୍ଟେଡ୍ ମାଓବାଦୀ ଥିଲା। ତା' ମୁଣ୍ଡ ଉପରେ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ କେବଳ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୁଧାକର ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଥିଲା। ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁରରେ ଥିବା ▶ପୃଷ୍ଠା-୭

# ଜମ୍ମୁ ଓ କଶ୍ମୀର
# ବିକାଶର ଅୟମାରମ୍ଭ












## ₹୪୪,୦୦୦ କୋଟିର
## ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

**ଚେନାବ୍ ସେତୁ**
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**
- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

**ଅଞ୍ଜି ସେତୁ**
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଳ ସେତୁ)**
- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

**ଉଧମପୁର-ଶ୍ରୀନଗର-ବାରାମୁଲା**
**ରେଳ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**
- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ,
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

**୨ ବନ୍ଦେ ଭାରତ ଟ୍ରେନ୍**
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**
- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ଅଧ୍ୟକ୍ଷ, ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର

**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

## ଭାରତୀୟ ରେଳପଥ

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ www.indianrailways.gov.in ଆମକୁ ଅନୁସରଣ କରନ୍ତୁ /RailMinIndia

## ନିମାପଡ଼ା ରାଜନୀତି
# ଭାଇନା-ଅପା ମୁହାଁମୁହିଁ



■ ଉଦ୍‌ଘାଟିତ ସବୁ କାମ ୨୦୨୨ ଓ ୨୩ ମସିହାରେ ମଞ୍ଜୁର: ସମୀର
■ ବର୍ଷକରେ କ'ଣ କାମ ହୋଇଛି ତାହା ଲୋକେ କହିବେ: ପ୍ରଭାତୀ

**ପୁରୀ,୫।୬(ସମିସ)**: ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର ଅଳ୍ପ କେଇମାସ ପରେ ନିମାପଡ଼ା ବିଜେପିରେ ମୁଣ୍ଡ ଟେକିଥିଲା ଦଳୀୟ କନ୍ଦଳ। ଅପା (ପ୍ରଭାତୀ ପରିଡ଼ା) ଏବଂ ଭାଇନା (ସମୀର ରଞ୍ଜନ ଦାଶ)ଙ୍କ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ନିର୍ବାଚନ ସମୟରେ ପ୍ରଭାତୀ ସମୀରଙ୍କ ପ୍ରତି ଯେଉଁ ଆନୁଗତ୍ୟ ଦେଖାଉଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ କରଛଡ଼ା ଦେଲେ। ଧୀରେ ଧୀରେ ସେମାନଙ୍କ ଭିତରେ କନ୍ଦଳ ବଢ଼ିଥିଲା; କିନ୍ତୁ ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରିଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ବିବାଦକୁ ପଦାରେ ପକାଇ ଦେଇଥିଲା। ଯଦି କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାକୁ କେବଳ ଜଣେ ହିଁ ଯାଉଥିଲେ। ଏମିତି ବି ଆୟୋଜକଙ୍କୁ ସେ ଆସିଲେ ମୁଁ ଯିବି ନାହିଁ ବୋଲି କହୁଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରୁଥିଲେ। ହେଲେ ଏବେ ଅପା-ଭାଇନାଙ୍କ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଆଉ ଶୀତଳ ନୁହେଁ, ଏବେ ସମ୍ମୁଖ ଯୁଦ୍ଧରେ ଦୁହେଁ ଅବତୀର୍ଣ୍ଣ ହେଲେଣି। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରିଥିଲେ ସମୀର। ଗୁରୁବାର ଏହାର ପାଲଟା ଜବାବ ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ 'ବଡ଼' କହି ସେ ଦେଇଥିବା ମନ୍ତବ୍ୟ ଭୁଲ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି।

ବିଜେପିର ବର୍ଷ ପୂର୍ତ୍ତି ଅବସରରେ ବୁଧବାର ନିମାପଡ଼ା ନୂତନ ବାରବାଟୀ ପଡ଼ିଆରେ ପ୍ରଭାତୀ 'ଉତ୍କର୍ଷ ନିମାପଡ଼ା' ପାଳନ କରିଥିବା ବେଳେ ସମୀର କଳାପାଞ୍ଚଣ ପଞ୍ଚାୟତରେ ଏକ ବନ୍ଧୁମିଳନ ଆୟୋଜନ କରିଥିଲେ। ଏହି ଅବସରରେ ସମୀର ନିମାପଡ଼ାର ବିକାଶ ନେଇ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ଉଠାଇବା ସହ ଅସନ୍ତୋଷ ଝାଡ଼ିଥିଲେ। ବର୍ଷେ ପଳାଇଲା ହେଲେ ନିମାପଡ଼ାରେ ମାଟି ମୁଠାଏ ପଡ଼ିଲା ନାହିଁ, ଯାହା ବି ହୋଇଛି ତାହା ପୂର୍ବ ସରକାରଙ୍କ ଅର୍ଥରେ ହୋଇଛି। ଉପମୁଖ୍ୟମନ୍ତ୍ରୀ ଯେଉଁ କାମର ଶୁଭ ଦେଉଛନ୍ତି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ଏତଦ୍‌ବ୍ୟତୀତ ନିମାପଡ଼ା ଏବଂ ଗୋପରେ ପିସି କାରବାର ବଢ଼ିଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣିଥିଲେ ସମୀର।

ଦଳର ବର୍ଷ ପୂର୍ତ୍ତି ଦିନ ସମୀରଙ୍କର ଏହି ବିସ୍ଫୋରକ ବୟାନ ପରେ ନିମାପଡ଼ା ବିଜେପିରେ କମ୍ପନ ସୃଷ୍ଟି ହୋଇଥିଲା। ଦୀର୍ଘଦିନ ଧରି ଅପା-ଭାଇନାଙ୍କ ମଧ୍ୟରେ ଯେଉଁ କେନ୍ଦଳ ଚାଲିଥିଲା ତାହା ପଦାରେ ପଡ଼ିଥିଲା। ତେବେ ସମୀରଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରଭାତୀ। ଶାଣିତ ଢଙ୍ଗରେ ସମୀରଙ୍କୁ ଦେଇଛନ୍ତି ପାଲଟା ଜବାବ। ସେ କହିଛନ୍ତି, ପରିବାରରେ ଯେଉଁମାନେ ବଡ଼ ଲୋକ ଥାଆନ୍ତି ସେମାନେ ପିଲାମାନଙ୍କଠାରୁ ଅଧିକ ଆଶା ରଖିଥା'ନ୍ତି। ତେଣୁ ମୁଁ ଭାବୁଛି ଏହା ବିଜେପିକୁ ତୃଣମୂଳସ୍ତରରେ ଆହୁରି ସଶକ୍ତ ଭାବେ କାମ କରିବାକୁ ସୁଯୋଗ ଦେବ। ବର୍ଷକ ଭିତରେ କ'ଣ କାମ ହୋଇଛି ନା ନାହିଁ ସେଇଟା ଲୋକେ କହିବେ। ପିସି କାରବାର ସମ୍ପର୍କରେ ପ୍ରଭାତୀ କହିଥିଲେ, ଏମ୍‌ଏଲ୍‌ଏ ଲ୍ୟାଡ୍ ଏବଂ ଏମ୍‌ପି ଲ୍ୟାଡ୍ ଏଇ ଏପ୍ରିଲରେ ଦାଖଲ ହୋଇଥିବ। ମେ' ମାସରେ ବ୍ଲକ୍‌କୁ ଆସିଥିବ। ଜୁନ୍ ମାସ ତ ଆରମ୍ଭ ହେଉଛି। କାମ ତ ଆରମ୍ଭ ହୋଇନାହିଁ। ପିସି କଥା ଉଠୁଛି କୁଆଡୁ ବୋଲି କହି ସମୀରଙ୍କୁ ଭୁଲ୍ ବୋଲି ପରୋକ୍ଷରେ କହିବାକୁ ଚେଷ୍ଟା କରିଛନ୍ତି।

## ଆମ୍ବ ତୋଟାରେ ବଜ୍ରପାତ; ୨ ମୃତ

**କଣିହାଁ, ୫।୬(ସମିସ)**: କଣିହାଁ ବ୍ଲକ୍ ବଜ୍ରକୋଟ ପଞ୍ଚାୟତ ଗୁଣ୍ଠୁରୀ ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗ୍ରାମର କାହ୍ନୁଚରଣ ମିଶ୍ର (୬୩) ଓ ଶିବ ନାଏକ (୧୫)। ସେହିପରି ଅନ୍ୟ ଜଣେ ନାବାଳକ ଶୁଭମ ମହାପାତ୍ର (୧୨) ଗୁରୁତର ହୋଇଛନ୍ତି। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଆଜି ଅପରାହ୍ଣରେ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା-ପବନ ହେବାରୁ ସେମାନେ ଏକ ଆମ୍ବ ଗଛମୂଳରେ ଆଶ୍ରୟ ନେଇଥିଲେ। ତେବେ ସେଠାରେ ଗୋଟିଏ ବଜ୍ରପାତ ହେବାରୁ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷାନିରୀକ୍ଷା କରି କାହ୍ନୁଚରଣ ଓ ଶିବଙ୍କୁ ମୃତ ଘୋଷଣା କରିଥିଲେ। କଣିହାଁ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପାର୍ଲାମେଣ୍ଟରୁ ପ୍ରେମ; ଜର୍ମାନରେ ହାତଗଣ୍ଠି
# ପିନାକୀ-ମହୁଆ ଜୀବନସାଥୀ

**ନୂଆଦିଲ୍ଲୀ,୫।୬(ସମିସ)**: ପଶ୍ଚିମବଙ୍ଗ କୃଷ୍ଣନଗର ସାଂସଦ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମଇତ୍ରୋଙ୍କ ହାତ ଧରିଛନ୍ତି ଚାରିଥର ଲୋକସଭା ସାଂସଦ ଓ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର । ଜର୍ମାନୀର ବର୍ଲିନ୍ ସହରରେ ଅଳ୍ପ କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେମାନେ ବିବାହ କରିଥିବା ସୂଚନା ମିଳିଛି । ମହୁଆ ମଇତ୍ରୋଙ୍କ ଘନିଷ୍ଠ କୁହାଯାଉଥିବା ତୃଣମୂଳ ନେତ୍ରୀ ସାୟୋନୀ ଘୋଷ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ମହୁଆ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଏହି ଚର୍ଚ୍ଚା ସତ୍ୟ ବୋଲି ପ୍ରମାଣିତ କରିଛନ୍ତି ।



ଦୀର୍ଘବର୍ଷ ତଳେ କଂଗ୍ରେସରେ ଥିବାବେଳେ ସେମାନଙ୍କ ମଧ୍ୟରେ ପରିଚୟ ହୋଇଥିଲା ଓ ୨୦୧୯ରେ ମହୁଆ ସଂସଦକୁ ନିର୍ବାଚିତ ହେବା ପରେ ଏହି ପରିଚୟ ପ୍ରେମରେ ପରିଣତ ହୋଇଥିଲା। ଏପରିକି 'ଟଙ୍କା ପାଇଁ ପ୍ରଶ୍ନ' ବିବାଦରେ ଛନ୍ଦି ହୋଇଥିବା ମହୁଆ ଅସମୟରେ ପଡ଼ିଥିବାବେଳେ ପିନାକୀ ତାଙ୍କ ସହ ଠିଆ ହୋଇଥିଲେ। ସୂଚନା ଅନୁସାରେ ଉଭୟ ବିବାହ ନିମନ୍ତେ ବହୁଦିନ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ମହୁଆଙ୍କ ବିରୋଧରେ ମାମଲା ପରେ ଏହା ସ୍ଥଗିତ ରହିଥିଲା। ଦୁବାଇର ବ୍ୟବସାୟୀ ଦର୍ଶନ ହିରାନନ୍ଦାନିଙ୍କୁ ଲୋକସଭା ସଦସ୍ୟଙ୍କ ୟୁଜରନେମ୍ ଏବଂ ପାସୱାର୍ଡ ଦେଇଥିବା ଅଭିଯୋଗରେ ମହୁଆ ଅଭିଯୁକ୍ତ ହୋଇଥିଲେ। ଏପରିକି ହିରାନନ୍ଦାନି ଏକ ସତ୍ୟପାଠରେ ଦାବି କରିଥିଲେ ଯେ ପିନାକୀ ଏବଂ ମହୁଆ ନିକଟତର ଥିଲେ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଲୋକସଭାରୁ ବହିଷ୍କାର ହେବା ପରେ ଯେତେବେଳେ ମହୁଆଙ୍କୁ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା, ପିନାକୀ ଏହା ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ।

୧୯୯୬ ମସିହାରେ କଂଗ୍ରେସ ଟିକେଟରେ ପ୍ରଥମ ଥର ପାଇଁ ସାଂସଦ ହୋଇଥିବା ପିନାକୀ ମିଶ୍ର ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ।

### ମାଳାବଦଳ ପରେ କାଟିଲେ କେକ୍

ପିନାକୀଙ୍କ ପ୍ରଥମ ବିବାହ ୧୯୮୪ ମସିହାରେ ସଙ୍ଗୀତା ମିଶ୍ରଙ୍କ ସହିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉଭୟ ଅଲଗା ରହୁଥିବା ସୂଚନା ମିଳିଥିଲା। ସେମାନଙ୍କ ମଧ୍ୟରେ କେବେ ଛାଡ଼ପତ୍ର ହେଲା ତାହା ଏଯାଏ ସ୍ପଷ୍ଟ ନୁହେଁ। ପିନାକୀଙ୍କ ଘନିଷ୍ଠତମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପିନାକୀ ଏବଂ ସଙ୍ଗୀତା ଏବେ ବି ତିନୋଟି କମ୍ପାନୀରେ ନିର୍ଦ୍ଦେଶକ ଅଛନ୍ତି। ଓସନ୍ ଗ୍ରାଣ୍ଡ ରିସର୍ଟସ୍ ଆଣ୍ଡ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍, ଜୁପିଟର୍ ଇଷ୍ଟେଟ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ହ୍ୱାଇଟ୍ ଲିଲି ଇଷ୍ଟେଟ୍ସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀରେ ପିନାକୀ ଏବଂ ସଙ୍ଗୀତା ନିର୍ଦ୍ଦେଶକ ଅଛନ୍ତି।

ଅନ୍ୟପକ୍ଷରେ ମହୁଆ ମୋଇତ୍ରୋ ନ୍ୟୁୟର୍କ ଏବଂ ଲଣ୍ଡନରେ ଜେପି ମୋର୍ଗାନ୍ କମ୍ପାନୀରେ ଉଚ୍ଚ ପଦରେ କାର୍ଯ୍ୟ କରିଛନ୍ତି। ସେ ଡେନମାର୍କର ଜଣେ ଫାଇନାନ୍ସର ଲାର୍ସ ଭି ବୋରୋସନଙ୍କୁ ବିବାହ କରିଥିଲେ ଓ ପରେ ସେମାନଙ୍କର ବିବାହ ବିଚ୍ଛେଦ ହୋଇଛି। ୨୦୦୮ ମସିହାରେ ସେ ଚାକିରି ଛାଡି ଭାରତ ଫେରିଆସି ଯୁବ କଂଗ୍ରେସରେ ଯୋଗ ଦେଇଥିଲେ ଓ ଦୁଇ ବର୍ଷ ପରେ ଟିମ୍‌ସିରେ ସାମିଲ ହୋଇଥିଲେ। ୨୦୧୬ ରେ ପ୍ରଥମ ଥର ପାଇଁ କରିମ୍‌ନଗର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ ଏବଂ ୨୦୧୯ ଓ ୨୦୨୪ରେ କୃଷ୍ଣନଗର ଲୋକସଭା କ୍ଷେତ୍ରର ଟିଏମ୍‌ସି ପ୍ରାର୍ଥୀ ଭାବରେ ସଂସଦକୁ ନିର୍ବାଚିତ ହୋଇଛନ୍ତି ।

# ୬୫୦୦ କେଜି ବିସ୍ଫୋରକ ଜବତ

**ଭବାନୀପାଟଣା/ଜୟପାଟଣା, ୫।୬(ସମିସ)**: ସଶସ୍ତ୍ର ମାଓବାଦୀମାନେ ସୁନ୍ଦରଗଡ଼ ଜିଲ୍ଲାରେ ୫ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ଲୁଟିନେବା ଘଟଣାକୁ ଦିନ କେଇଟା ପୂରି ନଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଆଜି ଏକାବେଳକେ ୬୫୦୦ କେଜି ବିସ୍ଫୋରକ ସହ ୧୧୫ଟି ଡିଟୋନେଟର୍ ଜବତ ହେବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବେଆଇନ ଭାବେ ଦୁଇଟି ଗାଡ଼ିରେ ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଓ ପୁଲିସ୍ ମିଳିତ ଚଢ଼ଉ କରି



ଜୟପାଟଣା ଥାନା ଅଧୀନ ଲାଖବହାଲି ଜଗନ୍ନାଥ କ୍ରସରରୁ ଏହି ବିସ୍ଫୋରକ ଜବତ କରିଛି। ଜବତ ବିସ୍ଫୋରକ ମଧ୍ୟରେ ୭୫୦ମିଟର ୧୧୫ଟି ଡିଟୋନେଟର୍ ସହ ୩୦୦ ଏମଏମ ଲମ୍ବ ଓ ୮୩ ଏମଏମ ମୋଟା ବିଶିଷ୍ଟ କାଟ୍ରିଜ୍ ରହିଛି। ଏହାର ଓଜନ ୬୫୦୦ କେଜି ବୋଲି ଜଣାପଡ଼ିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଜଗନ୍ନାଥ କ୍ରସର୍‌ର ସୁପରଭାଇଜର୍ ଜଗନ୍ନାଥ ତିୱାରୀ, ଟ୍ରକ୍ ଚାଳକ ରଞ୍ଜନ କ୍ଷିତି, ପିକ୍-ଅପ୍ ଚାଳକ ଧର୍ମୁ ପୋଢ଼ ଓ ବ୍ଲାଷ୍ଟର୍ ଅରୁଣ କୁମାର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଜୟପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି।

ବିନା କୌଣସି ଅନୁମତି କିମ୍ବା ସଂରକ୍ଷଣ ପାଇଁ ବୈଧ ଲାଇସେନ୍ସ ନ ଥିବା ଉକ୍ତ ବିସ୍ଫୋରକ କଳିଙ୍ଗ ଆଣ୍ଡ କୋ ଆଲିସାନ ଲାଇଫ୍ ଷ୍ଟାଇଲ କମ୍ପାନୀର ମାଲିକ ଅନୁପ କୁମାର ଅଗ୍ରୱାଲ ଯୋଗାଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା ବିସ୍ଫୋରକ ସାମଗ୍ରୀର ସଂରକ୍ଷଣ ଓ ପରିବହନ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କୁହାଯାଉଛି। ଲାଖବାହାଲି ପଥର ଖଣି ମାଲିକ ଜନାର୍ଦ୍ଦନ ପଣ୍ଡାଙ୍କ ଖଣି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ବୋଝେଇ ୨ଟି ଗାଡ଼ି ଥିବା ବେଳେ ପଥର ଖଣି ସୁପଭାଇଜର ଜଗନ୍ନାଥ ତିୱାରି ଗାଡ଼ିକୁ ରଖିବାକୁ ଦେଇଥିଲେ ବୋଲି ପୁଲିସ୍ ଏକ ପ୍ରେସ୍‌ବାର୍ତ୍ତାରେ ସୂଚନା ଦେଇଛି। ତେବେ ସେ କିପରି ଏତେ ପରିମାଣରେ ବିସ୍ଫୋରକ ପରିବହନ କରୁଥିଲେ ଓ ଏହା କେଉଁଠିକୁ ଯାଉଥିଲା, ତାହା ପୁଲିସ ତଦନ୍ତ କରୁଛି। ସେହିପରି ବିସ୍ଫୋରକ ସାମଗ୍ରୀ ଦିନ ସମୟରେ ପରିବହନ ପାଇଁ ନିୟମ ଥିବା ବେଳେ ସନ୍ଧ୍ୟା ସମୟରେ କିପରି ଏହା ପରିବହନ ହେଉଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଉଲ୍ଲେଖଯୋଗ୍ୟ, ଜୟପାଟଣାର ଯେଉଁ ଅଞ୍ଚଳରୁ ଏହା ଜବତ କରାଯାଇଛି, ତାହା ଜଙ୍ଗଲକୁ ଲାଗି ରହିଛି। ଏହା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ। ପାଖରେ ବହୁମୁଖୀ ଇନ୍ଦ୍ରାବତୀ ଡ୍ୟାମ, ଇନ୍ଦ୍ରାବତୀ ପ୍ରକଳ୍ପ, ମଙ୍ଗଳପୁର ବ୍ୟାରେଜ, ମେଗା ପାନୀୟ ଜଳ ପ୍ରକଳ୍ପ, ସ୍କୁଲ, କଲେଜ ଇତ୍ୟାଦି ରହିଛି। ଏହା ଅସାମାଜିକ ବ୍ୟକ୍ତିର ହାତରେ ପଡ଼ିଥିଲେ, କ'ଣ ହୋଇଥା'ନ୍ତା ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ଖଣି ବିଭାଗ ଜୁନିୟର ଖଣି ଅଧିକାରୀ ପ୍ରଶାନ୍ତ କର ଓ ଜୟପାଟଣା ଥାନା ଅଧିକାରୀ ମମତା ହେମ୍ବ୍ରମ, ସବ୍-ଇନ୍ସପେକ୍ଟର ବିନୟ କୁମାର ବାରା ତଦନ୍ତ ଆରମ୍ଭ କରିଛନ୍ତି।

## ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ରୋଗୀ ମୃତ୍ୟୁ ଘଟଣା
# ବିଧାୟକ-କଂଗ୍ରେସ କର୍ମୀ ଧସ୍ତାଧସ୍ତି

**କୋରାପୁଟ, ୫।୬ (ସମିସ)**: କୋରାପୁଟ ସହିଦ ଲକ୍ଷ୍ମଣ ନାୟକ(ଏସ୍‌ଏଲ୍‌ଏନ୍) ମେଡିକାଲ କଲେଜ ଓ ହସ୍‌ପିଟାଲରେ ସ୍ୱଳ୍ପ ସମୟ ବ୍ୟବଧାନରେ ୬ ରୋଗୀଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଘଟଣାର ଅନୁଧ୍ୟାନ କରିବାକୁ ମେଡିକାଲ ଗସ୍ତରେ ଆସିଥିବା ବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ ତୀବ୍ର ବିରୋଧ କରିଛନ୍ତି। ଏପରିକି, ସ୍ଥାନୀୟ ବିଧାୟକ ରଘୁରାମ ମାଛ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଛି।

ଅପରପକ୍ଷେ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି। ଭୁଲ୍ ଚିକିତ୍ସା ସ୍ପଷ୍ଟ ହେଲେ, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଜି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଏସ୍‌ପି ରୋହିତ ବର୍ମାଙ୍କ ସହ ହସ୍ପିଟାଲ ପରିଦର୍ଶନ କରିଥିଲେ। ତେବେ ଏହାକୁ ନେଇ ସେଠାରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ସେମାନେ କହିଥିଲେ ଯେ ମନ୍ତ୍ରୀ ମାତ୍ର ୫ ମିନିଟ୍‌ରେ ଏମିତି କ'ଣ ଅନୁଧ୍ୟାନ କଲେ? ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲେ ନା ଖାଲି ବୁଲିବାକୁ ଆସିଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଥିଲା।

କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସମ୍ପାଦକ ରୂପକ ତୁରୁକ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ସାଂସଦ ପ୍ରତିନିଧି ବାବୁଲା



ବେନିଆ, କଂଗ୍ରେସ ନେତା ରମେଶ ବାକ୍ଷିଆ, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଶତାଧିକ କର୍ମୀଙ୍କ ସହ ମନ୍ତ୍ରୀଙ୍କୁ ବିରୋଧ କରିଥିଲେ। ମନ୍ତ୍ରୀଙ୍କୁ ବିରୋଧ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏନେଇ ପୂର୍ବତନ ବିଧାୟକ ନିମାଇଁ ସରକାର ଅଭିଯୋଗ କରିଛନ୍ତି ଯେ କଂଗ୍ରେସ କର୍ମୀମାନଙ୍କୁ ବିଧାୟକ ଧକ୍କା ମାରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଭେଟି କୋରାପୁଟ ମେଡ଼ିକାଲ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ଚାହୁଥିଲେ। କିନ୍ତୁ ସ୍ଥାନୀୟ ବିଧାୟକ ଏହାକୁ ବିରୋଧ କରିଥିଲେ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରୂପକ ତୁରୁକ ପ୍ରଶ୍ନ କରିଛନ୍ତି ଯେ ମନ୍ତ୍ରୀ ଆଇସିୟୁ ବିଭାଗକୁ ଯାଇ କ'ଣ ସ୍ଥିତି ଅଛି ଦେଖିବା କଥା। କିନ୍ତୁ ମନ୍ତ୍ରୀ ସେଠାକୁ

■ ମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ଜୋର୍‌ଦାର୍ ବିରୋଧ
■ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ
■ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ନଯାଇ କ'ଣ ଦେଖିବାକୁ ଆସିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନାବାଧିକାର ଆୟୋଗ(ଏନ୍‌ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍‌କୁ ଦାୟିତ୍ୱ ଦିଆଯିବା ସହ ଏନ୍‌ଏଚ୍‌ଆରସି ଟିମ୍ ମେଡ଼ିକାଲ ପରିଦର୍ଶନ କରିବାକୁ ସେ ଦାବି କରିଛନ୍ତି। ଏହାସହ, ସମସ୍ତ ମେଡ଼ିକାଲ ଷ୍ଟାଫ୍‌ଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ମୃତକଙ୍କ ପରିବାରକୁ ୩୦ଲକ୍ଷ କ୍ଷତିପୂରଣ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ଦେବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ୫ ଜଣିଆ କମିଟିର ତଦନ୍ତ ଆରମ୍ଭ

୬ ରୋଗୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଡିଏମଇଟିଙ୍କ ଦ୍ୱାରା ନିଯୁକ୍ତ ଟିମ୍ ବୁଧବାର ରାତିରେ କୋରାପୁଟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହସ୍‌ପିଟାଲ ଅଧୀକ୍ଷକ ପ୍ରଫେସର୍ ସୁଶାନ୍ତ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟର ଆନାସ୍ଥିସିଆ ବିଶେଷଜ୍ଞ ପ୍ରଫେସର୍ ଏଚ୍.କେ ଦଳେଇ, ସର୍ଜରୀ ବିଶେଷଜ୍ଞ ସହକାରୀ ପ୍ରଫେସର୍ ଡାକ୍ତର ଆଇ. ଗୋପାଳ, ମେଡିସିନ୍ ସ୍ପେସିଆଲିଷ୍ଟ ପ୍ରଫେସର୍ ଡାକ୍ତର ସଚ୍ଚିଦାନନ୍ଦ ନାୟକ, କଟକ ବଡ଼ ମେଡ଼ିକାଲର ସର୍ଜରୀ ବିଶେଷଜ୍ଞ ପ୍ରଫେସର ଏଚ୍.କେ. ମାଝୀ ଏବଂ ସହକାରୀ ପ୍ରଫେସର ଡାକ୍ତର ବି.ସ୍ୱାଗତ କୁମାର ସୁବୁଦ୍ଧି ବୁଧବାର ରାତିରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତକାରୀ ଡାକ୍ତର ଟିମ୍ ଆଇସିୟୁ ଏବଂ ସର୍ଜରୀ ୱାର୍ଡ ଯାଇ ମୃତ ରୋଗୀମାନଙ୍କୁ ଦିଆ ଯାଇଥିବା ଔଷଧ, ଇଞ୍ଜେକସନ ଯାଞ୍ଚ କରିବା ସହ ସେତେବେଳେ ଡ୍ୟୁଟିରେ ଥିବା ଡାକ୍ତର ଓ ଷ୍ଟାଫ୍‌ନର୍ସମାନଙ୍କୁ ପଚରା ଉଚରା କରିଛନ୍ତି।

## ହତ୍ୟାର ହଟ୍‌ସ୍ପଟ୍ ଗଞ୍ଜାମ
# ୨୪ ଘଣ୍ଟାରେ ଗଡ଼ିଲା ଆଉ ୨ ମୁଣ୍ଡ

**କୋଦଳା/ଜଗନ୍ନାଥପ୍ରସାଦ, ୫।୬ (ସମିସ)**: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସିବା ପୂର୍ବରୁ ଜିଲ୍ଲାରେ ଦୁଇ ଦୁଇଟି ବୀଭତ୍ସ ହତ୍ୟାକାଣ୍ଡ ପୁଲିସ୍ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କୋଦଳା ଥାନା ନାୟିକାଣୀପଲ୍ଲିରେ ନାତିର ଠେଙ୍ଗାମାଡ଼ରେ ଜେଜେମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ରାସ୍ତା ଉପରେ ଶାଳୀକୁ ହାଣି ହତ୍ୟା କରିଛି ଭିଣୋଇ।


ସୂଚନାନୁଯାୟୀ, ନାୟିକାଣୀପଲ୍ଲି ମାଗୁରା ସାହିରେ ଚିତ୍ରସେନ୍ ସ୍ୱାଇଁ, ସ୍ତ୍ରୀ ସୁମତି ଏବଂ ତାଙ୍କର ପୁଅ-ଝିଅ ରହନ୍ତି। ଚିତ୍ରସେନ୍ ପ୍ରାୟ ସମୟରେ ପାଗଳଙ୍କ ଭଳି ବ୍ୟବହାର କରି ବିଭିନ୍ନପ୍ରକାର ଅଘଟଣ ଘଟାଉଥିଲେ। ବାହାର ଲୋକଙ୍କୁ ମାରଧର କରିବା ସହ ଗାଡ଼ି, ସାଇକଲ ଆଦି ଭଙ୍ଗାରୁଜା କରିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। କିଛି ଦିନ ତଳେ ପୁଲିସ ତାଙ୍କୁ ଅଟକ ମଧ୍ୟ ରଖିଥିଲା। ତେବେ ବୁଧବାର ରାତି ପ୍ରାୟ ୧୧ଟାରେ ସେ ହଠାତ୍ ସୁମତିଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ସୁମତି କୌଶଳକ୍ରମେ ବାହାରକୁ ପଳାଇ ଆସିଥିଲେ ହେଁ ପୁଅ-ଝିଅ ଘର ଭିତରେ ରହିଯାଇଥିଲେ। ତେଣୁ ପିଲାଦ୍ୱୟଙ୍କୁ ଆଣିବା ପାଇଁ ଜେଜେମା' ଅନି ସ୍ୱାଇଁ (୮୫)ଙ୍କୁ ସୁମତି ଘର ଭିତରକୁ ପଠାଇଥିଲେ। ଏହି ସମୟରେ ରାଗରେ ଥିବା ପାଗଳପ୍ରାୟ ଚିତ୍ରସେନ ଜେଜେମା'ଙ୍କୁ ବି ଛାଡ଼ିନଥିଲା। କାଠଫାଳିଆରେ ପିଟିପିଟି ଆଣି ରାସ୍ତା ଉପରେ ପକାଇ ଦେଇଥିଲା। ପାଟି ଶୁଣି ତାଙ୍କ ବଡ଼ବାପା ଦିବାନ ସ୍ୱାଇଁ ଏବଂ ବଡ଼ମା' ସୁରି ସ୍ୱାଇଁ ପହଞ୍ଚି ମା'କୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଚିତ୍ରସେନ ଆକ୍ରମଣ କରିଥିଲା। ଗାଁ ଲୋକ ଏହା ଦେଖୁଥିଲେ ହେଁ ପାଖକୁ ଯିବାକୁ କେହି ସାହସ ଜୁଟାଇ ପାରିନଥିଲେ। ଚିତ୍ରସେନ୍ ଚାଲିଯିବା ପରେ ଏକ ଆମ୍ବୁଲାନ୍ସରେ ଅନି ଓ ଦିବାନଙ୍କୁ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଅନିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଚିତ୍ରସେନକୁ ଅଟକ ରଖି ପଚରାଉଚରା କରୁଛି।


ସେହିଭଳି ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ଶାଳୀକୁ ଅତି ନୃଶଂସ ଭାବେ ହାଣି ହତ୍ୟା କରିଛି ଭିଣୋଇ। ମୃତକ ହେଲେ, ଜଗନ୍ନାଥପ୍ରସାଦ ଥାନା ଚଢ଼ିଆପଲ୍ଲୀ ଗ୍ରାମ ବଉଳସାହିର ଗଦାଧର ତ୍ରିପାଠୀଙ୍କ ଝିଅ ବିଜୟଲକ୍ଷ୍ମୀ ତ୍ରିପାଠୀ(୪୦)। ସେ ଜଣେ ଆଶାକର୍ମୀ। ଏକ ଧାରୁଆ ଅସ୍ତ୍ରରେ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀ (୫୦) ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଜଗନ୍ନାଥପ୍ରସାଦ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ୍ ରାମଚନ୍ଦ୍ର ଏବଂ ତାଙ୍କ ପତ୍ନୀଙ୍କୁ ଅଟକ ରଖି ପଚାରାଉଚରା କରୁଛି।

ସୂଚନାନୁସାରେ, ଗଦାଧରଙ୍କ ଝିଅ ବିନୋଦିନୀଙ୍କୁ ବିବାହ କରିବା ପରେ ରାମଚନ୍ଦ୍ର ଘରଜ୍ୱାଇଁ ଭାବେ ରହୁଥିଲେ। ଗଦାଧରଙ୍କ ମୃତ୍ୟୁ ପରେ ସମ୍ପତ୍ତି ଭଗବଣ୍ଟାକୁ ନେଇ ରାମଚନ୍ଦ୍ର ଓ ଶାଳୀ ବିଜୟଲକ୍ଷ୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ଦୀର୍ଘବର୍ଷ ହେବ କୋର୍ଟରେ ମକଦ୍ଦମା ଲାଗି ରହିଥିଲା। ତେବେ ବିବାଦୀୟ ଜାଗାରେ ଘର ତିଆରି ପାଇଁ ବୁଧବାର ଦିନ ରାମଚନ୍ଦ୍ର ପଥର ପକାଇବାରୁ ବିଜୟଲକ୍ଷ୍ମୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାମଚନ୍ଦ୍ର ଧରିଥିବା ଏକ ଧାରୁଆ ଅସ୍ତ୍ରରେ ବିଜୟଲକ୍ଷ୍ମୀଙ୍କୁ ଚୋଟ ପରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ବଂଶୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଅପରାହ୍ନରେ ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନଭିନ ଜାରି ରଖିଥିଲେ।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ରମ୍ଭା, ଛତ୍ରପୁର ଓ ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଜିଲ୍ଲାରେ ଏହି ଦୁଇ ଦୁଇଟି ହତ୍ୟାକାଣ୍ଡ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ଏହି ୨ଟି ଘଟଣା ନୁହେଁ, ଜିଲ୍ଲାରେ ପ୍ରତି କିଛିଦିନ ଅନ୍ତରାଳରେ ହତ୍ୟାକାଣ୍ଡରେ କାହାର ନା କାହାର ମୁଣ୍ଡ ଗଡୁଛି। ୨ ଦିନ ତଳେ ଜଣେ ଜେଲ୍‌ଫେରନ୍ତା ଯୁବକଙ୍କୁ କିଛି ଦୁର୍ବୃତ୍ତ ଅତି ଅମାନବୀୟ ଭାବେ ଅପହରଣ କରି ହତ୍ୟା କରିଥିଲେ। କହିବାକୁ ଗଲେ, ବର୍ତ୍ତମାନ ଗଞ୍ଜାମ ପୂରା ରାଜ୍ୟରେ 'ହତ୍ୟାକାଣ୍ଡ'ର ହଟ୍‌ସ୍ପଟ୍ ପାଲଟିଛି।

■ ନାତିର କାଠଫାଳିଆ ମାଡ଼ରେ ଜେଜେ ମା' ମୃତ
■ ରାସ୍ତାରେ ହାଣିଲା ଭିଣୋଇ, ଶାଳୀ ମୃତ
■ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ହତ୍ୟାକାଣ୍ଡ; ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ





# ଲାଞ୍ଚ ନେଇ ସେକ୍ସନ୍ ଅଫିସର୍ ଗିରଫ

**ପୁରୀ, ୫।୬(ସମିସ)**: ପୁରୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର୍ ମନୋଜ ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ନିମାପଡ଼ା ରେଞ୍ଜର ଅଭିଯୋଗକାରୀ ଏବଂ ଅନ୍ୟ ପାଞ୍ଚଜଣଙ୍କ ବିଦ୍ୟୁତ୍ ଚାଳିତ ଗାଡ଼ିର ସୁବିଧା କରାଇବା ପାଇଁ ସେକ୍ସନ ଅଫିସର୍ ବିଳମ୍ବ କରାଉଥିଲେ। ଏଥିଲାଗି ସେ ୯ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଗୁରୁବାର ଶ୍ରୀ ମହାନ୍ତି ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ କାବୁ କରିଥିଲା। ଶ୍ରୀ ମହାନ୍ତିଙ୍କଠାରୁ ୯ ହଜାର ଟଙ୍କା ଜବତ କରାଯାଇଛି। ଅନ୍ୟପଟେ ତାଙ୍କ ଆବାସିକ ଘର କଟକ ବୟାଳିଶମୌଜା, ମାହାଙ୍ଗାସ୍ଥିତ ପୈତୃକ ବାସଭବନ ଏବଂ ଅଫିସ୍‌ରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ତାଙ୍କ ବିରୋଧରେ ଏକେ ମାମଲା ରୁଜୁ କରିଛି।

# କଟିବ ୨୦ଲକ୍ଷ ହିତାଧିକାରୀଙ୍କ ରାସନ କାର୍ଡ

**ଭୁବନେଶ୍ୱର, ୫।୬(ସମିସ)**: ଦୀର୍ଘ ୮ ମାସ ଧରି ଚାଲୁଥିବା ଇ-କେୱାଇସି ଏହି ମାସରେ ଶେଷ ହେବ। ହେଲେ ଏବେ ବି ୨୦ଲକ୍ଷରୁ ଅଧିକ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେଣୁ ଏହି ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ନିଜର ଇ-କେୱାଇସି ଶେଷ କରିବେନି, ସେମାନଙ୍କର ରାସନ କାର୍ଡ କଟିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେଣୁ ଚଳିତ ମାସ ଶେଷ ସୁଦ୍ଧା ଯେଉଁ ହିତାଧିକାରୀ ଇ-କେୱାଇସି ପ୍ରକ୍ରିୟା ଶେଷ କରିବେ ନାହିଁ, ସେମାନଙ୍କ ରାସନ କାର୍ଡ ବାତିଲ ହେବ। ପ୍ରାୟ ୨୦ ଲକ୍ଷ ହିତାଧିକାରୀ ଏଥିରୁ ବାଦ ପଡ଼ିବାର ସମ୍ଭାବନା ରହିଛି। ଗତ ୧୩ ବର୍ଷ ଧରି ନୂଆ ରାସନ କାର୍ଡ ଜାରି ହୋଇନାହିଁ। ନୂଆ ସରକାର ଗଠନ ପରେ ୧୭ ଲକ୍ଷ ନୂଆ ଆବେଦନ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

# ଟାଇଁସି-କୋଠଭୂଇଁ ଅଞ୍ଚଳରେ ହାତୀ ଉପଦ୍ରବ ଅସହ୍ୟ

ଅନୁଗୋଳ, ୫।୬(ସମିସ)





ଅନୁଗୋଳ ବ୍ଲକ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ପରିସୀମା ଟାଇଁସି-କୋଠଭୂଇଁ ଏକ କୃଷିପ୍ରଧାନ ଅଞ୍ଚଳ। ଏହି ଅଞ୍ଚଳରେ ଥିବା ୨୮ ଗ୍ରାମର ଲୋକଙ୍କ ମୁଖ୍ୟ ଜୀବିକା ଆମ୍ବ, ପଣସ, କନ୍ଦମୂଳ ଓ ଧାନଚାଷ ଆଦି କୃଷିକାର୍ଯ୍ୟ। ହଜାର ହଜାର ହେକ୍ଟର ଜମିରେ କନ୍ଦମୂଳ, ଆମ୍ବଚାଷ କରାଯାଇ ଦିଲ୍ଲୀ, ଉତ୍ତରପ୍ରଦେଶ ସମେତ ଦେଶର ଅନ୍ୟ ଅଞ୍ଚଳକୁ ଏହାକୁ ରପ୍ତାନୀ କରାଯାଇଥାଏ। ଅଞ୍ଚଳବାସୀ କୃଷିକାର୍ଯ୍ୟ କରି ନିଜ ଆର୍ଥିକ ଅବସ୍ଥା ସୁଧାରିଥିବା ବେଳେ ଚଳିତ ବର୍ଷ ହାତୀ ଉପଦ୍ରବ ଅଞ୍ଚଳବାସୀଙ୍କୁ ବିବ୍ରତ କରିଛି। ଗତ ୧୦ ଦିନ ହେଲା ଅଞ୍ଚଳର ପ୍ରତ୍ୟେକ

- ହଜାର ହଜାର ଆମ୍ବଗଛ ନଷ୍ଟ କଲେ; ଗ୍ରାମବାସୀଙ୍କ ଜୀବନ ଜୀବିକା ବିପନ୍ନ
- ବନ ବିଭାଗ ବିରୋଧରେ ଅଞ୍ଚଳବାସୀଙ୍କ ମହାମେଳି: ବିକ୍ଷୋଭ ପାଇଁ ସଜବାଜ

ଗ୍ରାମରେ ୪ଟି ହାତୀଦଳ ଚାଷୀଙ୍କ ଫସଲ ନଷ୍ଟ କରୁଥିବା ଘଟଣା ଚାଷୀମାନଙ୍କ ଚିନ୍ତାର କାରଣ ହୋଇଛି। ଶହ ଶହ ବର୍ଷରୁ ଏହି ଅଞ୍ଚଳକୁ ହାତୀ ଆଦୌ ଆସୁ ନ ଥିବା ବେଳେ ଗତ ୭ ବର୍ଷ ହେଲା କାଁ ଭାଁ ଆସୁଥିଲେ। ଚଳିତ ବର୍ଷ ୧୦ ଦିନ ହେଲା ୪ଟି ଦଳରେ ପ୍ରାୟ ୫୦ ହାତୀ ଅଞ୍ଚଳରେ ଡେରା ପକାଇ ରହୁଛନ୍ତି। ହାତୀ ଗାଁର ଚାଷଜମି, ଆମ୍ବ ପଣସ ବଗିଚାରେ ଏକପ୍ରକାର ତାଣ୍ଡବ ଲୀଳା କରିଛନ୍ତି। ହଜାର ହଜାର ଆମ୍ବ ଗଛ ଭାଙ୍ଗି ଉପାଡ଼ି ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। ଲଇମୁଣ୍ଡା, ଓଲାବେରୀ, ନୂଆପଡ଼ା ହିଞ୍ଜାଗୋଳା, ବରଗୋଠ ଗ୍ରାମରେ ହାତୀପଲ ରହି ଆମ୍ବ ପଣସ ଗଛ ନଷ୍ଟ କରି ଧାନବସ୍ତା ଓ ମହୁଲ ଖାଇଦେଉଛନ୍ତି। ସଞ୍ଜ ନଇଁଲେ ହାତୀଙ୍କ ରଡ଼ିରେ ଗ୍ରାମବାସୀ ଭୟଭୀତ ହୋଇପଡ଼ୁଛନ୍ତି। ଫଳରେ ଗାଁରେ ତାଟିକବାଟ ପଡ଼ିଯାଉଛି। ଗାଁ ଗାଁରେ ଲୋକେ କାଠରେ ନିଆଁ ଲଗାଇ ହାତୀ ମୁହଁରୁ ନିଜକୁ ତଥା ଘରଦ୍ୱାର ଓ ଫସଲକୁ ରକ୍ଷା କରିବା ପାଇଁ ଦଳବଦ୍ଧ ହୋଇ ରାତି ଅନିଦ୍ରା ହୋଇ ଜଗି ରହିବାକୁ ପଡୁଛି।

ହାତୀପଲ ପ୍ରାୟ ଶହେ ହେକ୍ଟର ଆମ୍ବ ବଗିଚାର ଲକ୍ଷ ଲକ୍ଷ ଟଙ୍କାର ଆମ୍ବଗଛ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ବେଳେ ବନ ବିଭାଗ ପକ୍ଷରୁ ଅଦ୍ୟାବିଧି କୌଣସି ଆକଳନ କରାଯାଇ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ବନ ବିଭାଗକୁ ବାରମ୍ବାର ହାତୀ ସମ୍ବନ୍ଧରେ ସୂଚନା ଦେଲେ ମଧ୍ୟ କୌଣସି କର୍ମଚାରୀଙ୍କ ଦେଖାଦର୍ଶନ ନାହିଁ। ଗ୍ରାମବାସୀ ହାତୀ ଭୟରୁ ରକ୍ଷା ପାଇବା ପାଇଁ ରାତି ଉଜାଗର ରହୁଥିବା ବେଳେ ବନ ବିଭାଗ କର୍ମଚାରୀ କୌଣସି ଗାଁକୁ ହାତୀମାନଙ୍କୁ ସୁରକ୍ଷିତ ଡ୍ରାଇଭ୍ କରିବାକୁ ଆସୁନାହାନ୍ତି। ବନ ବିଭାଗ ଗ୍ରାମବାସୀଙ୍କୁ କୌଣସି ପ୍ରକାରେ ସହଯୋଗ କରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଅଞ୍ଚଳରେ ଥିବା କୃଷକ ଓ ଚାଷୀ ସଂଗଠନ ସମେତ ଚଷା ସମାଜରେ ହାତୀ ସମସ୍ୟା ନେଇ ଆଲୋଚନା ହୋଇଛି। ବନ ବିଭାଗ ପକ୍ଷରୁ ସମସ୍ୟା ସମାଧାନ କରା ନ ଗଲେ ଆନ୍ଦୋଳନ ପାଇଁ ଏକପ୍ରକାର ନିଷ୍ପତ୍ତି ନିଆଯାଇଛି। ଅଞ୍ଚଳର ବରଗୋଠ, ଭଗତପୁର, ଦଣ୍ଡସିଂହା, ଲକ୍ଷଣପୁର, ତାବେଡ଼ା ଓ ଅନ୍ତୁଳିଆ ପ୍ରଭୃତି ଅଞ୍ଚଳ ଅନୁଗୋଳ ବନଖଣ୍ଡ ଅଧୀନରେ ଆସୁଥିବା ବେଳେ ହିଞ୍ଜାଗୋଳା, ନୂଆପଡ଼ା, ଟାଇଁସି ଓ କୋଠଭୂଇଁ ପଞ୍ଚାୟତର ସମସ୍ତ ଗ୍ରାମ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ରହିଛି। ବରଗୋଠର ଜଗମୋହନ ସାହୁଙ୍କ ଆମ୍ବବଗିଚା ହାତୀପଲ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ବନଖଣ୍ଡର ସୀମା ନେଇ କୌଣସି ଅଭିଯୋଗକୁ ଉଭୟ ବନଖଣ୍ଡ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲଇମୁଣ୍ଡା ଗ୍ରାମରେ ରାତିଦିନ ୨ଟି ହାତୀଦଳର ୧୭ଟି ହାତୀ ଡେରା ପକାଇ ଗ୍ରାମରେ ଶହେରୁ ଅଧିକ ଆମ୍ବ, ପଣସ ଓ ନଡିଆ ଗଛ ନଷ୍ଟ କରିସାରିଲେଣି। ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ସମ୍ପାଦକ ମୋହନ ପ୍ରଧାନ ଏବଂ ସଭାପତି ଧ୍ରୁବଚରଣ ବେହେରା ସାତକୋଶିଆ ବାନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ହାତୀମାନଙ୍କୁ ସଠିକ୍ ଡ୍ରାଇଭ୍ କରାଯାଇ ନାହିଁ। ଏପରିକି ଆମ୍ବ ବଗିଚାର କ୍ଷୟକ୍ଷତି ଆକଳନ ମଧ୍ୟ କରାଯାଇ ନାହିଁ। ହାତୀ ଉପଦ୍ରବ ଯୋଗୁଁ ଗାଁରେ ତାଟିକବାଟ ପଡ଼ିଯାଉଛି। ଗ୍ରାମବାସୀ ଭୟଭୀତ ଅବସ୍ଥାରେ ନିଆଁ ଲଗାଇ ରହୁଥିବା ବେଳେ ବନ ବିଭାଗର ଦେଖାଦର୍ଶନ ନାହିଁ। ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ହାତୀ ଉପଦ୍ରବ ନେଇ ଉତ୍ତେଜନା ଲାଗି ରହିବା ସହ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି।

ସାତକୋଶିଆ ବନଖଣ୍ଡରେ ଥିବା ଅଭୟାରଣ୍ୟରେ ବାଉଁଶ ଜଙ୍ଗଲ ଧ୍ୱଂସ ପାଇଥିବା ସହ ବନ ବିଭାଗ ପକ୍ଷରୁ ବେଆଇନ ଭାବେ ଘାସ ଚାଷ ଓ ମିଡୋ ପାଇଁ ହଜାର ହଜାର ସଂଖ୍ୟାରେ ଗଛ କଟାଯାଇଥିବାରୁ ହାତୀ ଅଭୟାରଣ୍ୟକୁ ସୁରକ୍ଷିତ ମନେକରୁ ନାହାନ୍ତି। ଗାଁ ପାଖରେ ଗ୍ରାମବାସୀ ସୁରକ୍ଷା ଦେଉଥିବା ଜଙ୍ଗଲରେ ରହିଥିବା ବାଉଁଶ ଏବଂ ଚାଷୀ ସୃଷ୍ଟି କରିଥିବା ଆମ୍ବ ଓ ପଣସ ବଗିଚାକୁ ହାତୀ ଖାଦ୍ୟ ପାଇଁ ପଳାଇ ଆସିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବନ ବିଭାଗ ହାତୀଙ୍କ ସୁରକ୍ଷା ଓ ସେମାନଙ୍କ ଖାଦ୍ୟ ପାଇଁ କୌଣସି ଦୀର୍ଘ ମିଆଦୀ ବ୍ୟବସ୍ଥା କରିନାହିଁ। ଅଭୟାରଣ୍ୟରେ ଆମ୍ବ, ବେଲ, କଇଥ, ତାଳ, ପଣସ, ଜଙ୍ଗଲୀ କଦଳୀ ଆଦି କୌଣସି ଫଳଗଛ ନାହିଁ କି ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବନ ବିଭାଗର ଅପାରଗତାରୁ ଶାଳୀୟ ବାଉଁଶ ବଂଶ ସବୁ ଧ୍ୱଂସ ପାଇଛି। ଫଳରେ ହାତୀପଲ ଖାଦ୍ୟ ଅଭାବରୁ ଗାଁ ପାଖ ବାଉଁଶ ଜଙ୍ଗଲ ଓ ଆମ୍ବ ତଥା ଅନ୍ୟାନ୍ୟ ଫଳ ବଗିଚାକୁ ଖାଦ୍ୟ ପାଇଁ ଆସୁଛନ୍ତି। ବ୍ୟାପକ ଦୁର୍ନୀତି ଏବଂ ସରକାରୀ ଅନୁଦାନର ବାଟମାରଣା ଯୋଗୁଁ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ବନ ବିଭାଗ ଦୁର୍ନୀତିରେ ବୁଡ଼ି ରହିଥିବାରୁ ଗ୍ରାମବାସୀଙ୍କ ସହ କୌଣସି ସମ୍ପର୍କ ଜାଣିଶୁଣି ରଖାଯାଉନାହିଁ। ଆଗାମୀ ୧୦ ଦିନ ମଧ୍ୟରେ ବନ ବିଭାଗ ହାତୀ ଉପଦ୍ରବର କୌଣସି ସମାଧାନ ନ କଲେ ଗଣ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ତାଳଚେରର ପୌରପରିଷଦର ଜଳଛତ୍ର କାହା ସ୍ୱାର୍ଥରେ

# ଖରାରେ ପାଣି ଟୋପେ ପାଇଁ ଡହଳବିକଳ ବାଟୋଇ




ତାଳଚେରସଦର, ୫।୬(ସମିସ): ଶିଳ୍ପନଗରୀ ତାଳଚେର ସହରରେ ପ୍ରତିବର୍ଷ ଖରାଦିନ ଆସିଲେ ପୌରପରିଷଦ ପକ୍ଷରୁ ବାଟୋଇଙ୍କ ଶୋଷ ମେଣ୍ଟାଇବାକୁ ବିଭିନ୍ନ ଛକ ସ୍ଥାନରେ ଜଳଛତ୍ର ଖୋଲି ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ଛକରେ ଜଳଛତ୍ର ଖୋଲା ଯାଇଛି। ତେବେ ଏହା କେବଳ ପ୍ରହସନରେ ପରିଣତ ହୋଇଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏଠାରେ ଖୋଲା ଯାଇଥିବା ଜଳଛତ୍ରର କେଉଁ ସ୍ଥାନରେ ମାଠିଆଗୁଡ଼ିକରେ ପାଣି ନାହିଁ ତ ଆଉ କେଉଁଠି ମାଠିଆ ଭାଙ୍ଗିରୁଜି ତଳେ ଗଡୁଛି। ଫଳରେ ବାଟୋଇ ଖରାରେ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ଏଥିପାଇଁ ପୌରପରିଷଦ ପକ୍ଷରୁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଲୋକଙ୍କ ସେବାରେ ନ ଲାଗି କେବଳ ଝିଣ୍ଟିକା ମାରି ବଣି ପୋଷିବା ସଦୃଶ ହୋଇଛି।

# କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର, ୫।୬(ସମିସ): କିଶୋରନଗର +୨ କଲେଜର ବିଦାୟୀ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଶାନ୍ତ କୁମାର ପ୍ରଧାନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବରିଷ୍ଠ ପ୍ରାଧ୍ୟାପକ ବାବୁଲାଲ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ କିଶୋରନଗର କୋଷାଗାରର ଅଧିକାରୀ ସୁରେନ୍ଦ୍ର କୁମାର ମହାରଣା, ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ଡ. ଦଧିବାମନ ପ୍ରଧାନ, ସମ୍ମାନିତ ଅତିଥି ରୂପେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଇତିହାସ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଦେବରାଜ ନାୟକ, ଭାରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ମାଝୀ, ପାଇକସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ସାହୁ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାନଙ୍କ କାର୍ଯ୍ୟାଦକ୍ଷତା ଓ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ବକ୍ତବ୍ୟ ମାଧ୍ୟମରେ ଅଧ୍ୟକ୍ଷଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାନ ନିଜ ଅଧ୍ୟାପନା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଗ୍ରନ୍ଥାଗାରିକ ଦେବରାଜ ନାୟକଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୩, ୨୦୨୪, ୨୦୨୫ରେ କଳା, ବିଜ୍ଞାନ, ବାଣିଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାନଙ୍କୁ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅତିଥି ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ସ୍ମୃତିପ୍ରଭା ପ୍ରଧାନ ଭଜନ ପରିବେଷଣ କରିଥିବା ବେଳେ ଅଧ୍ୟାପିକା ସୁନେଲିକା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସେନାବାହିନୀରୁ ଅବସର ନେଲେ ସୁଶୀଲ



ତାଳଚେରସଦର, ୫।୬(ସମିସ): ତାଳଚେର ବ୍ଲକ ବହ୍ଲର ଗ୍ରାମର ଛବି ବଳ ଓ ନିରୁପମା ବଳଙ୍କ ପୁଅ ସୁଶୀଲ କୁମାର ବଳ ଭାରତୀୟ ସ୍ଥଳସେନାରେ ଦୀର୍ଘବର୍ଷ ସେବା ଯୋଗାଇ ବୁଧବାର ଘରକୁ ବାହୁଡ଼ିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପରିବାର ଲୋକ ଏବଂ ଗ୍ରାମବାସୀ ଭାବବିହ୍ୱଳ ହୋଇ ତାଙ୍କୁ ତାଳଚେର ରେଳ ଷ୍ଟେସନରୁ ଘରକୁ ପାଛୋଟି ଆଣିଥିଲେ। ଯୁବନେତା ଶୁଭେନ୍ଦୁ ରଥ, ସୁଧୀର ରଞ୍ଜନ ବଳ, ବିମଳ କୁମାର ଦାସ, ମନୋଜ କୁମାର ବଳ, ଛବି ଦାସ, ଡିଲେଶ୍ୱର ବଳ, ରାଜକିଶୋର ବଳ, ବିଶୁ ସାମଲ, ନଣ୍ଡା ସାମଲ, ରଞ୍ଜିତା ଦାସ ଏବଂ ଗ୍ରାମର ଯୁବଗୋଷ୍ଠୀ ସୁଶୀଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ ନିଜ ଜୀବନକୁ ଉତ୍ସର୍ଗ କରି ନିରବଚ୍ଛିନ୍ନ ଭାବେ ୨୩ବର୍ଷ ଦେଶ ମାତୃକାର ସେବା କରିଥିବାରୁ ତାଳଚେର ପାଇଁ ଗୌରବ ଆଣି ଦେଇଛନ୍ତି।

# ଶିବିରରୁ ୬୬ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ, ୫।୬(ସମିସ): କଣିହାଁ ପଞ୍ଚାୟତ, ଶିବଶକ୍ତି ଟ୍ରଷ୍ଟ, ଗ୍ରାମ୍ୟ ବିକାଶ ଟ୍ରଷ୍ଟ, ଶ୍ରୀ ଗଣେଶ ଏକାଡେମୀ, ଯୁବସମାଜ ସେବା ସଂଗଠନ ମିଳିତ ଆନୁକୂଲ୍ୟରେ କଣିହାଁ ରାଜୀବ ଭବନରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଣିହାଁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର



ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ କଣିହାଁ ବିଡିଓ ତ୍ରିବିକ୍ରମ କୁମ୍ଭରା, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ସୁମନ୍ତ କୁମାର ପଟେଲ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ସାମଲ, ମନୋଜ ପ୍ରଧାନ, ଶିବପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ତାଳଚେର ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୬୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଭଣ୍ଡାରର କୁମୁଦ ସାହୁ, ଗୋପାଳ ଚନ୍ଦ୍ର ବେହେରା, ତ୍ରିନାଥ ଓତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାୟକ, ବଳରାମ ପତି ପ୍ରମୁଖ ସହଯୋଗ କରିଥିଲେ।

# ଠିକା ଶ୍ରମିକ ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ



କଣିହାଁ, ୫।୬(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ଡେରେଙ୍ଗସ୍ଥିତ ଜେଆଇପିଏଲ କ୍ଷତିଗ୍ରସ୍ତ ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ ବୁଧବାର ସକାଳ ୯ଟାରେ ପ୍ରକଳ୍ପ ଫାଟକ ସମ୍ମୁଖରେ ଆନ୍ଦୋଳନ ଚାଲିଥିଲା। ଆନ୍ଦୋଳନ ସ୍ଥଳରେ ପ୍ରଶାସନ ପକ୍ଷରୁ ଏକ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଣିହାଁ ଆଡିସନାଲ ତହସିଲଦାର ଅନୁପ ପରମଗୁରୁ, କଣିହାଁ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଜେଆଇପିଏଲ ଅଧିକାରୀ, ଡେରଙ୍ଗ ଗ୍ରାମ ସଭାପତି ପ୍ରଶ୍ନ ନାୟକ, ସମ୍ପାଦକ ସୁଜିତ ସାହୁ ଏବଂ ସମାଜସେବୀ ତଥା ନାରୀନେତ୍ରୀ ଏସ ବେହେରା ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରଶାସନ ପକ୍ଷରୁ ନିଯୁକ୍ତି ବିଷୟରେ ଆଲୋଚନା ହୋଇଥିଲା। ମେଣ୍ଟେନାନ୍ସ ନିଯୁକ୍ତି, ଆବଶ୍ୟକ ସ୍ଥଳେ ଯୋଗ୍ୟତା ଅନୁଯାୟୀ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ଜେଆଇପିଏଲ ପ୍ରକଳ୍ପ ଦ୍ୱାରା ଶତପ୍ରତିଶତ ଜମିହରା ହୋଇଥିବା ଲୋକଙ୍କୁ କାରଖାନା କର୍ତ୍ତୃପକ୍ଷ ଠିକା ଶ୍ରମିକ ନିଯୁକ୍ତି କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଠିକା ସଂସ୍ଥାରେ ରାଜ୍ୟ ବାହାର ଶ୍ରମିକଙ୍କୁ ନିଯୁକ୍ତି ଦେଉଛନ୍ତି। ଏଣୁ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ ହେବ ବୋଲି ଗିରୀଶ ସାହୁ, ନିମେଇଁ ସାହୁ, ରାକେଶ ସାହୁ, ଦ୍ୱାରି ବେହେରା, କ୍ଷୀରୋଦ ସାହୁ କହିଛନ୍ତି।

# ଏନଟିପିସି ଠିକାଶ୍ରମିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କଣିହାଁ, ୫।୬(ସମିସ): ଏନଟିପିସି କଣିହାଁ ଟାଉନସିପ ସିଭିଲ୍ ମେଣ୍ଟେନାନ୍ସର ଠିକାଶ୍ରମିକ ପୂର୍ଣ୍ଣଚନ୍ଦ୍ର ନାଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ତାଙ୍କ ସହକର୍ମୀ ଠିକାଶ୍ରମିକଙ୍କ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ଟାଉନସିପ ସିଭିଲ ଅଫିସ ନିକଟରେ ଅନୁଷ୍ଠିତ ହୋଇଛି। ସମସ୍ତ ଠିକାଶ୍ରମିକ ନିଜର ଗୋଟିଏ ଦିନର ମଜୁରି ପ୍ରଦାନ କରିବା ସହ ବିଭିନ୍ନ ଆବଶ୍ୟକ ସାମଗ୍ରୀ ଓ ଉତ୍ତରୀୟ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଟାଉନସିପ ସିଭିଲ ମେଣ୍ଟେନାନ୍ସର ଠିକାଶ୍ରମିକ ନରେଶ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଏନଟିପିସି ଟାଉନସିପ ସିଭିଲ ମେଣ୍ଟେନାନ୍ସର ଇଞ୍ଜିନିୟର ଇନଚାର୍ଜ ସିନିୟର ମ୍ୟାନେଜର ଏନ୍ ରାମସତ୍ୟମୁ, ସ୍ଥାୟୀ କର୍ମଚାରୀ କିଶୋର ଚନ୍ଦ୍ର ସାହୁ, ରଜତ କୁମାର ସାହୁ, କଣ୍ଟ୍ରାକ୍ଟର ପଦ୍ମଚରଣ ସାହୁ, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି)ର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, ଉପସଭାପତି ଗନ୍ଧର୍ବ ନାଏକ, ଯୁଗ୍ମ ସମ୍ପାଦକ ଟୁନା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୱାଟର ସପ୍ଲାଇ ସିଷ୍ଟମର ଠିକାଶ୍ରମିକ ସିଙ୍ଗେଶ୍ୱର ସାହୁ, ସିଏଚପିର ଠିକାଶ୍ରମିକ ନୀଳାମ୍ବର ତିରିଆ, ଟାଉନସିପ ହର୍ଟିକଲଚର ଠିକାଶ୍ରମିକ ରବି ସେଠୀ, ଟିକନ ନାଏକ ଉପସ୍ଥିତ ଥିଲେ। ଟାଉନସିପ୍ ସିଭିଲ ମେଣ୍ଟେନାନ୍ସର ସୁପରଭାଇଜର ଅକ୍ଷୟ କୁମାର ସାହୁ ଓ ନିରଞ୍ଜନ ପ୍ରଧାନ, ଠିକାଶ୍ରମିକ ସୌରିଆ ସେଠୀ, ଶୁକଦେବ ସାହୁ, ବିନୋଦ ସେଠୀ, ମାନସ ବେହେରାଙ୍କ ସମେତ ସମସ୍ତ ଠିକାଶ୍ରମିକ ସହଯୋଗ କରିଥିଲେ।

# ଛାତ୍ର ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦର ସହାୟତା

କଣିହାଁ, ୫।୬(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଛାତ୍ର ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦିବଂଗତ କ୍ରୀଡ଼ା ଶିକ୍ଷକ ବୁରୁକୁନା ପଞ୍ଚାୟତ କୁଲାପାଳ ଗ୍ରାମର ଦୁଷ୍ମନ୍ତ କୁମାର ମିଶ୍ରଙ୍କ ଦ୍ୱାଦଶାହ କାର୍ଯ୍ୟରେ ବୁଧବାର ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଓଷ୍ଟା ତରଫରୁ ୫ ହଜାର ଟଙ୍କା ଓ ଅନୁଗୋଳ ଜିଲ୍ଲାର ସମସ୍ତ ବ୍ଲକର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀଙ୍କଠାରୁ ସଂଗୃହୀତ ୭୨ ହଜାର ଟଙ୍କା ସହାୟତା ରାଶି ଦୁଷ୍ମନ୍ତଙ୍କ ଦୁଇପୁଅଙ୍କୁ ପ୍ରଦାନ କରାଯାଇଛି। ପରିଷଦର ସଭାପତି କନ୍ତାରୁ ଚରଣ ସାହୁ, ପ୍ରଧାନଶିକ୍ଷକ ରାଜେଶ କୁମାର ଦାସ, ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରିଷଦର ସକ୍ରିୟ କର୍ମକର୍ତ୍ତା ତଥା ଓଷ୍ଟାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ କୁମାର ମିଶ୍ର, ଟ୍ରଷ୍ଟ ସମ୍ପାଦକ ମଳୟ ଚରଣ ପରିଡ଼ା, ମହର୍ଗା ପ୍ରଧାନ, ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ, ଲୋକନାଥ ମିଶ୍ର, ରୋହିତ କୁମାର ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହି ପରିବାର ଲୋକଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ସହ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଅନୁଗୋଳ, ୫।୬(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହୃଷୀକେଶ ଆଚାର୍ଯ୍ୟ, ପରିବାର ଅଦାଲତର ବିଚାରପତି ଚୌଧୁରୀ ପ୍ରବୀର କୁମାର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରୀ ଶ୍ରୀମୟୀ ଆଚାର୍ଯ୍ୟ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତ ବିଚାରପତି ସଙ୍ଗୀତା ମିଶ୍ର, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବନିଲ କୁମାର ଖଟାଇ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରିତୁଶ୍ରୀ ମହାରଣା, ବନାଞ୍ଚଳ ଅଧିକାରୀ ନିତୀଶ କୁମାର, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଣିଷ ସୁସ୍ଥ ଭାବରେ ବଞ୍ଚି ରହିବା ପାଇଁ ଏକ ଉତ୍ତମ ପରିବେଶ ଆବଶ୍ୟକ। କିନ୍ତୁ ବର୍ତ୍ତମାନ ଏହି ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି। ଅଧିକ ଯାନବାହାନ ଚଳାଚଳ, ପଲିଥିନ ବ୍ୟବହାର, ସର୍ବାଧିକ କଳକାରଖାନା ଗଢ଼ି ଉଠିବା ଓ ଗଛ କାଟିବାରୁ ପରିବେଶର ଅବକ୍ଷୟ ହେଉଛି। ଏଥିପାଇଁ ବୃକ୍ଷର ବଂଶବୃଦ୍ଧି ଏବଂ ନିଜେ ଗଛ ଲଗାଇବା ସହ ଅନ୍ୟକୁ ଏଥିପାଇଁ ସଚେତନ କରିବା ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାସହ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଓ ପରିବେଶ ସୁରକ୍ଷା ଆଇନ ଉପରେ ବୁଝାଇଥଲେ। ଏହି ଅବସରରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପିଜୁଳି, ବେଲ, ବଉଳ, ଅଶୋକ ଇତ୍ୟାଦି ଚାରାରୋପଣ କରାଯାଇଥଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସ

# ପରିବେଶ ପାଇଁ ପଲିଥିନ୍ ବିପଦ

ଅନୁଗୋଳ, ୫।୬(ସମିସ)



ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ। ଏହି ଅବସରରେ ଅନେକ ଭାଷଣବାଜି, ସେମିନାର, ପ୍ରତିଯୋଗିତା ହୋଇଥାଏ। କିନ୍ତୁ ଅସଲ ସମସ୍ୟା ଯେଉଁଠି ସେଇଠି ରହିଯାଏ। ସତ କହିବାକୁ ଗଲେ ଆମ ପରିବେଶ ଆଦୌ ଠିକ୍ ନାହିଁ। ଗତ ଦୁଇ ଦଶନ୍ଧି ଧରି ଅନୁଗୋଳବାସୀ ଜହର ଖାଉଛନ୍ତି, ଜହର ପିଉଛନ୍ତି ଆଉ ଜହର ଭିତରେ ରହୁଛନ୍ତି। ଫଳ ହେଉଛି ଅନୁଗୋଳ ଜିଲ୍ଲାରେ ବଢ଼ିଛି କ୍ୟାନ୍ସର, ହୃଦରୋଗ, କିଡନୀ, ଚର୍ମ ରୋଗ ଆଦି ଦୁଃସାଧ୍ୟ ସ୍ୱାସ୍ଥ୍ୟ ସମସ୍ୟା। ଆମେ ଯେଉଁ ଶସ୍ୟ, ପନିପରିବା ଖାଉଛୁ ସେଥିରେ ମାତ୍ରାଧିକ ସାର, ହର୍ମୋନ ଆଦି ଦିଆଯାଉଛି। କଦଳୀ, ଲିଚୁ, କମଳା, ପଣସ କିଣିଲା ବେଳେ ସେଥିରେ ମାତ୍ରାଧିକ କାର୍ବାଇଡ ଏବଂ ଅନ୍ୟାନ୍ୟ କେମିକାଲ ସ୍ପ୍ରେ କରାଯାଉଛି। ଜିଲ୍ଲାର ବୈତରଣୀ ନଦୀ ସର୍ବାଧିକ ପ୍ରଦୂଷିତ। କଳକାରଖାନାର ବିଷାକ୍ତ ଜଳ ଏଥିରେ ମିଶୁଛି। ପରିବେଶ ପାଇଁ ସବୁଠାରୁ ଅଧିକ ବିପଦ ସୃଷ୍ଟି କରୁଛି ପଲିଥିନ୍। ଅନୁଗୋଳରେ ଦିନକୁ ୩୫ ମେଟ୍ରିକ୍ ଟନ୍ କଠିନ ବର୍ଜ୍ୟବସ୍ତୁ ବାହାରୁଛି। ସେଥିରୁ ଅଧିକାଂଶ ଆବର୍ଜନା ହେଉଛି ପ୍ଲାଷ୍ଟିକ। ଅନୁଗୋଳ ସହରର ଅଧିକାଂଶ ଦୋକାନୀ ନିଷିଦ୍ଧ ପଲିଥିନ୍ ବ୍ୟାଗ୍ ବ୍ୟବହାର କରୁଛନ୍ତି। କିଛି ହୋଲସେଲର ଅତ୍ୟନ୍ତ ଚତୁରତାର ସହ ମ୍ୟୁନିସିପାଲିଟି ଅଞ୍ଚଳ ବାହାରେ ଚୋରା ଗୋଦାମ କରି ସହର ଭିତରକୁ ମାଲ ଚାଲାଣ କରୁଛନ୍ତି। ଏହାଦ୍ୱାରା ସେମାନେ ପୌରପାଳିକା ଚଢ଼ଉରୁ ବର୍ତ୍ତି ଯାଉଛନ୍ତି। ସହର ଭିତରେ ଚାରାରୋପଣ ଏବଂ ସବୁଜିମା ସୃଷ୍ଟି ଦିଗହରା ହେଇଛି। ଜିଲ୍ଲାର ଖଣିଖାଦାନ ଖୋଳା ଏବଂ ବ୍ୟାପକ ଗଛକଟା ଯୋଗୁଁ ଅମ୍ଳଯାନ ପରିମାଣ କମୁଛି ଏବଂ ବାୟୁ ପ୍ରଦୂଷଣ ବ୍ୟାପକ ହେଉଛି। ଯଦି ପରିବେଶ ସୁରକ୍ଷା ପାଇଁ ଏବେଠାରୁ ଠୋସ ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଅନୁଗୋଳ ଏକ ଶୁଷ୍କ ଅଞ୍ଚଳରେ ପରିଣତ ହେବ ଏବଂ ଜନଜୀବନ ଦୁର୍ବିସହ ହୋଇପଡ଼ିବ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ



ଅନୁଗୋଳ, ୫ା୬(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଗୁରୁବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ୧୦ କୋଟି ଚାରାରୋପଣ କରିବା ପାଇଁ ବୁଧବାର ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଶ୍ୱ ପରିବେଶ ଦିବସରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲ୍ଲାରେ ବ୍ୟାପକ କରି ସମସ୍ତ କାର୍ଯ୍ୟକର୍ତ୍ତା ଚାରାରୋପଣ କରିବା ସହ ତାହାର ଯତ୍ନ ନେଇ ବଞ୍ଚାଇ ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜକ ବିଜୟ ମାଝୀ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପ୍ରତିମା ମିଶ୍ର, ଦିଲୀପ ପ୍ରଧାନ, ସୁଦୀପ ଗଡ଼ନାୟକ, ଚୌଧୁରୀ ପ୍ରଧାନ, ଲିଙ୍ଗରାଜ ଦାସ, ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ପାଲଲହଡ଼ା, ୫ା୬(ସମିସ): ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ପାଲଲହଡ଼ା ଥାନା ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ ଗ୍ରାମର ଗୀତା ମୁଣ୍ଡା ଓ ତାଙ୍କ ସ୍ୱାମୀ ସିଧୁ ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସିଧୁ ଏକ ଟାଙ୍ଗିଆରେ ଗୀତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିବାବେଳେ ସିଧୁ ଫେରାର ହୋଇଯାଇଛନ୍ତି।

# ପଞ୍ଚାୟତକୁ ଆସୁନାହାନ୍ତି ଏଡିଇଓ; କାର୍ଯ୍ୟ ବାଧାପ୍ରାପ୍ତ

ବଇଣ୍ଡା, ୫ା୬(ସମିସ)



ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏଡିଇଓ ନଚିକେତା ପ୍ରଧାନ ନିୟମିତ ପଞ୍ଚାୟତକୁ ଆସୁନାହାନ୍ତି। ଫଳରେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ସରପଞ୍ଚ ସୁଲୋଚନା ବୀର ଗୁରୁବାର କିଶୋରନଗର ବିଡିଓଙ୍କୁ ଅଭିଯୋଗ

**● ବିଡିଓଙ୍କୁ ଅଭିଯୋଗ କଲେ ସରପଞ୍ଚ**

କରିଛନ୍ତି। ଅଭିଯୋଗପତ୍ରର ନକଲ ଅନୁଗୋଳ ଜିଲ୍ଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିଛନ୍ତି।

ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ ପଞ୍ଚାୟତର ବିକାଶ ସମ୍ପର୍କିତ ସମସ୍ତ ଯୋଜନାଗୁଡ଼ିକର କାର୍ଯ୍ୟଭାର ଏଡିଇଓଙ୍କ ଉପରେ ନ୍ୟସ୍ତ କରାଯାଇଛି। ଆମ୍ବପାଳ ପଞ୍ଚାୟତରେ ନିଯୁକ୍ତ ଏଡିଇଓ ନଚିକେତା ପ୍ରଧାନ ଦାୟିତ୍ୱ ନେବା ଦିନଠାରୁ ପଞ୍ଚାୟତକୁ ନିୟମିତ ଆସୁନାହାନ୍ତି। ବ୍ଲକ ପ୍ରଶାସନ ତାଙ୍କୁ ଅନ୍ୟ ଏକ ପଞ୍ଚାୟତ ଦାୟିତ୍ୱ ଦେଇଥିବା ବେଳେ ବିଭିନ୍ନ ସମୟରେ ବାହାନା କରି ସେ ଆମ୍ବପାଳ ପଞ୍ଚାୟତକୁ ଆସୁନାହାନ୍ତି। ଏହି ପଞ୍ଚାୟତରେ ବର୍ତ୍ତମାନ ମନରେଗା ଯୋଜନାରେ କାମ ହେଉଥିଲେ ମଧ୍ୟ ଡିମାଣ୍ଡ ପଠାଉ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ଶ୍ରମିକମାନେ ମଜୁରି ଟଙ୍କା ମଧ୍ୟ ପାଇପାରୁ ନାହାନ୍ତି। ଏଥିସହ ନୂତନ ଜବକାର୍ଡ ଆବେଦନ ପାଇଁ ଆସୁଥିବା ଶ୍ରମିକମାନେ ଏଡିଇଓଙ୍କୁ ନ ପାଇ ନିରାଶରେ ଫେରୁଛନ୍ତି। ମାସରେ କାଁ ଭାଁ ସେ ଅଫିସ ଆସୁଥିବା ବେଳେ ଅନ୍ୟ ଅଧିକାଂଶ ଦିନ ଅନୁପସ୍ଥିତ ରହୁଛନ୍ତି। ତୁରନ୍ତ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେଇ ଏହି ପଞ୍ଚାୟତରେ ନୂତନ ଏଡିଇଓ ନିଯୁକ୍ତ କରିବା ପାଇଁ ସରପଞ୍ଚ ଦାବି କରିଛନ୍ତି। ଏ ନେଇ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କୁହନ୍ତି, ସମ୍ପୃକ୍ତ ଏଡିଇଓଙ୍କୁ ଦୁଇ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ତେବେ ସେ କ'ଣ ପାଇଁ ଆମ୍ବପାଳ ପଞ୍ଚାୟତକୁ ଯାଉନାହାନ୍ତି ତାହାର ତଦନ୍ତ କରାଯିବ ବୋଲି ବିଡିଓ କହିଛନ୍ତି। ଏଡିଇଓ ନଚିକେତା ପ୍ରଧାନ କୁହନ୍ତି, ଅନେକ ସମୟରେ ମୁଁ ଆମ୍ବପାଳ ପଞ୍ଚାୟତକୁ କାର୍ଯ୍ୟ କରିବା ପାଇଁ ଯାଉଛି। ଦୁଇ ପଞ୍ଚାୟତ ଦାୟିତ୍ୱ ଦିଆ ଯାଇଥିବାରୁ ଉଭୟ ପଞ୍ଚାୟତକୁ ଯିବାକୁ ପଡୁଛି ବୋଲି ସେ କହିଛନ୍ତି।

## ପ୍ରେମ ପ୍ରତାରଣା; ଫେରାର ଯୁବକ ଗିରଫ

କିଶୋରନଗର/ବଇଣ୍ଡା, ୫ା୬(ସମିସ): କିଶୋରନଗର ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଆଠମଲ୍ଲିକ ଥାନା ଗଦାଧରପୁର ଗ୍ରାମର ରାଜେନ୍ଦ୍ର ବାଘଙ୍କୁ ଗୁରୁବାର ପୁଲିସ ଦିଗପୁର ଅଞ୍ଚଳରୁ ଗିରଫ କରିଛି। ୨୦୨୧ରେ ଥାନାରେ ପଞ୍ଜିକୃତ ମାମଲା ବଳରେ ରାଜେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଯୁବତୀଙ୍କୁ ରାଜେନ୍ଦ୍ର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ପ୍ରତାରଣା କରିଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ୪ ବର୍ଷ ହେବ ରାଜେନ୍ଦ୍ର ଫେରାର ହୋଇଯାଇଥିଲେ। ସେ ଦିଗପୁର ଅଞ୍ଚଳରେ ଲୁଚିଥିବା ଖବର ପାଇ ଥାନା ଆଇଆଇସି ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢ଼ଉ କରି ରାଜେନ୍ଦ୍ରଙ୍କୁ ଗିରଫ କରିଥିବା ଅନୁଗୋଳ ଏସପି ସୂଚନା ଦେଇଛନ୍ତି।

## ବିଜ୍ଞାନ ଶିକ୍ଷକଙ୍କ ପରଲୋକ

ଖମାର, ୫ା୬(ସମିସ): ପାଲଲହଡ଼ା ବ୍ଲକ ଖମାର ଥାନା ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଗଡ଼ନାୟକଙ୍କ ୪୭ ବର୍ଷ ବୟସରେ ପରଲୋକ ଘଟିଛି। ବୁଧବାର ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ଅନୁଗୋଳ ଜିଲ୍ଲା ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ଦେହାନ୍ତରେ ପରାଛାଟ ପଞ୍ଚାୟତବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଖମାରରେ ଭଡ଼ାଘରେ ରହୁଥିଲେ। ତାଙ୍କର ସ୍ତ୍ରୀ, ଦୁଇ ପୁଅଝିଅ ଓ ବାପାମାଆ ଅଛନ୍ତି।

## ବ୍ଲକରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

କିଶୋରନଗର, ୫ା୬(ସମିସ): କିଶୋରନଗର ବ୍ଲକ ସଭାଗୃହରେ ବିଡିଓ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ବିଭିନ୍ନ ଯୋଜନାରେ ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ଏପିଓ ଅନୁପମା ଭୋଇ, ସିପି ଧନେଶ୍ୱର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ, ଏଡିଇଓ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



**ପୋଖରୀରେ ଗାର୍ଡୱାଲ ନିର୍ମାଣ ହେଉନି**

# ରାସ୍ତା କାମକୁ ବିରୋଧ କଲେ ଗ୍ରାମବାସୀ

ବଇଣ୍ଡା, ୫ା୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାରେ ଥିବା ଚନ୍ଦନ ପୋଖରୀରେ ଗାର୍ଡୱାଲ ନିର୍ମାଣ ହେଉନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ଓ ଠିକାସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଗୁରୁବାର ବଇଣ୍ଡାଠାରେ ଜାତୀୟ ରାଜପଥ ନିର୍ମାଣ କାମକୁ ବନ୍ଦ କରି ଅଞ୍ଚଳବାସୀ ପ୍ରତିବାଦ କରିଛନ୍ତି।

ଗ୍ରାମବାସୀ କହିଛନ୍ତି ଯେ ବଇଣ୍ଡାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଉଛି। ଫ୍ଲାଏ ଓଭରବ୍ରିଜ କାମ ଚାଲୁଥିବା ବେଳେ ଉଭୟ ପାର୍ଶ୍ୱରେ ହୋଇଥିବା ରାସ୍ତା ଅତି ନିମ୍ନମାନର କାମ କରାଯାଉଛି। ନିର୍ମାଣର ୪/୫ ମାସ ପରେ ରାସ୍ତା ଫାଟିଯାଉଛି। କାମ ବେଳେ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଏପରିକି ନିର୍ମାଣ କରାଯାଇଥିବା ଡ୍ରେନଗୁଡ଼ିକ ଭାଙ୍ଗିଯାଇଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ବର୍ଷା ହେଲେ ପାଣି ଘରେ ପଶିଯାଉଛି। ଚନ୍ଦନ ପୋଖରୀରେ ୱାଲ ନିର୍ମାଣରେ ଅନିୟମିତା ଦେଖାଦେଇଛି। ୱାଲ କାମ ବହୁ ବିଳମ୍ବ ହେଉଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୱାଲ କାମ ୨୦ ପ୍ରତିଶତ ହୋଇଥିବା ବେଳେ ଠିକାସଂସ୍ଥା ଅବଶିଷ୍ଟ କାମ କରୁନାହିଁ। ୨ଟି ୱାଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଜାତୀୟ ରାଜପଥ ବିଭାଗର ସମ୍ବଲପୁର ପିଡିଙ୍କୁ ଗତ ଜାନୁଆରୀ ୧୦ରେ ଭେଟି ଦାବିପତ୍ର ଦେଇଥିବା ବେଳେ ତୁରନ୍ତ ୨ଟି ୱାଲ ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୱାଲ ନିର୍ମାଣରେ ବିଳମ୍ବ କରାଯାଉଥିବା ବେଳେ ଆଗକୁ ବର୍ଷା ଆସୁଥିବାରୁ ୱାଲ କାମ ହୋଇପାରିବ ନାହିଁ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ଶୀଘ୍ର ୱାଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ ମଧ୍ୟ ଠିକା ସଂସ୍ଥା ଏଥି ପ୍ରତି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ପୋଖରୀର ୱାଲ ନିର୍ମାଣ ସାଙ୍ଗକୁ ଡ୍ରେନ କାମ ସମ୍ପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ ରାସ୍ତା କାମକୁ ବିରୋଧ କରାଯିବ ବୋଲି ଗ୍ରାମ ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିନୀତ ସାହା, ସଞ୍ଜୟ ସାହୁ, ଶୁଭେନ୍ଦୁ ମୋହନ ସାହୁ, ଗିରୀଶ ଚନ୍ଦ୍ର ବେହେରା, ଜମ୍ବେଶ୍ୱର ସାହୁ, ସ୍ୱାଧୀନ ଟିବ୍ରୱାଲଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ସାଂସଦ



ଖଜୁରିଆକଟା, ୫ା୬(ସମିସ): ପୂର୍ବତନ ସାଂସଦ ମହେଶ ସାହୁ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଗସ୍ତକରି ପରଲୋକଗତ ଓ ଅସୁସ୍ଥ ବ୍ୟକ୍ତିମାନଙ୍କ ପରିବାରକୁ ଭେଟିଛନ୍ତି। ହିନ୍ଦୋଳ ଏନଏସି ୱାର୍ଡ ନଂ-୧ କମଣ୍ଡଳୀର ବିଜେଡି କାଉନସିଲର ସୌମିତ୍ର ବେହେରା, ଓଏଏସ ଅଧିକାରୀ ସବ୍ୟସାଚୀ ବେହେରା, ସାମ୍ବାଦିକ ସଂଗ୍ରାମ ବେହେରାଙ୍କ ବାପା ତଥା ପରଲୋକଗତ ଅବସରପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସ୍ୱର୍ଗତ ଯୁଗଳକିଶୋର ବେହେରାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ୱାର୍ଡ ନଂ-୫ ଧୁନ୍ଦିନାଳୀ ଗ୍ରାମର ସ୍ୱର୍ଗତ କଲେଜ ଅଧ୍ୟକ୍ଷ ଗୋପବନ୍ଧୁ ପତି ନିକଟରେ ପରଲୋକ ଗମନ କରିଥିବା ବେଳେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ଅସୁସ୍ଥ ଥିବା ପୂର୍ବତନ ନିଜିଗଡ଼ ସରପଞ୍ଚ ତଥା କାଉନସିଲର ରୀତା ପଲେଇ, ଦୁର୍ଘଟଣାରେ ଆହତ ଜିତେନ୍ ମହାପାତ୍ର ଓ ମହିଳା ସଂଗଠନ ନେତ୍ରୀ ବାସନ୍ତୀ ପ୍ରଧାନଙ୍କ ଘରକୁ ଯାଇ ସେମାନଙ୍କ ଭଲମନ୍ଦ ପଚାରି ବୁଝିଛନ୍ତି। ପରେ ୱାର୍ଡ ନଂ-୮ ସ୍ଥିତ ରାଧାମୋହନ ମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କ ସହ ମନ୍ଦିରର ବିଭିନ୍ନ ସମସ୍ୟା ଓ ତାହାର ପ୍ରତିକାର ସମ୍ବନ୍ଧରେ ଆଲୋଚନା କରି ଆବଶ୍ୟକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ସାଂସଦଙ୍କ ସହିତ ଏହି ଗସ୍ତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସମ୍ପାଦକ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ଆଇଟି ସେଲର ଶ୍ରୀକାନ୍ତ ମହାପାତ୍ର, ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, କାଉନସିଲର ସୌମିତ୍ର ବେହେରା, ଅନୁପମା ସାହୁ, ଶୁଭଲକ୍ଷ୍ମୀ ଦେହୁରୀ, ରୀତାରାଣୀ ବେହେରା, ସୁମତି ଦେହୁରୀ, ବିଷ୍ଣୁପ୍ରିୟା ନାଏକ, ବିଜେଡି ନେତା ରମେଶ ସାହୁ, ବିଜୟ ବେହେର, କୈଳାସ ବେହେରା, ଶୁଭେନ୍ଦୁ ଦାସ, ଦୁର୍ଗାପ୍ରସାଦ ସର, ସୁଜିତ ସର, ମଳୟ ଦାସ, ଟୁନୁ ପତି, ରୀତା ପଲେଇ, ବାସନ୍ତୀ ପ୍ରଧାନ, ବିଜୟ ବେହେରା, କୈଳାସ ବେହେରା, ଗୋବିନ୍ଦ ମିଶ୍ର, ଅରୁବାଳା ମିଶ୍ର, କୁନା ପ୍ରଧାନ, ଶ୍ରୀଧର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ୮.୭୭ ଗ୍ରାମ୍ ବ୍ରାଉନସୁଗର ଜବତ



ଅନୁଗୋଳ, ୫ା୬(ସମିସ): ବ୍ରାଉନସୁଗର ବିକିବା ଅଭିଯୋଗରେ ଅନୁଗୋଳ ଥାନା ପୁଲିସ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲ୍ଲା

**■ ଦମ୍ପତି ଗିରଫ**

ରାଜକିଶୋରପଡ଼ାର ଚତୁରୀ ନାଏକ (୫୫) ଏବଂ ତାଙ୍କ ସ୍ୱାମୀ କହଲୁ ନାଏକ। ସୂଚନା ମୁତାବକ, ଟାଉନ୍ ହାଇସ୍କୁଲ ସାମ୍ନାରେ ଥିବା ନୂଆ ଭେଣ୍ଡିଂ ଜୋନ୍ ନିକଟରେ ଚତୁରୀ ବ୍ରାଉନ୍‌ସୁଗର ବିକୁଥିଲେ। ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ତାଙ୍କ ପାଖରୁ ୮.୭୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ପରେ ସେ ସ୍ୱାମୀଙ୍କ ସହିତ ମିଶି ଏହି ବେପାର କରନ୍ତି ବୋଲି ପୁଲିସ ନିକଟରେ ପ୍ରକାଶ କରିଥିଲେ। ତେଣୁ ପୁଲିସ ସ୍ୱାମୀ କହଲୁଙ୍କୁ ମଧ୍ୟ ଗିରଫ କରିଛି। ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପୃଥକ ଦୁର୍ଘଟଣାରେ ୨ ମୃତ

ତାଳଚେରସଦର, ୫ା୬(ସମିସ): ତାଳଚେର ଟାଉନ ଥାନା ଅନ୍ତର୍ଗତ ଥର୍ମାଲ ନିକଟ ନୂଆପଡ଼ାଠାରେ ଗୁରୁବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଣି ଅପରାହ୍ଣରେ ଆଉ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ଗୁରୁଜାଙ୍ଗୁଲି ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ସୁମନ ମହାନ୍ତି ପରିବା ଆଣିବାକୁ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ସେହି ଥର୍ମାଲ ନିକଟ ନୂଆପଡ଼ାଠାରେ ନରେଶ ଚନ୍ଦ୍ର ସାହୁ (୩୮) ବାଇକ ଯୋଗେ ଯାଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏହି ଜାତୀୟ ରାଜପଥରେ ବହୁ ଲୋକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ କାହାର ସାମାନ୍ୟତମ ଦୃଷ୍ଟି ପଡୁ ନ ଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ରାସ୍ତାର ସମ୍ପ୍ରସାରଣ ପାଇଁ ଦୁଇଦୁଇ ଥର ଟେଣ୍ଡର ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ ତ ଦୂର କଥା ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ହୋଇପାରି ନାହିଁ।

**■ ବିପଦସଙ୍କୁଳ ସ୍ଥାନରେ ଚାଲିଛି ବାଗଡ଼ିଆ ଡେଲି ମାର୍କେଟ**


# ଗଛଡାଳ ପଡ଼ି ଯୁବକ ଗୁରୁତର



ଛେଣ୍ଡିପଦା, ୫ା୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଡେଲି ମାର୍କେଟରେ ଶୁଖିଲା ଗଛ ଡାଳ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ହେଲେ ଖମାର ଗାଁର ହରିହର ସାହୁ। ସୂଚନା ଅନୁଯାୟୀ ଛେଣ୍ଡିପଦାରୁ ଖାମର ଯାଇଥିବା ୧୫୩ (ବି) ନଂ ଜାତୀୟ ରାଜପଥର ବାଗଡ଼ିଆଠାରେ ରାଜପଥ ପାର୍ଶ୍ୱରେ ଥିବା ବିରାଟ ଅଶ୍ୱତ୍ଥ ଗଛ ଓ ବରଗଛ ମୂଳରେ ବିପଦସଙ୍କୁଳ ଅବସ୍ଥାରେ ଡେଲି ମାର୍କେଟ ଚାଲିଛି। ଏହି ଦୁଇ ବୃକ୍ଷ ବହୁ ପୁରାତନ ହୋଇଥିବା ବେଳେ ସେଥିରେ ବହୁ ମୋଟା ଡାଳ ଶୁଖି ରହିଛି। ସକାଳେ ଡେଲି ମାର୍କେଟ ଚାଲିଥିବା ବେଳେ ହଠାତ ଏକ ମୋଟା ଶୁଖିଲା ଡାଳ ଛିଣ୍ଡିଯାଇଥିଲା। ଏହି ଡାଳ ପଡ଼ି ହରିହର ଗୁରୁତର ଆହତ ହୋଇଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ବ୍ୟବସାୟୀ ଓ ଡେଲି ମାର୍କେଟ ଉପରେ ନିର୍ଭର କରୁଥିବା ଚାଷୀ ତଥା ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ କର୍ମଶାଳା

ଅନୁଗୋଳ, ୫ା୬(ସମିସ)




କେନ୍ଦ୍ରରେ ମୋଦି ସରକାରର ୧୧ ବର୍ଷ ଓ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାରର ୧ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଏକ କର୍ମଶାଳା ଆୟୋଜିତ ହୋଇଛି। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଦଘାଟନ କରି କହିଲେ, କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ଗରିବ ମହିଳା, ଯୁବକ ଓ ଚାଷୀଙ୍କ ପାଇଁ ସମର୍ପିତ। ନିର୍ବାଚନ ପୂର୍ବରୁ ବିଜେପି ସଂକଳ୍ପପତ୍ରରେ ଯାହା ସବୁ ଲିପିବଦ୍ଧ କରିଥିଲା ତାହା ସବୁ ପର୍ଯ୍ୟାୟ କ୍ରମେ ପୂରଣ ହେବାକୁ ଯାଉଛି ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ କହିଲେ, ବିକଶିତ ଭାରତର ଅମୃତ କାଳ ସଂକଳ୍ପ ଯାତ୍ରା ରାଜ୍ୟ, ଜିଲ୍ଲା, ମଣ୍ଡଳ, ଶକ୍ତିକେନ୍ଦ୍ର ପର୍ଯ୍ୟନ୍ତ ହେବ। ଜିଲ୍ଲା ସ୍ତରରୁ ଶକ୍ତିକେନ୍ଦ୍ର ପର୍ଯ୍ୟନ୍ତ ଜୁନ ୯ରୁ ୨୧ ମଧ୍ୟରେ ଡିଜିଟାଲ ପ୍ରତିଯୋଗିତା, ପରବର୍ତ୍ତୀ ସମୟରେ ସାମ୍ବାଦିକ ସମ୍ମିଳନୀ, ବୃତ୍ତିଗତ ସଂଗୋଷ୍ଠୀ, ପ୍ରଦର୍ଶନୀ, ବିକଶିତ ଭାରତ ବିକଶିତ ଓଡ଼ିଶା ସଂକଳ୍ପ ସଭା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ସେବା ସୁଶାସନ ଗରିବ କଲ୍ୟାଣର କେନ୍ଦ୍ର ଓ ରାଜ୍ୟର କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ଯୋଜନା କରାଯାଇଥିବା କହିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ପ୍ରହଲ୍ଲାଦ ସାମଲ ଓ ପ୍ରତ୍ୟୁଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ସଂଯୋଜକ ଭାବେ ବିଜୟ ମାଝୀ, ସହ ସଂଯୋଜକ ପ୍ରକାଶ ମହାରଣା, ନମିତା ଦଳବେହେରା, ବିଶ୍ୱଜିତ ମିଶ୍ର, ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ କାର୍ଯ୍ୟକ୍ରମ ସଂଯୋଜକ ସୁଦୀପ ଗଡ଼ନାୟକ, ସହ ସଂଯୋଜକ ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରତ୍ୟୁଷ ପଣ୍ଡା, ପ୍ରହଲ୍ଲାଦ ସାମଲ, ଯୋଗ ଦିବସ କାର୍ଯ୍ୟକ୍ରମର ସଂଯୋଜକ ଦିଲୀପ ପ୍ରଧାନ, ସହ ସଂଯୋଜକ ରୋଜାଲିନ ଦାସ, ଯଶୋବନ୍ତ ବେହେରା, ଚିତ୍ତରଞ୍ଜନ ମେହେର ଏବଂ ଜୁନ ୨୫ କଳା ଦିବସ ପାଳନର ସଂଯୋଜକ ଭାବେ ବିଶ୍ୱରଞ୍ଜନ ପ୍ରଧାନ, ସହ ସଂଯୋଜକ ପ୍ରତିମା ମିଶ୍ର, ଚୌଧୁରୀ ପ୍ରଧାନ, ଭବାନୀ ଜ୍ୟୋତିଷରାୟଙ୍କୁ ଦାୟିତ୍ୱ ଦିଆଯାଇଛି।

# ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

କିଶୋରନଗର, ୫ା୬(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗାଁର ଅବସରପ୍ରାପ୍ତ ସୈନିକ ସୁଦାମ ଚରଣ ପ୍ରଧାନଙ୍କର ବୁଧବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

ସକାଳ
THE SAKALA

# ସମ୍ପାଦକୀୟ



କୃଷି ହିଁ ମଣିଷ ପାଇଁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ, ସର୍ବାଦୌ ଉପଯୋଗୀ ଓ ସର୍ବୋତ୍ତମ ନିଯୁକ୍ତି କ୍ଷେତ୍ର ।
-ଜର୍ଜ ୱାଶିଂଟନ୍

## ଜାତିସଂଘର ମତିଭ୍ରମ

ଜାତିସଂଘର ଆତଙ୍କବାଦ ନିରୋଧ ପରିଷଦରେ ପାକିସ୍ତାନକୁ ଚଳିତ ବର୍ଷ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଏଥିସହିତ ଜାତିସଂଘର ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅନୁଷ୍ଠାନ ଭାବେ ପରିଚିତ ସୁରକ୍ଷା ପରିଷଦ ଅଧୀନସ୍ଥ 'ତାଲିବାନ୍ କଟକଣା କମିଟି' ଅଧ୍ୟକ୍ଷତା ମଧ୍ୟ ପାକିସ୍ତାନ କରିବ । ସାମ୍ପ୍ରତିକ ବିଶ୍ୱ କୂଟନୀତିରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ । ଏଭଳି ଦୁର୍ଭାଗ୍ୟଜନକ ଓ ହାସ୍ୟାସ୍ପଦ ବାସ୍ତବତାକୁ ଭାରତ ସମେତ ସାରା ବିଶ୍ୱ ଦେଖୁଛି । ଆତଙ୍କବାଦର ମୁଖ୍ୟ ରପ୍ତାନୀକାରୀ ରାଷ୍ଟ୍ର ପାକିସ୍ତାନକୁ ଦଣ୍ଡିତ କରିବା ବଦଳରେ ଜାତିସଂଘର ଏହି ନିଷ୍ପତ୍ତି ସେହି ରାଷ୍ଟ୍ରକୁ ପୁରସ୍କୃତ କରିବା ଭଳି ହୋଇଛି ।

ତାଲିବାନ୍ ଆତଙ୍କବାଦୀ ଅଧ୍ୟୁଷିତ ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଓ ନାଗରିକଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୯୮୮ କମିଟି' ଭାବେ ଜଣାଶୁଣା 'ତାଲିବାନ୍ କଟକଣା କମିଟି'ର କର୍ତ୍ତବ୍ୟ ଓ ମୁଖ୍ୟ ଦାୟିତ୍ୱ ହେଉଛି ତାଲିବାନ୍ ସଂଗଠନ ଏବଂ ତା'ସହିତ ସମ୍ପର୍କ ରଖିଥିବା ସଂଗଠନର ସମ୍ପତ୍ତି ବାଜ୍ୟାପ୍ତି କରିବା, ସେ ଦେଶର ନାଗରିକଙ୍କ ପାଇଁ ପର୍ଯ୍ୟଟନ କଟକଣା ଲାଗୁ କରିବା, ଅସ୍ତ୍ରଶସ୍ତ୍ରର ଚୋରା ଚାଲାଣକୁ ନିରୁତ୍ସାହିତ କରିବା । ପ୍ରତିବର୍ଷ ଏହି କମିଟି ପୁନର୍ଗଠନ କରାଯାଇ ନୂଆ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଦାୟିତ୍ୱ ଜାତିସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରଙ୍କ ଉପରେ ନ୍ୟସ୍ତ କରାଯାଏ । ଚଳିତ ବର୍ଷ ପାଇଁ ପାକିସ୍ତାନ ଏହାର ଅଧ୍ୟକ୍ଷ ହୋଇଥିବା ବେଳେ ରୁଷିଆ ଭଳି ଶକ୍ତିଶାଳୀ ରାଷ୍ଟ୍ର ଉପାଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହୋଇଛି । କେବଳ ସେତିକି ନୁହେଁ ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ଜାତିସଂଘ ଦ୍ୱାରା ଗଠିତ '୧୩୭୩ କାଉଣ୍ଟର ଟେରରିଜିମ୍ କମିଟି'ରେ ମଧ୍ୟ ପାକିସ୍ତାନ ସହିତ ସମାନ ସ୍ତରରେ ଫ୍ରାନ୍ସ, ରୁଷିଆ ଭଳି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର କାମ କରିବେ । ଆତଙ୍କବାଦୀ କାର୍ଯ୍ୟକଳାପରୁ ବହୁଦୂରରେ ଥିବା ଡେନ୍‌ମାର୍କ 'ଅଲ୍‌କାଏଦା ସାଙ୍ଗସନ୍ କମିଟି' ଓ '୨୨୬୭ ଆଇଏସଆଇଏଲ୍'ର ଅଧ୍ୟକ୍ଷ ପଦ ସମ୍ଭାଳିବେ । ଜାତିସଂଘର ସୁରକ୍ଷା ପରିଷଦର ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଅସ୍ଥାୟୀ କମିଟିରେ ପାକିସ୍ତାନକୁ ସଦସ୍ୟତା ସହିତ କଟକଣା ଓ ପ୍ରକ୍ରିୟାଗତ କମିଟିରେ ମଧ୍ୟ ଉପାଧ୍ୟକ୍ଷତା କରିବାର ସୁଯୋଗ ମିଳିଛି ।

ପାକିସ୍ତାନର ପ୍ରଚ୍ଛନ୍ନ ଓ ପ୍ରାୟୋଜିତ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଘେନି ଭାରତ ସପ୍ରମାଣ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଆସୁଛି । ଜାତିସଂଘ ମଧ୍ୟ ଏ ବିଷୟରେ ବେଶ୍ ଅବଗତ ଅଛି । ଆମେରିକା, ବ୍ରିଟେନ୍, ଇରାନ୍ ଆଦି ଦେଶ ପାକିସ୍ତାନକୁ ଆତଙ୍କବାଦୀ ରପ୍ତାନୀ ଦେଶ ଭାବେ ଅଭିହିତ କରିଛନ୍ତି । ଫାଇନାନ୍ସିଆଲ୍ ଆକ୍‌ସନ୍ ଟାସ୍କ ଫୋର୍ସ(ଏଫଏଟିଏଫ୍) ତାଲିକାରେ ପାକିସ୍ତାନକୁ ସନ୍ଦେହାସ୍ପଦ ରାଷ୍ଟ୍ର ଭାବେ ତାଲିକାଭୁକ୍ତ କରାଯାଇଛି । ବିଶ୍ୱର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅଲ୍ କାଏଦା, ଲସ୍କର ଏ ତୋଇବା, ଜୈସ ଏ ମହମ୍ମଦ ପରି କୁଖ୍ୟାତ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ଆର୍ଥିକ, ସାମରିକ ସହାୟତା ଯୋଗାଇବା ସହିତ ନିଜ ମାଟିରେ ଲାଳନ ପାଳନ କରିଆସୁଛି । ପାକିସ୍ତାନ ମାଟିରେ ପରିପୁଷ୍ଟ ଅଲ୍‌କାଏଦା ଓ ଆଶ୍ରିତ ଓସାମା ବିନ୍ ଲାଡେନ୍‌କୁ ଆବୋଟାବାଦ୍(ପାକିସ୍ତାନ)ରେ ଆମେରିକା ୨୦୧୧ରେ ନିପାତ କରିବା ପରେ ପାକିସ୍ତାନର ଆତଙ୍କବାଦୀ ଉତ୍ପାଦନ କେନ୍ଦ୍ର ସମ୍ପର୍କରେ ବିଶ୍ୱର ଆଉ କୌଣସି ସନ୍ଦେହ ନଥିଲା ।

ଏହି ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନୀ ସେନା ଓ ଗୁପ୍ତଚର ସଂସ୍ଥା ଆଇଏସ୍ଆଇର ପ୍ରଚ୍ଛନ୍ନ ତାଲିମ୍, ଗୁଇନ୍ଦା ତଥ୍ୟ, ପାଣ୍ଠି ଓ ଅସ୍ତ୍ରଶସ୍ତ୍ରରେ ବଳୀୟାନ୍ ହୋଇଥିବା ବେଳେ ପ୍ରତିବଦଳରେ ସେମାନେ ପାକିସ୍ତାନ ସେନା ଓ ଆଇଏସ୍ଆଇକୁ ସେଠାକାର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଭାବ ବିସ୍ତାରରେ ସହାୟତା କରିଆସୁଛନ୍ତି । ବିଶେଷକରି ପାକିସ୍ତାନର ମୁଖ୍ୟ ଶତ୍ରୁ ଭାରତକୁ ଅଶାନ୍ତ ରଖିବାରେ ପ୍ରଚ୍ଛନ୍ନ ଭୂମିକା ଗ୍ରହଣ କରିଛନ୍ତି । ଭାରତୀୟ ସଂସଦ ଉପରେ ଆକ୍ରମଣରୁ ଆରମ୍ଭ କରି ମୁମ୍ବାଇ ତାଜ୍ ହୋଟେଲ୍ ଆକ୍ରମଣ, ସିରିଜ୍ ବୋମା ବିସ୍ଫୋରଣ, ଉରି, ପଠାନକୋଟ, ପୁଲୱାମା ସେନା ବାହିନୀ ଉପରେ ଆକ୍ରମଣ ଏବଂ ସଦ୍ୟତମ କାଶ୍ମୀରର ପହଲ୍‌ଗାମ୍‌ରେ ୨୬ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଅମାନୁଷିକ ହତ୍ୟା ପରି ଘଟଣା ଭିଆଇ ପାକିସ୍ତାନ ନିଜ ଆତଙ୍କବାଦୀ ଭାବମୂର୍ତ୍ତି ଉପରେ ସବର୍ଗେ ମୋହର ମାରିଛି ।

ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀର ପହଲ୍‌ଗାମ୍ ଆତଙ୍କବାଦୀ ଘଟଣା ପ୍ରତିବାଦରେ ଗତ ମେ' ୭ ତାରିଖରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ପରେ ନିହତ ଆତଙ୍କବାଦୀଙ୍କ ମରଶରୀରକୁ ପାକିସ୍ତାନ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସତ୍କାର କରିବା ହେଉ କିମ୍ବା ସେମାନଙ୍କ ଶବାଧାରରେ ପାକିସ୍ତାନୀ ସେନା ଓ ମନ୍ତ୍ରୀମାନେ ସାମିଲ୍ ହେବା ଏବଂ ସଦ୍ୟତମ ପଞ୍ଜାବ ପ୍ରଦେଶର ବାଚସ୍ପତି ଓ ଆମେରିକା ଦ୍ୱାରା କଳାତାଲିକାଭୁକ୍ତ ଲସ୍କର ଏ ତୋଇବାର ଦୁଇ ଆତଙ୍କବାଦୀଙ୍କ ସହିତ ଗୋଟିଏ ମଞ୍ଚରେ ଭାଷଣ ଦେବାର ଫଟୋ ଓ ଭିଡିଓ ଚିତ୍ର ଜରିଆରେ 'ପାକିସ୍ତାନ ସରକାର-ସେନା-ଆତଙ୍କବାଦୀ' ଘନିଷ୍ଠ ସମ୍ପର୍କର ଚାକ୍ଷୁସ ପ୍ରମାଣ ସାରା ବିଶ୍ୱ ଦେଖିଛି । ଏହା ସତ୍ତ୍ୱେ ଜାତିସଂଘର ଆତଙ୍କବାଦ ନିରୋଧ କମିଟିରେ ପାକିସ୍ତାନକୁ ଉପାଧ୍ୟକ୍ଷ ପଦ ଯାଚିଦେବା କେତେ ସମୀଚୀନ ତାହା ବିଚାର୍ଯ୍ୟ ।

ଆହୁରି ଉଦ୍‌ବେଗଜନକ ହେଲା ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଅଭିଯୋଗରେ ପାକିସ୍ତାନକୁ ଋଣ ଓ ଅନୁଦାନ ପ୍ରଦାନରେ କଟକଣା ଜାରି କରିଥିବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି 'ଅପରେସନ୍ ସିନ୍ଦୂର' ସମୟରେ ଭାରତର ବିରୋଧ ସତ୍ତ୍ୱେ ୨.୪ ବିଲିୟନ ଡଲାର ଯୋଗାଇ ଦେଇଥିଲା । ଏହା ପରେ ପରେ ପାକିସ୍ତାନକୁ ବିଶ୍ୱବ୍ୟାଙ୍କ ୪୦ ବିଲିଅନ୍ ଡଲାର ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛି ଏବଂ ଗତ ୩ ତାରିଖରେ ଏସିଆ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ୮୦୦ ନିୟୁତ ଡଲାର ଯୋଗାଇ ଦେଇଛି ।

ଏଭଳି ଏକ ଦୁଷ୍ଟ ମନୋବୃତ୍ତି ସମ୍ପନ୍ନ ରାଷ୍ଟ୍ରକୁ ବିଶ୍ୱସ୍ତରରେ ସହାୟତା ଓ ସମ୍ମାନ ଦେବା ବିଶ୍ୱଶାନ୍ତିର ପରିପନ୍ଥୀ ଓ ମାନବ ସଭ୍ୟତା ପ୍ରତି ହିତକର ନୁହେଁ । ବିଶେଷକରି ଭାରତ ପାଇଁ ଏହା ଆଦୌ ଶୁଭସୂଚନା ନୁହେଁ । ଜାତିସଂଘର ଏହି ମତିଭ୍ରମ ପରେ ଏସିଆର ଭୂରାଜନୀତି ଓ କୂଟନୀତିରେ ଭାରତ ଆଗରେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି । ତେଣୁ ଭାରତ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହିତ ବୈଦେଶିକ ଓ କୂଟନୀତିରେ ସମୟୋପଯୋଗୀ ପରିବର୍ତ୍ତନ ଆଣିବା ଦରକାର ।

## ଭାରତୀୟ କୃଷିରେ ଉପନିବେଶ ପ୍ରଭାବ

ଶ୍ରୀବତ୍ସ ନାୟକ

ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କୃଷି । ଉପନିବେଶବାଦ ପୂର୍ବରୁ ଭାରତୀୟମାନେ କୃଷି, ପଶୁପାଳନ, ମତ୍ସ୍ୟଚାଷ କରି ବେଶ୍ ଖୁସିରେ ଜୀବନ ଯାପନ କରୁଥିଲେ । ପ୍ରାକୃତିକ ସମ୍ପଦରେ ଭରପୂର ଏବଂ କୃଷି ଅନୁକୂଳ ଜଳବାୟୁ ଯୋଗୁଁ ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ପୃଥିବୀରେ ବଳକା ଦେଶ ଭାବେ ପରିଗଣିତ ହେଉଥିଲା । ଶିଳ୍ପ ବିପ୍ଳବ ସମୟରେ ଏହି ଖାଦ୍ୟ ଶସ୍ୟକୁ ଇଂରେଜମାନେ ସେମାନଙ୍କ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହାର କରିବା ପାଇଁ ଭାରତର କୃଷି ବ୍ୟବସ୍ଥାକୁ ବାଣିଜ୍ୟକରଣ କରିଦେଲେ । ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିଶ କବଳରେ ରହି ଭାରତର କୃଷି ବ୍ୟବସ୍ଥା ବିଗିଡ଼ି ଗଲା । ଖାଦ୍ୟାଭାବ, ମରୁଡ଼ି ଓ ଅନାହାରରେ ଅନେକ ଲୋକ ମୃତ୍ୟୁବରଣ କଲେ ।

କୃଷି ବ୍ୟତୀତ ଭାରତର ହସ୍ତଶିଳ୍ପ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ରେଶମ ବସ୍ତ୍ର, ପଥର ଖୋଦେଇ, ତାରକସି କାମ, ତାଳପତ୍ର ଲିଖନ, ଚାନ୍ଦୁଆ ଆଦି କ୍ଷେତ୍ରରେ ଉଚ୍ଚମାନର କାରିଗରୀ ଏବଂ ଉତ୍ତମ ଗୁଣବତ୍ତାର ସାମଗ୍ରୀଗୁଡ଼ିକର ଚାହିଦା ବିଦେଶ ବଜାରରେ ଢେର ଅଧିକ ଥିଲା । ଏହା ହିଁ ଇଉରୋପୀୟ ଆର୍ଥିକ ସମୃଦ୍ଧି ପୃଷ୍ଠଭୂମି ଥିଲା । ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟ ମାର୍ଗରେ ଅଧିକାର ସ୍ଥାପିତ ସତ୍ତ୍ୱେ ଉରୋପୀୟମାନେ(ଡଚ୍, ବ୍ରିଟିଶ, ପର୍ତ୍ତୁଗୀଜ) ଦୀର୍ଘକାଳୀନ ଭିତ୍ତିରେ ଭାରତ ଓ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀ ଢାଞ୍ଚାକୁ ବଦଳାଇବାର ସୁଯୋଗ ପାଇ ନ ଥିଲେ । କିନ୍ତୁ ପଲାସି ଯୁଦ୍ଧରେ ବ୍ରିଟିଶମାନେ ବଙ୍ଗର ନବାବ ସିରାଜୌଦ୍ଦଲାଙ୍କୁ ପରାସ୍ତ କରି ୧୭୫୭ ମସିହାରେ ବଙ୍ଗ, ବିହାର ଓ ଓଡ଼ିଶା ଶାସନ ନିଜ ହାତକୁ ନେଇ ତାଙ୍କ ସାମ୍ରାଜ୍ୟର ମୂଳଦୁଆ ଭାରତରେ ସ୍ଥାପିତ କରାଇଥିଲେ । ତତ୍କାଳୀନ ଇଂରେଜ ଶାସକ କ୍ଲାଇବଙ୍କର ମୁଖ୍ୟ ଲକ୍ଷ୍ୟ ରହିଲା ଅର୍ଥ ଓ ଯୁଦ୍ଧ ।

ଜୀବନ ଜୀବିକା ନିମନ୍ତେ ଭାରତରେ ଉତ୍ପାଦନ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟ ବଦଳରେ ବ୍ରିଟିଶ ଶିଳ୍ପପତିମାନେ ମାତ୍ରାଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଅର୍ଥକରୀ ଫସଲ(ଔଦ୍ୟୋଗିକ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଯଥା ଆଖୁ, ତୈଳବୀଜ, ଚା, କଫି, ଝୋଟ, କପା) ଚାଷ କରିବା ପାଇଁ ଭାରତୀୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ବିଶେଷକରି ବ୍ରିଟେନ୍‌ରେ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବା କପଡ଼ା ଶିଳ୍ପ ନିମନ୍ତେ ଉତ୍ତମ ଗୁଣବତ୍ତାର କଞ୍ଚାମାଲ୍ ବା କପା ଉତ୍ପାଦନ ନିମନ୍ତେ ସେମାନେ ଧ୍ୟାନ ଦେଇଥିଲେ । ତେଣୁ ସେମାନେ ନିଜକୁ ସୁହାଇଲା ଭଳି ନୀତି ନିୟମ ପ୍ରଣୟନ କରି ଔଦ୍ୟୋଗିକ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ନିୟୋଜିତ କରେଇଥିଲେ ଏବଂ ବେଶ୍ ଲାଭବାନ ହେଉଥିଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଚାଷୀମାନେ ଅଫିମ, ଝୋଟ, କପା, ରେଶମ, ନୀଳ ଚା, ଅଫିମ, କଫି ଆଦି ଉତ୍ପାଦନ କରୁଥିଲେ । ଦି କେମ୍ବ୍ରିଜ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଇଣ୍ଡିଆ(ଭାଗ ଦୁଇ, ୧୯୮୩)ର ତଥ୍ୟ ଅନୁସାରେ ୧୮୮୧ରୁ ୧୯୪୧ ମସିହା ମଧ୍ୟରେ ଭାରତରୁ ୭୫୪.୧ ନିୟୁତ ଟଙ୍କାର ଝୋଟ, ୧୬୧୯ ନିୟୁତ ଟଙ୍କାର କପା, ୯୬୭୪.୧ ନିୟୁତ ଟଙ୍କାର ଚା', ୨୪୯.୪ ନିୟୁତ ଟଙ୍କାର କଫି ବିଦେଶକୁ ରପ୍ତାନୀ କରାଯାଇଥିଲା ।

ତେଣୁ ଉପନିବେଶବାଦ ଯୁଗରେ ଭାରତରେ ଅର୍ଥକରୀ ଫସଲର ଉତ୍ପାଦନ ବଢ଼ିବା ସହିତ ଚାଷୀମାନଙ୍କୁ ପାରମ୍ପରିକ ଖାଦ୍ୟଶସ୍ୟ ଉତ୍ପାଦନରୁ ନିବୃତ୍ତ କରାଗଲା । ବ୍ରିଟିଶ ସୈନିକମାନଙ୍କ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ ପଠାଗଲା । ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ସେନ୍ ତାଙ୍କ ପୁସ୍ତକ 'ଇନ୍ ଫେମିନ ଅଫ୍ ୧୯୪୩'ରେ ଦର୍ଶାଇଛନ୍ତି ଯେ '୧୮୮୧ ରୁ ୧୯୪୧ ମସିହା ମଧ୍ୟରେ ମଧ୍ୟରେ ଭାରତରେ ବାଣିଜ୍ୟଭିତ୍ତିକ ଦ୍ରବ୍ୟ ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଜୀବନ ଧାରଣ ନିମନ୍ତେ ଖାଦ୍ୟଶସ୍ୟର ପରିମାଣ ମାତ୍ର ୭ ପ୍ରତିଶତ ବୃଦ୍ଧି ହୋଇଥିଲା । ବାର୍ଷିକ ଅର୍ଥକାରୀ ଫସଲ ଉତ୍ପାଦନର ହାର ୦.୫୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପାରମ୍ପରିକ ଖାଦ୍ୟଶସ୍ୟର ଉତ୍ପାଦନର ହାର ୧.୧୫ ପ୍ରତିଶତ ହ୍ରାସ ପାଇଥିଲା । ଫଳରେ ଭାରତରେ ଖାଦ୍ୟାଭାବ ଦେଖାଯିବା ସହ ଦୁର୍ଭିକ୍ଷର ସୂତ୍ରପାତ୍ର ହେଲା । ଉପନିବେଶବାଦ ଯୁଗରେ ଭାରତରେ ମୋଟ ୩୩ ଥର ଛୋଟବଡ଼ ଦୁର୍ଭିକ୍ଷ ହୋଇଥଲା । ଏହି ସମୟ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ହାର ୦.୩୭ ପ୍ରତିଶତ ଥିବା ବେଳେ ଜନସଂଖ୍ୟା ବୃଦ୍ଧିର ହାର ଥିଲା ୦.୬୭ ପ୍ରତିଶତ । ତେଣୁ ଭାରତରେ ଜନସଂଖ୍ୟାର ବିସ୍ଫୋରଣ ସାଙ୍ଗକୁ ଖାଦ୍ୟଶସ୍ୟର ଉତ୍ପାଦନର ହାର କମ୍ ହେବା ମଧ୍ୟ ଦୁର୍ଭିକ୍ଷର ଅନ୍ୟଏକ କାରଣ ଥିଲା ।

ସେ ସମୟରେ ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ୍ୟ ହେଉଥିଲେ । ଯଦିଓ ଇଂରେଜ ସରକାର ଜଳସେଚନ ଏବଂ କୃଷି ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରଚଳନ କରିଥିଲେ, ତଥାପି ଏହା ମହଙ୍ଗା ଥିବାରୁ ଛୋଟ ଚାଷୀ ଉପକୃତ ହୋଇପାରିଲେ ନାହିଁ । ୧୮୭୦ ମସିହାରେ ଡଲାର ଚାହିଦା ପୃଥିବୀରେ କମିଯିବା ଫଳରେ କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡ଼ିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ । ୧୯୩୦ରେ ଝୋଟ ଶିଳ୍ପଗୁଡ଼ିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ରେ ଏକ କରାଳ ଦୁର୍ଭିକ୍ଷ ଦେଖାଦେଲା ।

ଭାରତରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଭାରତର କୃଷି ବ୍ରିଟିଶ ସରକାରଙ୍କ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ ଥିଲା । ସେଥିପାଇଁ ୧୭୯୩ ମସିହାରେ ଲର୍ଡ କର୍ଣ୍ଣୱାଲିସ୍ ଚିରସ୍ଥାୟୀ ବନ୍ଦୋବସ୍ତ ଓ ଅସ୍ଥାୟୀ ବନ୍ଦୋବସ୍ତ ନାମରେ ଦୁଇପ୍ରକାରର ଭୂ-ରାଜସ୍ୱ ନୀତି ପ୍ରଣୟନ କରିଥିଲେ । ଭାରତର ପୂର୍ବପଟେ ଜମିଦାର, ପଶ୍ଚିମରେ ମହଲୱାରି, ଦକ୍ଷିଣରେ ରୟତମାନଙ୍କ ଦ୍ୱରା ଭୂ-ରାଜସ୍ୱ ଆଦାୟ ଦାୟିତ୍ୱ ଇଂରେଜମାନେ ନ୍ୟସ୍ତ କରିଥିଲେ । ବହୁବର୍ଷ ପର୍ଯ୍ୟନ୍ତ ସେମାନେ ନିଷ୍ଠୁର ଭାବେ ରାଜସ୍ୱ ଆଦାୟ କଲେ । ଏପରିକି ଇଂରେଜମାନଙ୍କ ପ୍ରିୟପାତ୍ର ହେବା ପାଇଁ ସେମାନେ ସାଧାରଣ ଗରିବ, ଖଟିଖିଆ, କ୍ଷୁଦ୍ର ଚାଷୀମାନଙ୍କଠାରୁ ଜୋରଜବରଦସ୍ତି କର ଆଦାୟ କଲେ । ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଆମଦାନୀ କମ୍ ହେଲେ ମଧ୍ୟ ଖଜଣା ଓ କର ପରିମାଣ ଅପରିବର୍ତ୍ତିତ ରହିଲା । ଖଜଣା ଖିଲାପକାରୀଙ୍କୁ ମିଳିଲା ଅକଥନୀୟ ଅତ୍ୟାଚାର । ଫିରିଙ୍ଗି ଶାସନର ଜୁଲମ ଅତ୍ୟାଚାର, ନିର୍ଯାତନା ଭୋଗିଲେ ଚାଷୀମାନେ ।

ଇଂରେଜମାନେ ଭଲରୂପରେ ଜାଣିଥିଲେ ଯେ, ଭାରତୀୟ କୃଷି ବ୍ୟବସ୍ଥା ଆତ୍ମନିର୍ଭରଶୀଳ ହୋଇଗଲେ ଭାରତ ବିକଶିତ ଦେଶ ରୂପେ ପରିଗଣିତ ହେବ ଏବଂ ବ୍ରିଟିଶ ରାଜ୍ ଚାଲିବନି । ତେଣୁ ସେମାନେ ସର୍ବଦା ଭାରତର କୃଷିକୁ ବରବାଦ କରିବା ପାଇଁ ଚାଷୀମାନଙ୍କଠାରୁ ମାତ୍ରାଧିକ କର ଦାବି କରୁଥିଲେ, ପାରମ୍ପରିକ କୃଷିକୁ ଧ୍ୟାନ ନଦେଇ ଲାଭଜନକ କୃଷିକୁ ପ୍ରୋତ୍ସାହନ ଦେଉଥିଲେ, ବ୍ରିଟିଶ ଶିଳ୍ପର ଅଭିବୃଦ୍ଧି ପାଇଁ ଭାରତକୁ କଞ୍ଚାମାଲ ଯୋଗାଣର ଦେଶ ବୋଲି ଅଭିହିତ କରୁଥିଲେ । କୃଷକ ଓ କୃଷି ମାରଣ ପନ୍ଥା ଅବଲମ୍ବନ କରି ଭାରତର କୃଷିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ ।

ଉପନିବେଶବାଦ ଯୁଗର ପ୍ରଭାବ ଏପରି ପଡ଼ିଥିଲା ଯେ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଉପେକ୍ଷିତ ଅବସ୍ଥାରେ ପଡ଼ିରହିଛି ଭାରତୀୟ କୃଷି ଓ କୃଷକ । କୃଷି ମନ୍ତ୍ରାଳୟର ତଥ୍ୟ ଅନୁସାରେ ୧୯୫୧ମସିହାରେ ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଅବଦାନ ଥିଲା ୫୧ ପ୍ରତିଶତ । ଏବେ ଏହା ୧୮.୨ ପ୍ରତିଶତକୁ ଖସି ଆସିଛି । ୧୯୫୧ରେ କୃଷି କ୍ଷେତ୍ରରେ ୭୦ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ଥିବା ବେଳେ ସଂପ୍ରତି ଏହା କମି କମି ୪୨.୩ ପ୍ରତିଶତରେ ପହଞ୍ଚିଛି । କୃଷିପ୍ରଧାନ ଦେଶ ପାଇଁ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ! କୃଷି କ୍ଷେତ୍ରରେ ଏପରି ନିମ୍ନଗତିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, କୃଷି କ୍ଷେତ୍ରର ବିକାଶ ପାଇଁ ଯାହା କରାଯିବା କଥା ଏବଂ ଯେପରି ଇଚ୍ଛାଶକ୍ତି ଆବଶ୍ୟକ, ତାହା ନାହିଁ । ସରକାର ପରେ ସରକାର ବଦଳିଛନ୍ତି । କିନ୍ତୁ ଫଳ ଶୂନ । ସମସ୍ତେ ଏଠାରେ ଚାଷୀ ଓ ଚାଷ ପାଇଁ ବିକଳ ହୁଅନ୍ତି, କାନ୍ଦନ୍ତି । କିନ୍ତୁ କାହାରି ଆଖିରେ ଲୁହ ନଥାଏ । ଅଧୁନା ଆମର ସରକାର ବିକଶିତ ଭାରତ ଓ ଆତ୍ମନିର୍ଭରଶୀଳ ଭାରତ କଥା କହୁଛନ୍ତି । କୃଷି ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ ନକରି ପରାଧୀନ ତଥା ବଜାର ନିର୍ଭରଶୀଳ ବ୍ୟବସ୍ଥାକୁ ବଜାୟ ରଖିଲେ ଏହି ଲକ୍ଷ୍ୟ କେବେ ମଧ୍ୟ ସାକାର ହୋଇପାରିବ ନାହିଁ ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

## ଚେତନା: ଏକ ଅନୁତ୍ତରିତ ପ୍ରଶ୍ନବାଚୀ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

୧୯୯୮ ମସିହାରେ 'ଆସୋସିଏସନ୍ ଫର୍ ଦି ସାଇଣ୍ଟିଫିକ୍ ଷ୍ଟଡି ଅଫ୍ କନ୍‌ସସ୍‌ନେସ୍ (ଏଏସ୍ଏସ୍‌ସି)'ର ଏକ ସମ୍ମିଳନୀରେ ସ୍ନାୟୁବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ) 'କ୍ରିଷ୍ଟୋଫ୍ କୋକ୍' ବିଜ୍ଞାନୀ ଦାର୍ଶନିକ 'ଡେଭିଡ୍ ଚାମଜ୍'ଙ୍କ ସହ ଗୋଟିଏ ବାଜି ଲଗାଇଥିଲେ । କଗ୍‌ନିଟିଭ୍ ବା ସଜ୍ଞାନାତ୍ମକ ବିଜ୍ଞାନରେ ଗଭୀର ରୁଚି ରଖିଥିବା କୋକ୍ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଖୁବ୍ ଶୀଘ୍ର ନ୍ୟୁରୋସାଇନ୍ସ ଚଳାଇଥିବା ପରୀକ୍ଷା ନିରୀକ୍ଷାରୁ ସ୍ପଷ୍ଟ ହୋଇଯିବ ଯେ ଚେତନା ବା ଆତ୍ମାନୁଭୂତି ଓ ସେଥିରୁ ସୃଷ୍ଟି ହେଉଥିବା 'ମୁଁ' ତ୍ୱ ବା ମମତ୍ୱବୋଧ ମୂଳରେ ରହିଛି ମଣିଷର ମସ୍ତିଷ୍କରେ ଥିବା କୋଟି କୋଟି ନିଉରନ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ପାରସ୍ପରିକ କ୍ରିୟା ପ୍ରତିକ୍ରିୟା । ସେ ବିଶ୍ୱାସ କରୁଥିଲେ ଯେ କନ୍‌ସସ୍‌ନେସ୍ ବ୍ୟାପାରଟି ସମ୍ପୂର୍ଣ୍ଣ ଏକ ଭୌତିକ ବ୍ୟାପାର ଏବଂ ସେଥିପାଇଁ ଏହା ମିଜରେବଲ୍ ବା ପରିମାପ ଯୋଗ୍ୟ । କିନ୍ତୁ ବିଜ୍ଞାନୀ-ଦାର୍ଶନିକ ଚାମଜ୍, ଯିଏ ବହୁ ପୂର୍ବରୁ କନ୍‌ସସ୍‌ନେସ୍‌କୁ ଏକ କଠିନତମ ସମସ୍ୟା ବୋଲି କହି ପଦାର୍ଥ ବିଜ୍ଞାନୀମାନଙ୍କୁ ସତର୍କ କରାଇ ଦେଇଥିଲେ, ସିଏ କୋକ୍‌ଙ୍କ ସହ ଏକମତ ହୋଇ ନଥିଲେ । ତେଣୁ କୋକ୍ ଯେତେବେଳେ ୧୯୯୮ ମସିହାର ସେ ସମ୍ମିଳନୀରେ କହିଲେ ଯେ ଆଉ ମାତ୍ର ୨୫ ବର୍ଷ ପରେ ବିଜ୍ଞାନ ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ ଓ କ୍ରିୟା ପ୍ରତିକ୍ରିୟାରୁ କିପରି ଚେତନା ତଥା ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି ସୃଷ୍ଟି ହୁଏ ତାହା ପ୍ରମାଣିତ କରିଦେବ, ଡେଭିଡ ଚାମଜ୍ ସ୍ୱାଭାବିକ ଭାବରେ ତାଙ୍କ ସହ ଅସହମତ ହେଲେ । ଜିଦ୍‌ବଶତଃ ହେଉ ବା ତୁଚ୍ଛା କୌତୁକବଶତଃ ହେଉ, କୋକ୍ ସିଧା ସିଧା ବାଜିଟିଏ ଲଗାଇ ଦେଇ ଘୋଷଣା କରିଦେଲେ ଯେ ଯଦି ୨୦୨୩ ମସିହା ସୁଦ୍ଧା ତାଙ୍କ କଥା ସତ୍ୟ ନ ହୁଏ, ତେବେ ସେ ଚାମଜ୍‌ଙ୍କୁ ଏକ ପେଟି ଦୁର୍ମୂଲ୍ୟ ମଦ୍ୟ ଦେବେ ।

କୋକ୍ ମହାଶୟ ତାଙ୍କ ବାଜିଟି ଅବଶ୍ୟ ହାରିଗଲେ ଓ ଅଗତ୍ୟା ଡେଭିଡ ଚାମଜଙ୍କୁ ବାଜି ମୁତାବକ ଏକ ପେଟିକା ମଦ୍ୟ ପ୍ରଦାନ କରିବାକୁ ବାଧ୍ୟ ହେଲେ ୨୦୨୩ ମସିହାର ଏସ୍.ଏସ୍.ଏସ.ସି ବୈଠକରେ, ଅନେକ ଦିଗ୍‌ଗଜ ବୈଜ୍ଞାନିକ ଓ ସ୍ନାୟୁବିଜ୍ଞାନୀମାନଙ୍କ ଉପସ୍ଥିତିରେ । ତେବେ ମଜାର କଥା ହେଉଛି, 'କୋକ୍ ଚାମଜ୍'ଙ୍କୁ ପୁନଶ୍ଚ ଆହ୍ୱାନ ଦେଲା ଭଳି ସ୍ୱରରେ ସେ କହିଲେ ଯେ ତାଙ୍କୁ ଆଉ ଗୋଟିଏ '୨୫ ବର୍ଷର' ଅବଧି ଦିଆଗଲେ, ଅର୍ଥାତ୍ ୨୦୪୮ ମସିହାରେ ସେ ନ୍ୟୁରୋସାଇନ୍ସ ସୌଜନ୍ୟରୁ ପ୍ରାପ୍ତ ହୋଇଥିବା ତଥ୍ୟ ଉପସ୍ଥାପନ କରି ପ୍ରମାଣିତ କରିଦେବେ ଯେ ଚେତନା ସୃଷ୍ଟି ହୁଏ ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କରୁ, ଅନ୍ୟଥା ନୁହେଁ । କୋକ୍‌ଙ୍କ ଏଇ ଅନୁରୋଧ ବା ଆହ୍ୱାନକୁ ଚାମଜ୍ ଗ୍ରହଣ କରି କୌତୁକରେ କହିଥିଲେ, 'ଠିକ୍ ଅଛି । ଆହୁରି ୨୫ ବର୍ଷ ଆପଣଙ୍କୁ ଦେଲି । କିନ୍ତୁ ଆପଣଙ୍କ ଜିତାପଟ ଦେଖିବାକୁ ମୁଁ ସେତେବେଳେ ଥିବି କି ନ ଥିବି, କିଏ ଜାଣେ!'

ଆଧ୍ୟାତ୍ମବାଦୀ ଚିନ୍ତକ, ଦାର୍ଶନିକ, ବିଶେଷ କରି ଭାରତୀୟ ବେଦାନ୍ତ ଦର୍ଶନର ପ୍ରବକ୍ତାମାନେ କନ୍‌ସସ୍‌ନେସ ବା ଚେତନା ଏ ସକଳ ସୃଷ୍ଟିର ମୂଳାଧାର ବୋଲି ସର୍ବଦା କହି ଆସିଛନ୍ତି । ଏଇ ମେଟାଫିଜିକାଲ ବା ଆଧିଭୌତିକ ଅବଧାରଣାକୁ କ୍ୱାଣ୍ଟମ୍ ମେକାନିକ୍ସ ଦ୍ୱାରା ପ୍ରତିଷ୍ଠିତ ଅନିଶ୍ଚିତତା (ଲ' ଅଫ୍ ଅନ୍‌ସର୍ଟେନଟି) ତତ୍ତ୍ୱ ଓ କଣିକାମାନଙ୍କ ସହବନ୍ଧନ (ଲ' ଅଫ୍ ଏନ୍‌ଟାଙ୍ଗଲମେଣ୍ଟ) ତତ୍ତ୍ୱ ସମର୍ଥନ କରୁଛି ବୋଲି ସେମାନେ ଦାବି କରିଥା'ନ୍ତି ।

କ୍ୱାଣ୍ଟମ୍ ପାର୍ଟିକଲ୍ ବା କ୍ୱାଣ୍ଟମ୍ କଣିକାର ତରଙ୍ଗ-କଣିକା ଦ୍ୱୈତସ୍ଥିତି ଓ ସେଇ ସ୍ଥିତିର ଉଦ୍‌ଘାଟନରେ ପରିମାପ (ମେଜର୍‌ମେଣ୍ଟ) ଓ ନିରୀକ୍ଷଣ (ଅବଜରଭେସନ୍)ର ଭୂମିକା ରହିଛି ବୋଲି ଜଣାପଡ଼ିବା ପରେ ଆଧିଭୌତିକତାବାଦୀ ଦାର୍ଶନିକମାନେ ପରମ ଚୈତ୍ୟସତ୍ତା ଦୃଶ୍ୟମାନ ବସ୍ତୁସକଳ ସୃଷ୍ଟି କରିଥାଏ ବୋଲି କହିବା ପାଇଁ ନୂତନ ପ୍ରେରଣା ପାଇଛନ୍ତି । ଅନ୍ୟପକ୍ଷରେ, ଅଧିକାଂଶ ଦିଗ୍‌ଗଜ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନୀ କନ୍‌ସସ୍‌ନେସ୍ ବା ଚେତନା ପୂରାପୂରି ଏକ ଭୌତିକ ବ୍ୟାପାର ବୋଲି କହିବା ସଙ୍ଗେ ସଙ୍ଗେ ଆଧିଭୌତିକତାବାଦୀ, ଆଧ୍ୟାତ୍ମବାଦୀ ଓ ଈଶ୍ୱରବାଦୀମାନଙ୍କୁ ନିରନ୍ତର ପରିହାସ କରି ଚାଲିଛନ୍ତି । କୋକ୍‌ଙ୍କ ଭଳି ଅନେକ ସ୍ନାୟୁବିଜ୍ଞାନୀ ଦୃଢ଼ ନିଶ୍ଚିତ ଯେ ମଣିଷର ବ୍ୟକ୍ତିକୈନ୍ଦ୍ରିକ ଅନୁଭୂତି, ଅଭିଜ୍ଞତା ଆଦୌ କୌଣସି ସ୍ୱର୍ଗୀୟ ପରମ ଚୈତ୍ୟସତ୍ତାର ସର୍ବ ବ୍ୟାପକ ଉପସ୍ଥିତି ଯୋଗୁଁ ସୃଷ୍ଟି ହୁଏ ନାହିଁ । ଏହା ସୃଷ୍ଟି କରିଥାଏ ମଣିଷର ମସ୍ତିଷ୍କର ନିଉରନ୍‌ମାନଙ୍କ ନେଟ୍‌ୱାର୍କ । ସେମାନେ ଦୃଢ଼ ନିଶ୍ଚିତ ଯେ ନ୍ୟୁରୋସାଇନ୍ସ ଦିନେ ନା ଦିନେ ଚେତନା ସୃଷ୍ଟି ପଛରେ ଥିବା ନିଉରାଲ କୋରିଲେଟସ୍ (ନିଉରନ୍‌ମାନଙ୍କ ପାରସ୍ପରିକ ସମ୍ବନ୍ଧ) ସମ୍ପର୍କରେ ପ୍ରାମାଣିକ ତଥ୍ୟଗୁଡ଼ିକ ସାର୍ବଜନୀନ କରିଦେବ ।

ମାତ୍ର ଏ ଲେଖକ ବିଶ୍ୱାସ କରେ ଯେ ଚେତନାର ସ୍ୱରୂପ ସମ୍ପର୍କରେ ଜାଣିବା ମଣିଷ ପକ୍ଷରେ କେବେହେଲେ ସମ୍ଭବ ହୋଇ ନପାରେ । ଜଣାଯାଉଛି ପଦାର୍ଥ ବିଜ୍ଞାନୀ ଓ ଆଧ୍ୟାତ୍ମବାଦୀ ବା ଆଧିଭୌତିକତାବାଦୀଙ୍କର ଏଇ ତର୍କ ବିତର୍କ, ମତମତାନ୍ତର ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲି ରହିଥିବ । କୋକ୍ ପୁନଶ୍ଚ ୨୦୪୮ ମସିହାର ଯେଉଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି ତାହା ଅତିକ୍ରାନ୍ତ ହୋଇଗଲା ପରେ ମଧ୍ୟ କନ୍‌ସସ୍‌ନେସ୍ ବ୍ୟାପାରଟି କଠିନତମ ସମସ୍ୟା (ହାର୍ଡ ପ୍ରୋବ୍ଲେମ୍) ହୋଇ ରହିଥିବ; ଚିରକାଳ ପାଇଁ ଅନୁତ୍ତରିତ ପ୍ରଶ୍ନବାଚୀଟିଏ ହୋଇ ରହିଥିବ ।

ଏଇ ପରିପ୍ରେକ୍ଷୀରେ ମନେ ପଡ଼ିଯାଏ ରବି ଠାକୁରଙ୍କ ଏଇ କେତୋଟି ପଂକ୍ତି: 'ରଥ ବୋଲେ ଆମି ଦେବ / ପଥ ବୋଲେ ଆମି / ମୂର୍ତ୍ତିର୍ ବୋଲେ ଆମି ଦେବ / ହାସେ ଅନ୍ତର୍ଯ୍ୟାମୀ' । ପରମ ସତ୍ୟ ବା ପରମ ଚୈତ୍ୟସତ୍ତାର ସତ୍‌ସ୍ୱରୂପ ଜାଣିବା ପାଇଁ ମଣିଷର ଏଇ ତୀବ୍ର ଅଭୀପ୍‌ସା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା କେଉଁ ଅଲୌକିକ ଓଷ୍ଠାଧାରରେ ସ୍ମିତ ହାସ୍ୟଟିଏ ଯେ ଖେଳାଇ ଦେଉ ନଥିବ, କିଏ ଜାଣେ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ,
ମୋ- ୯୮୫୩୩୫୫୧୦୭

## ବାକ୍‌ସମସ୍ୟା ଦୂର କରନ୍ତି ଇନ୍ଦ୍ରଙ୍କ ସାତ ପରୀ

ଓଜସ୍ୱିନୀ

**ବିଶ୍ୱାସ ଓ ବିଜ୍ଞାନ**

ଶିଶୁଟିଏ ଜନ୍ମ ହୋଇ କୈଶୋରରେ ପାଦ ଦେବା ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ବିକାଶର ପ୍ରକ୍ରିୟା ଦେଇ ଗତି କରେ । ଏହି ପ୍ରକ୍ରିୟା ଅନେକ ଶିଶୁଙ୍କ କ୍ଷେତ୍ରରେ ସ୍ୱାଭାବିକ ବା ପ୍ରାକୃତିକ ହୋଇଥିବା ବେଳେ ଆଉ କେତେଜଣ ଶିଶୁଙ୍କ ବିଭିନ୍ନ ଅଙ୍ଗରେ କେତେକ ଅସ୍ୱାଭାବିକତା ପରିଲକ୍ଷିତ ହୁଏ । ଶିଶୁଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏମିତି ଗୋଟିଏ ସମସ୍ୟା ହେଉଛି ଖନା ବା ପାଟି ଲାଗିବା । କଥା ହେବା ସମୟରେ ଶବ୍ଦକୁ ଠିକ୍ ଭାବେ ଉଚ୍ଚାରଣ କରି ନପାରିବା ବା ଶବ୍ଦଟିକୁ କହିବା ପୂର୍ବରୁ ଅଧିକ ସମୟ ନେବା, ସ୍ପଷ୍ଟ ନ କହିପାରିବା ଆଦିକୁ 'ଖନା ସମସ୍ୟା' ବା ଇଂରାଜିରେ 'ଷ୍ଟଟରିଙ୍ଗ' କୁହାଯାଏ । ଏହି ସମସ୍ୟାର ଦୂରୀକରଣ ପାଇଁ ପ୍ରାଚୀନକାଳରେ ଘରୋଇ ଉପାୟ ଅବଲମ୍ବନ କରାଯାଉଥିଲା । କିନ୍ତୁ ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ଏହି ଶାରୀରିକ ସମସ୍ୟାର ପ୍ରତିକାର ପାଇଁ 'ସ୍ପିଚ୍ ଥେରାପି'ର ସାହାରା ନିଆଯାଉଛି । କିନ୍ତୁ 'ସ୍ପିଚ୍ ଥେରାପି' କେତେଜଣଙ୍କ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଆଣୁଥିବା ବେଳେ ଆଉ କେତେଜଣ ଶିଶୁଙ୍କ କ୍ଷେତ୍ରରେ ପୂର୍ଣ୍ଣମାତ୍ରାରେ ସହାୟକ ହୋଇପାରୁନାହିଁ । କିନ୍ତୁ ଭାରତରେ ଏଭଳି ଗୋଟିଏ ମନ୍ଦିର ଅଛି, ଯେଉଁଠି ଖନା ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଉଛି ବୋଲି ବିଶ୍ୱାସ ରହିଛି । ଭକ୍ତମାନେ ଏହାର ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ଦିଅନ୍ତି ।

ରାଜସ୍ଥାନର ଚୋମୁ-ଅଜିତଗଡ଼ ରାଜ୍ୟ ରାଜପଥ ନିକଟବର୍ତ୍ତୀ ସାମୋଦର ବନ୍ଦୋଲ୍‌ଠାରେ ଅବସ୍ଥିତ ଏହି ଚମତ୍କାରୀ ମନ୍ଦିରର ନାମ ହେଉଛି 'ମହାମାୟା ମାତା ମନ୍ଦିର' । ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ଜଣ ପରୀ ମହାମାୟା ଭାବେ ପୂଜିତା । ଆରାବଳି ପର୍ବତଶୃଙ୍ଖଳା ବେଷ୍ଟିତ ଏହି ପ୍ରସିଦ୍ଧ ମନ୍ଦିର ୭୦୦ ବର୍ଷ ପୁରୁଣା ବୋଲି କୁହାଯାଏ । ସ୍ଥାନୀୟ ଭକ୍ତମାନଙ୍କ ବ୍ୟତୀତ ଏଠାକୁ ଭାରତର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ବିଶେଷଭାବେ ଶିଶୁମାନଙ୍କ ଖନା ସମସ୍ୟା ଦୂର କରିବା ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ । ଖନା ସମସ୍ୟା ଦୂର କରିବା ପାଇଁ ଭକ୍ତମାନେ ମାନସିକ କରିବା ସହିତ ଶିଶୁଙ୍କୁ ୭ଥର 'ଯାତ୍' ଲଗାଇବାକୁ ପଡ଼ିଥାଏ । 'ଯାତ୍' ଅର୍ଥ ଶିଶୁଙ୍କ ନାମରେ ମନ୍ଦିର ଭିତରେ ବିଶେଷ ଭାବେ ପୂଜାନୁଷ୍ଠାନ କରି ଦେବୀଙ୍କ ଚରଣରେ ଶିଶୁଙ୍କ ହାତରେ ନଡ଼ିଆ, ବସ୍ତ୍ର ଓ ପୁଲଫଳ ଆଦି ସମର୍ପଣ କରିବା । ଏଭଳି ୭ଥର କରିବା ପରେ ଶିଶୁଙ୍କ ଖନା ସମସ୍ୟା ଧୀରେ ଧୀରେ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତମାନେ କହିଥା'ନ୍ତି । ମାନସିକ ପୂରଣ ହେବା ପରେ ଦେବୀ ମା'ଙ୍କୁ ରୁପା କିମ୍ବା ତମ୍ବାର ଜିଭ ଅର୍ପଣ କରାଯିବାର ପ୍ରଥା ଅଛି । ଆଦୌ କଥା କହିପାରୁନଥିବା କେତେଜଣ ଶିଶୁ ମଧ୍ୟ ଦେବୀ ମା'ଙ୍କ ଆଶିଷରୁ କଥା କହୁଛନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ ।

ଏଠାରେ ଦେବରାଜ ଇନ୍ଦ୍ରଙ୍କର ୭ ଜଣ ପରୀ କାହିଁକି ପୂଜା ପାଇଲେ, ସେ ସମ୍ପର୍କରେ ଏକ କିମ୍ବଦନ୍ତୀ ଅଛି । ୭୦୦ ବର୍ଷ ପୂର୍ବେ ଏହି ସ୍ଥାନରେ ସନ୍ଥ ଦ୍ୱାରକା ଦାସ ମହାରାଜ ତପସ୍ୟା କରୁଥିଲେ । ତପସ୍ୟା ସ୍ଥଳ ନିକଟରେ ଥିବା ଜଳାଶୟକୁ ପ୍ରତିଦିନ ଦେବରାଜ ଇନ୍ଦ୍ରଙ୍କର ୭ ଜଣ ପରୀ ସ୍ନାନ କରିବା ପାଇଁ ଆସୁଥିଲେ । ସେମାନେ ସ୍ନାନ କରିବା ସମୟରେ କୋଳାହଳ କରୁଥିବାରୁ ସନ୍ଥ ଦ୍ୱାରକା ଦାସଙ୍କ ତପସ୍ୟାରେ ବିଘ୍ନ ଘଟୁଥିଲା । କୋଳାହଳ ନ କରିବା ପାଇଁ ସନ୍ଥ ପରୀମାନଙ୍କୁ ଅନେକ ଥର ଅନୁରୋଧ କଲେ ମଧ୍ୟ ସେମାନେ ସନ୍ଥଙ୍କ କଥାକୁ ଭ୍ରୂକ୍ଷେପ କଲେ ନାହିଁ । ଏକଦା ସନ୍ଥ ଦ୍ୱାରକା ଦାସ ଅତିଷ୍ଠ ହୋଇ ପରୀମାନଙ୍କୁ ଉଚିତ ଦଣ୍ଡ ଦେବାକୁ ମନସ୍ଥ କଲେ । ପରୀମାନେ ସ୍ନାନ କରୁଥିବା ସମୟରେ ସନ୍ଥ ସେମାନଙ୍କର ବସ୍ତ୍ର ଲୁଚାଇ ଦେଲେ । ସ୍ନାନ ସାରି ପରୀମାନେ ଆସିବା ପରେ ବସ୍ତ୍ର ନ ପାଇ ବିଚଳିତ ହେଲେ ଏବଂ ବସ୍ତ୍ର ଫେରାଇ ଦେବା ପାଇଁ ପରୀମାନେ ସନ୍ଥଙ୍କୁ ଅନୁରୋଧ କଲେ । କିନ୍ତୁ ସନ୍ଥ ସେମାନଙ୍କର ବସ୍ତ୍ର ଫେରାଇଲେ ନାହିଁ ଏବଂ ଅଭିଶାପ ଦେଲେ ଯେ, ସେମାନେ ଏହି ଜଳାଶୟ ନିକଟରେ ଅନନ୍ତ ସମୟ ପାଇଁ ରହି ଭକ୍ତମାନଙ୍କର ମନୋକାମନା ପୂରଣ କରିବେ । ତେଣୁ ପରୀମାନେ ଇନ୍ଦ୍ରଲୋକକୁ ଫେରି ନପାରି ସେବେଠାରୁ ଏଠାରେ ମହାମାୟା ଭାବେ ପୂଜା ପାଇ ଆସୁଛନ୍ତି । ନବରାତ୍ରି ଏବଂ ବୈଶାଖ ଓ ଭାଦ୍ରବ ମାସରେ ୧୫ ଦିନ ଏଠାରେ ବଡ଼ ମେଳାର ଆୟୋଜନ ହୋଇଥାଏ ।

ଏଥିରୁ ପ୍ରମାଣିତ ହେଉଛି ଯେ, ଚିକିତ୍ସା ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ଭାରତରେ ଜନସାଧାରଣ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଧର୍ମବିଶ୍ୱାସ ଓ ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇନାହାନ୍ତି । ଭାରତୀୟ ସଂସ୍କୃତିର ଏହା ହିଁ ବୈଶିଷ୍ଟ୍ୟ ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ରବି ଧାନ ସଂଗ୍ରହ ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୫।୬(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଚଳିତ ଋତୁରେ ରବି ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବି ଧାନ ସଂଗ୍ରହ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ଚଳିତ ରବି ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୮୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୬ ଲକ୍ଷ ୬ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏଥିସହ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପାଖାପାଖି ୧୫୬୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମଣ୍ଡିରେ ଚାଷୀମାନଙ୍କ ଧାନ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ଥିବା ୨୧୪ଟି ଗୋଦାମ ଗୃହର ଆଧୁନିକୀକରଣ ଓ କ୍ଷମତା ବୃଦ୍ଧି ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା।

# ଶିକ୍ଷକଙ୍କୁ ଦିଆଯିବ କରୋନା ସତର୍କତା

ଭୁବନେଶ୍ୱର,୫।୬(ସମିସ): ଦେଶ ଓ ରାଜ୍ୟରେ କୋରାନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାବେଳେ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କୋଭିଡ୍ ନେଇ ସତର୍କ କରାଯିବ। କାହାକୁ ଥଣ୍ଡା ହେଲେ ମାସ୍କ ପିନ୍ଧି ବିଦ୍ୟାଳୟକୁ ଆସିବେ। ଅଧିକ ସ୍ୱାସ୍ଥ୍ୟ ଖରାପ ହେଲେ ସ୍କୁଲ୍ ନ ଆସି ଘରେ ରହିବେ ଛାତ୍ରଛାତ୍ରୀ। ଆଗାମୀ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବ। ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

# ଟିରୋଟରେ ୬୦ ଛୁଇଁବ ଆଳୁ; ଯୋଗାଣମନ୍ତ୍ରୀ ବେଫିକର

■ ଟେନସନ ନିଏନି, ଟେନସନକୁ ପେନସନ ଦିଏ: ମନ୍ତ୍ରୀ
■ ଯୋଗାଣମନ୍ତ୍ରୀଙ୍କୁ ଛାଡୁ ନାହିଁ 'ଆଳୁ ଦୋଷ: ବିଜେଡି
■ ଫିଲ୍ଡ ଯାଇ ଦେଖନ୍ତୁ, ଫାଇଲ କଥା ନକୁହନ୍ତୁ: କଂଗ୍ରେସ

ଭୁବନେଶ୍ୱର,୫।୬(ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ଆଳୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଆଳୁ ବିହନ ଯୋଗାଣରେ ଅସଙ୍ଗତି ଯୋଗୁଁ ଚଳିତ ବର୍ଷ ଉତ୍ପାଦନ ଆଶାନୁରୂପ ହୋଇ ନାହିଁ। ଟିରୋଟରେ ଆଳୁ କେଜି ୬୦ ଛୁଇଁବ ବୋଲି ବ୍ୟବସାୟୀମାନେ ଆଶଙ୍କା କଲେଣି, ନିଜେ ଯୋଗାଣମନ୍ତ୍ରୀ ରାଜ୍ୟର ଆବଶ୍ୟକତା ଅନୁସାରେ ଉତ୍ପାଦନ ହେଉ ନାହିଁ ବୋଲି ଉଲ୍ଲେଖ କରି ଅନ୍ୟୁନ ୧୦ ଲକ୍ଷ ଟନ୍ ଆଳୁ ଆମଦାନୀର ଆବଶ୍ୟକତା ଥିବା କଥା କହୁଛନ୍ତି। ଏପରି ସମୟରେ ମନ୍ତ୍ରୀ ଆଳୁକୁ ନେଇ ବେଫିକର ମନ୍ତବ୍ୟ ପ୍ରଦାନ କରିବାକୁ ସମାଲୋଚନା କରିଛନ୍ତି ବିରୋଧୀ। ଯୋଗାଣମନ୍ତ୍ରୀଙ୍କୁ 'ଆଳୁ ଦୋଷ' ଛାଡୁନାହିଁ ବୋଲି ବିରୋଧୀ କଂଗ୍ରେସ କଟାକ୍ଷ କରିଛି।

ଦୀର୍ଘଦିନ ଧରି ରାଜ୍ୟରେ ଆଳୁ ଦରରେ ସୁଧାର ଆସୁନାହିଁ। ହେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କରମୁହଁ ଫୁଟାଣି ଛାଡୁନି। ଆଳୁ ଦର ନିୟନ୍ତ୍ରଣ ସହ ଅଧିକ ଉତ୍ପାଦନ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କହିଛନ୍ତି ଯେ ମୁଁ ଟେନସନ୍ ନିଏନାହିଁ ବରଂ ଟେନସନକୁ ପେନସନ୍ ଦେଇ ଦେବା ମୋର ଅଭ୍ୟାସ। ଓଡ଼ିଶାରେ ମୋଟ ୧୩ ଲକ୍ଷ ଟନ ଆଳୁର ଆବଶ୍ୟକତା ଥିବାବେଳେ ୩ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦିତ ହେଉଛି। ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବଢ଼ିଛି। ଆମେ ଶୀତଳ ଭଣ୍ଡାରର ବ୍ୟବସ୍ଥା କରୁଛୁ। ମୋ କାମରେ ମୁଁ ସନ୍ତୁଷ୍ଟ, ଆପଣମାନେ ସନ୍ତୁଷ୍ଟ କି ନାହିଁ ମୁଁ ସନ୍ଦେହରେ ଅଛି ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ମନ୍ତ୍ରୀଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ ଆଳୁ ମନ୍ତ୍ରୀଙ୍କ ଆଳୁ ଦୋଷ ଯାଇନାହିଁ। ସେଥିପାଇଁ ଲୋକେ ତାଙ୍କୁ ଆଳୁ ମନ୍ତ୍ରୀ ଡାକିଲେଣି। ବର୍ଷେ ହେବ ଉତ୍ତର ପ୍ରଦେଶରୁ ଆଳୁ ଟ୍ରେନ ଆସୁଛି, ତାହା କେଉଁଠି ହେଲାଣି ମନ୍ତ୍ରୀ କହିପାରିବେ କି ? କେତେ ଦିନ ନିଜ ଦାୟିତ୍ୱ ଭୁଲି ପୂର୍ବ ସରକାରଙ୍କୁ ଦୋଷ ଦେବେ ବୋଲି ଶ୍ରୀ ଦିଶାରୀ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯୋଗାଣ ମନ୍ତ୍ରୀ କହିଥିଲେ ଆଳୁ ପାଇଁ ଆମେ କାହା ଉପରେ ନିର୍ଭର କରିବୁ ନାହିଁ। ଗତ ବର୍ଷେ ମଧ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇ କଣ କରିଛନ୍ତି ଏବଂ କେତୋଟି ଶୀତଳ ଭଣ୍ଡାର କରିଛନ୍ତି ତାହାର ଉତ୍ତର ରଖନ୍ତୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଆଳୁ ମନ୍ତ୍ରୀଙ୍କ ଦୋଷ ଆହୁରି ଟିକେ ଅଛି। ସେ କହିଲେ ଟ୍ରେନରେ ଆଳୁ ଉତ୍ତର ପ୍ରଦେଶରୁ ଆସୁଛି, ତାହା ପରବର୍ତ୍ତୀ ସମୟରେ ମିଛ ପ୍ରମାଣିତ ହେଲା। ଏବେ କହୁଛନ୍ତି ଆମେ ରାଜ୍ୟରେ ଉତ୍ପାଦନ ବଢାଇଦେଲୁ। ମାତ୍ର ରାଜ୍ୟରେ ବର୍ଷେ ହେଲାଣି ଗୋଟେ ହେଲେ ମଧ୍ୟ ଆଳୁ ଉତ୍ପାଦନ ବଢ଼ିନାହିଁ। ଯୋଗାଣ ମନ୍ତ୍ରୀ କେବଳ କହିବା ଶିଖିଛନ୍ତି ଓ ରଙ୍ଗ ବଦଳାଇବା ଶିଖିଛନ୍ତି। ମନ୍ତ୍ରୀଙ୍କୁ ଅନୁରୋଧ ଦୟାକରି ସେ ଫିଲ୍ଡକୁ ଯାଆନ୍ତୁ ଫାଇଲକୁ ଆସନ୍ତୁ ନାହିଁ ବୋଲି ଶ୍ରୀ ବାହିନୀପତି କଟାକ୍ଷ କରିଛନ୍ତି।

■ ଟ୍ରକ୍ ପଛରେ ପିଟିହେଲା ବସ୍

# ଝରିଗାଁ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ମୃତ; ୫ ଗୁରୁତର

କୋକସରା/ଚାରବାହାଲ, ୫।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଚାରବାହାଲ ସ୍କୁଲ ନିକଟରେ ଗୁରୁବାର ଭୋର୍‌ରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ଥିବା ଅନ୍ୟ ୫ଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ, ଅନୁଗୋଳର ବିନୋଦ ବେହେରା। ସେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ଭୁବନେଶ୍ୱରରୁ କାର୍ଯ୍ୟସ୍ଥଳ ଝରିଗାଁ ଆସୁଥିଲେ। ଜୁନାଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷେ ଗୁରୁତରମାନେ ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ତରାବେଡାର ଜଗତ ଗଉଡ଼, ନୟାଗଡ଼ର ଅଶୋକ ମହାନ୍ତି, ସଞ୍ଜୟ ଦାସ, ସୁଶୀଲ ସାହୁ ଓ ଅନ୍ୟ ଜଣେ। ଭୁବନେଶ୍ୱରରୁ ଉମରକୋଟ ଯାଉଥିବା ଏହି ଘରୋଇ ଯାତ୍ରୀବାହୀ ବସ୍‌ଟି ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ର ଆଗପଟ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କୋକସରା ଦମକଳ କେନ୍ଦ୍ର କର୍ମଚାରୀ ଓ ଓ ମୋଟେର ଫାଣ୍ଡି ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ୬ଜଣ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୁନାଗଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ବିନୋଦ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ଜଣ ଯାତ୍ରୀ ଜୁନାଗଡ଼ରେ ଚିକିତ୍ସାଧୀନ ରହିଛନ୍ତି। ମୋଟେର ଫାଣ୍ଡି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦୀପ ନିଆଁ ଲାଗି ମହିଳା ଗୁରୁତର

ଆଳି, ୫।୬(ସମିସ): ଆଜି ସୁଦଶା ବ୍ରତ ଅବସରରେ ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ଆଳିର ଆରାଧ୍ୟଦେବତା ପ୍ରଭୁ ଲକ୍ଷ୍ମୀବରାହ ମନ୍ଦିରରେ ଏକ ଅଘଟଣ ଘଟିଛି। ଦୀପ ନିଆଁ ଲାଗି ଜଣେ ମହିଳା ଭକ୍ତ ଗୁରୁତର ଆହତ ହୋଇଛନ୍ତି। ମହିଳାଜଣଙ୍କ ହେଲେ, ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଛଡେଶ ଗ୍ରାମର ଇନ୍ଦ୍ରମଣୀ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ। ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁପ୍ରିୟା ନିଜ ଘର ଆଳି ବ୍ଲକ ଅନ୍ତର୍ଗତ କୋଚିଳା ଗ୍ରାମକୁ ଆସିଥିଲେ। ଆଜି ସୁଦଶା ବ୍ରତ କରିଥିବାରୁ ସେ ଲକ୍ଷ୍ମୀବରାହ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ସେ ଦୀପ ଲଗାଉଥିବା ସମୟରେ ଅସାବଧାନତା ଯୋଗୁଁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ତାଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଦୁଇଜଣ ପୂଜକ ଶିବପ୍ରସାଦ ପଣ୍ଡା ଓ ନଟବର ଦୀକ୍ଷିତ ତାଙ୍କ ଦେହରୁ ନିଆଁ ଲିଭାଇବା ସହ ତାଙ୍କୁ ନିଜର ବସ୍ତ୍ର ଦ୍ୱାରା ଢାଙ୍କି ଦେଇଥିଲେ। ପରେ ତାଙ୍କୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରଯାଇଥିବା ନେଇ ଆଳି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଣବ ଶୁକ୍ଲା ସୂଚନା ଦେଇଛନ୍ତି।

# ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୫।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅପରାହ୍ନ ୪ଟା ସମୟରେ ଲୋକସେବା ଭବନରେ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୨ ତାରିଖରେ ରାଜ୍ୟ ବିଜେପି ସରକାରକୁ ଶାସନ ଭାର ସମ୍ଭାଳିବାର ପ୍ରଥମ ବର୍ଷ ପୂରଣ ହେଉଛି। ତେଣୁ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସରକାର କିଛି ବଡ଼ ଘୋଷଣା କରିବାର ସମ୍ଭାବନା ରହିଛି।

# ଭଦ୍ରକ ଏସ୍‌ପି ହେଲେ ମନୋଜ ରାଉତ

ଭୁବନେଶ୍ୱର,୫।୬(ସମିସ): ଭଦ୍ରକର ନୂଆ ଏସ୍‌ପି ହେଲେ ମନୋଜ କୁମାର ରାଉତ। ସେ କେଉଁଝର ଜିଲ୍ଲାରେ ଅତିରିକ୍ତ ଏସ୍‌ପି କାର୍ଯ୍ୟ କରୁଥିଲେ। ସେହିଭଳି ଭଦ୍ରକ ଏସ୍‌ପି ଥିବା ୨୦୧୨ ବ୍ୟାଚ୍‌ର ଆଇପିଏସ୍ ମଡ଼କର ସନ୍ଦୀପ ସମ୍ପଦଙ୍କୁ ନବରଙ୍ଗପୁର ଜିଲ୍ଲାର ଏସ୍‌ପି ଭାବେ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଇ କରାଯାଇଛି।

# ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଠାବ

ବାରିପଦା, ୫।୬(ସମିସ): ବାରିପଦା ବନଖଣ୍ଡ ଅଧୀନ ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ଦନ୍ତା ହାତୀର ଗଳିତ ମୃତଦେହକୁ ବନବିଭାଗ ଠାବ କରିଛି। ହାତୀଟି ଏକ ଖାଲ ମଧ୍ୟରେ ପଡିଥିବାରୁ ବନବିଭାଗର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ହାତୀ-ହାତୀ ମଧ୍ୟରେ ଲଢେଇ ଜନିତ ମୃତ୍ୟୁ ଘଟିଥାଇପାରେ ବୋଲି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଅନୁମାନ କରୁଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ମୃତ ହାତୀର ବୟସ ୧୦ ବର୍ଷ ମଧ୍ୟରେ ହେବ।

# ରାଜ୍ୟର '୧୦୮' ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ

■ ଡବଲ ଇଞ୍ଜିନ ଏବେ ରାଜ୍ୟ ପାଇଁ ଡବଲ ବିନାଶ ଆଣିଛି: ବିଜେଡି
■ ବିଜେପି ସରକାରକୁ ଆସିବା ପରେ ଆମ୍ବୁଲାନ୍ସର ହେଉନି ରକ୍ଷଣାବେକ୍ଷଣ
■ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ବିଫଳ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଛି
■ ଉତ୍ସବ ପାଳନ ବନ୍ଦ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ

ଭୁବନେଶ୍ୱର,୫।୬(ସମିସ): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉଦ୍‌ବେଗଜନକ ସ୍ଥିତିରେ ଥିବାବେଳେ ଆମ୍ବୁଲାନ୍ସ ସେବା ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥାକୁ ଆସିଗଲାଣି। ଆମ୍ବୁଲାନ୍ସ ଭଳି ଏକ ଜରୁରୀକାଳୀନ ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବ ରାଜ୍ୟବ୍ୟାପୀ ପାଳନ କରୁଛି ବୋଲଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ବିଜେପି ଉତ୍ସବ ପାଳନରେ ଖର୍ଚ୍ଚ ନ କରି ସେହି ଅର୍ଥରେ ୧ ହଜାର ଆମ୍ବୁଲାନ୍ସ କିଣାଯାଉ ବୋଲି ଦଳ ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଗତକାଲି କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକସନ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା। ଆଜି ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି। ଜଗତସିଂହପୁର ଜିଲ୍ଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କଚର ହୋଇ ଯାଇଥିଲା। ସେହି ଆମ୍ବୁଲାନ୍ସଟିରେ ଷ୍ଟେପିନ୍ ଟାୟାର ନ ଥିଲା। ଡ୍ରାଇଭର କଲ୍ ସେଣ୍ଟରର ସହାୟତା ମାଗିଥିଲେ ମଧ୍ୟ କୌଣସି ସହାୟତା ମିଳି ପାରି ନ ଥିଲା। ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା। ଏହି ଖବର ପାଇ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସାଦ ଜେନା ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

ଡଃ ସାମନ୍ତସିଂହାର କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଥିଲା ଏବଂ ବ୍ୟବସ୍ଥିତ ଢଙ୍ଗରେ ଏସବୁ ଚାଲି ଆସୁଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଆମ୍ବୁଲାନ୍ସଗୁଡିକର ରକ୍ଷଣାବେକ୍ଷଣା କରା ନ ଯିବା କାରଣରୁ ଏହି ଜରୁରୀକାଳୀନ ସେବା ଏବେ ରୋଗୀଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ୧୦୮ ଆମ୍ବୁଲାନ୍ସଗୁଡିକ ଅକାମି ହୋଇ ପଡ଼ି ରହିଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବାବେଳେ ରାଜ୍ୟ ସରକାରଙ୍କର କିନ୍ତୁ ଏଥିପ୍ରତି ନିଘା ନାହିଁ। ରାଜ୍ୟର ଅତ୍ୟାବଶକ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବିଜେପି ସରକାର ଉତ୍ସବ ପାଳନ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଏହି ଉତ୍ସବ ପାଳନ ପ୍ରସ୍ତାବକୁ ତୁରନ୍ତ ବାତିଲ କରି ସେହି ଅର୍ଥରେ ୧୦୦୦ଟି ଜରୁରୀକାଳୀନ ସେବା ଥିବା ଆମ୍ବୁଲାନ୍ସ କିଣାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନର ଗୁଇନ୍ଦା...

କରିବାରେ ସହାୟତା କରିଛନ୍ତି। ତାଙ୍କର ପ୍ରଭାବ ଦିଲ୍ଲୀରେ ଥିବା ପାକିସ୍ତାନୀ ହାଇକମିସନରେ ମଧ୍ୟ ରହିଛି। ସେ ନିୟମିତ ଭାବେ ପ୍ରଥମ ସଚିବ(ଭିସା) ସୁହେଲ କମର ଓ କାଉନସେଲର (ବାଣିଜ୍ୟ) ଉମର ସୋହେରୟାରଙ୍କ ସହ ଯୋଗାଯୋଗ କରୁଥିଲେ। ସେ ଯାହାକୁ ପାକିସ୍ତାନ ଆସିବା ଦରକାର ବୋଲି ଅନୁଭବ କରୁଥିଲେ, କେବଳ ଗୋଟିଏ ଫୋନ କଲେ ସେମାନଙ୍କୁ ଭିସା ତୁରନ୍ତ ମିଳିଯାଉଥିଲା। ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିସନରେ କାମ କରୁଥିବା ଆଇଏସ୍‌ଆଇ ଏଜେଣ୍ଟ ଦାନିଶ ଓରଫ ଏହସାନୁର ରହେମାନଙ୍କ ସହ ସେହଜାଦଙ୍କର ଭଲ ସମ୍ପର୍କ ଥିଲା। ଦାନିଶ ପାକିସ୍ତାନ ଦୂତାବାସରେ ଭିସା ଅଫିସର ଭାବେ କାମ କରୁଥିଲେ। ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହିତ ଦାନିସଙ୍କର ଭଲ ସଂପର୍କ ଥିଲା। ଅପରସନ ସିନ୍ଦୂର ବେଳେ ଦାନିସଙ୍କୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରି ବହିଷ୍କାର କରିଥିଲେ।

ଆହୁରି ଜଣାପଡ଼ିଛି ଯେ ପାକିସ୍ତାନ ଯିବା ଲାଗି ପର୍ଯ୍ୟଟନ ଭିସାର କୌଣସି ବ୍ୟବସ୍ଥା ନଥିବା ବେଳେ ସେହଜାଦଙ୍କ ଇସାରାରେ ପାକିସ୍ତାନ ହାଇକମିସନ ଭାରତୀୟ ନାଗରିକଙ୍କୁ ପର୍ଯ୍ୟଟକ ଭିସା ଯୋଗାଉଥିଲା। ଏହି ଗସ୍ତର ପ୍ରାୟୋଜନ କରୁଥିଲେ ମ୍ୟାଡମ୍ ସେହଜାଦ।

### ବର୍ଷକରେ ବିକାଶ..

ଆନ୍ତରିକତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ବିକାଶ, ପଞ୍ଚାୟତସ୍ତରରେ ଆବଶ୍ୟକତା ଅନୁସାରେ କାର୍ଯ୍ୟ ପାଇଁ ପୂର୍ବ ସରକାର ଯେଉଁ ପଦକ୍ଷେପ ନେଇଥିଲେ, ତାହାକୁ ବନ୍ଦ କରି ଶାସକ ବିଜେପି ରାଜନୈତିକ ଦୃଷ୍ଟିରୁ ଲାଭବାନ ହୋଇଥିବା ମନେ କରୁଥିଲେ ହେଁ, ଏହା ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ସାଢ଼େ ୩ କୋଟି ଲୋକଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଗତ ମାର୍ଚ୍ଚ ମାସରେ ବିଧାନସଭାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୫,୧୯୭ଟି ଗାଁ ଓ ପଡ଼ାକୁ ସବୁଦିନିଆ ରାସ୍ତା ନ ଥିବା ସୂଚନା ଦିଆଯାଇଥିଲା। ୨୦୨୪-୨୫ ମସିହାରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ଏକ ସର୍ଭେ ମାଧ୍ୟମରେ ଏହି ଗାଁ ଓ ପଡ଼ାଗୁଡ଼ିକୁ ଚିହ୍ନଟ କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି କୁହାଗଲା। ମାତ୍ର ସରକାରଙ୍କ ଏହି ଘୋଷଣା କେବଳ ଗଣମାଧ୍ୟମର ଶୀର୍ଷକ ମଧ୍ୟରେ ଅଟକି ଗଲା ଓ ବିକଶିତ ଗାଁ, ବିକଶିତ ଓଡ଼ିଶା କେବଳ ଏକ ଶ୍ରୁତମଧୁର ସ୍ଲୋଗାନ ହୋଇ ରହିଗଲା।

### ଓଡ଼ିଶାରେ 'ପିସି'...

ଏପରି ସମୟରେ ପିସି କାରବାର ଅଭିଯୋଗ ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ବିଶେଷକରି ବିଜେପି ବିଧାୟକମାନେ ଜିତିଥିବା ଅଞ୍ଚଳକୁ ଦିଆଯାଇଥିବା ଅନୁଦାନରେ ପିସି କାରବାର ସୀମା ଟପିଥିବା ବି ଅଭିଯୋଗ ଶୁଣିବାକୁ ମିଳୁଛି।

ଦିନକ ତଳେ ବିଜେପିର ଅନ୍ୟତମ ବରିଷ୍ଠ ନେତା ତଥା ଦଳର ମୁଖପାତ୍ର ସମୀର ଦାଶ ଏଭଳି ପ୍ରସଙ୍ଗ ଲୋକଲୋଚନକୁ ଆଣିବା ସହ ସରକାରୀସ୍ତରରେ ଚାଲିଥିବା ପିସି ବ୍ୟବସ୍ଥାର ମୁଖା ଖୋଲିଛନ୍ତି। ବିଭିନ୍ନ ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ନୂଆ ସରକାରକୁ ବର୍ଷେ ବିତିଲାଣି। ହେଲେ ମାଟି ମୁଠାଏ ପଡ଼ି ନାହିଁ। ଯାହା ବି ହୋଇଛି ତାହା ତାଙ୍କ ସମୟର ଅନୁଦାନ ତଥା ଅର୍ଥାତ୍ ପୂର୍ବ ସରକାରର ଅର୍ଥରେ ହୋଇଛି। ବର୍ତ୍ତମାନ ଯେଉଁ କାମର ଶୁଭ ଦିଆଯାଇଛି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ୧୫ ବର୍ଷ ଭିତରେ ଏମ୍‌ଏଲ୍‌ଏ ଏବଂ ଏମ୍‌ପି ଲ୍ୟାଡ୍‌ରେ ପିସି କାରବାର ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠି ଓ ଅନ୍ୟ ଉନ୍ନୟନମୂଳକ କାମରେ ପିସିର ନାଁ ଗନ୍ଧ ନ ଥିଲା। ଅଫିସରମାନେ ପିସି ମାଗିବାକୁ ସାହସ କରୁ ନ ଥିଲେ। ମାତ୍ର ଏବେ ବର୍ଷକ ଭିତରେ ବିନା ପିସିରେ ଏମ୍‌ଏଲ୍‌ଏ ହାତପାଣ୍ଠି ଅନୁଦାନରେ ହେଉଥିବା କାମରେ ବିଲ୍ ହେଉନି ବୋଲି ସମୀର ଖୋଲାଖୋଲି କହୁଛନ୍ତି।

ବିଜେପିର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଏପରି ମନ୍ତବ୍ୟ ରାଜ୍ୟରେ ଚାଲିଥିବା 'ପିସି' କାରବାରର ଗୁମର ଖୋଲି ଦେଇଛି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଯଦି ବିନା ପିସିରେ କାମ ହେଉନି, ତେବେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀରେ ସ୍ଥିତି କ'ଣ ଥିବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଓଡ଼ିଶାରେ ଓଡ଼ିଆ ଲୋକଙ୍କର ଏକ ଦୁର୍ନୀତିମୁକ୍ତ ସରକାର ଗଠନ ହେବ ବୋଲି ବିଜେପି ଘୋଷଣା ଦେଇଥିଲା। ମାତ୍ର ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାରରେ ଡ଼ବଲ ଦୁର୍ନୀତି ଓ ରାଜ୍ୟରେ ୩୦% ପିସି ସରକାର ଚାଲିଥିବା ନେଇ କଂଗ୍ରେସର ଅଭିଯୋଗ ଯେ ସତ୍ୟ ତାହା ପ୍ରମାଣିତ ହୋଇଛି।

### ଆଜିଠୁ ବଢ଼ିବ...

ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ୯ ତାରିଖ ଯାଏଁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭବ ହେବ। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହାର ପ୍ରଭାବ ଅଧିକ ରହିବ। ତେଣୁ ଗଞ୍ଜାମ ଗଜପତି, ଖୋର୍ଦ୍ଧା ନୟାଗଡ, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଆଦି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଅଫିସ୍...

ରୋକିବାକୁ ହେଲେ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ଆସିଥିବାରୁ ପ୍ରତାପ ଭୟରେ ତାଙ୍କ କଥାରେ ରାଜି ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଭିମଟାଙ୍ଗୀ ସ୍ଥିତ ଘରକୁ ଆସି ୨ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ମଧ୍ୟ ଜାନକୀର ଆତଙ୍କ ଥମି ନଥିଲା। ସେ ପୁଣିଥରେ ଫୋନ୍ କରି ଆହୁରି ୫ ଲକ୍ଷ ଟଙ୍କା ମାଗିଥିଲା। ପ୍ରତାପର ଅରାଜି ହେବାରୁ ଜାନକୀ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଶେଷରେ ପ୍ରତାପ କୌଣସି ଉପାୟ ନପାଇ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ...

ଜାତୀୟ ଉଦ୍ୟାନରେ ମାଓ ଦମନ ପାଇଁ ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ଯବାନମାନଙ୍କ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ କରାଯାଇଥିଲା। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ବହୁ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରେ ମାଓନେତା ସୁଧାକର ଥିବା ଜଣାଯାଇଛି। ତେବେ, ଶେଷ ଖବର ଲେଖା ହେବା ସୁଦ୍ଧା ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। କିନ୍ତୁ, ବର୍ତ୍ତମାନ ସୁଦ୍ଧା ପୁଲିସ୍ ପକ୍ଷରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ସୁଧାକରଙ୍କ ମୃତ୍ୟୁ ମାଓଗଡ଼ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଗତ ମେ' ୨୧ତାରିଖରେ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁର ଏନକାଉଣ୍ଟରରେ ମୃତ୍ୟୁ ହୋଇଥିଲା।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**ପୂର୍ବ ତଟ ରେଳପଥ**
ସାମଗ୍ରୀଗୁଡ଼ିକର ଯୋଗାଣ
ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ନଂ. Sr.DMM/KUR/EP/2025-26/02, ତା.04.06.2025 ରିଖ
କ୍ରମ ସଂ.01: ଟେଣ୍ଡର ସଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।
ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ରିଖ 1500 ଘଡିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-208/Q/25-26

**AFFIDAVIT**
By virtue of an Affidavit before Executive Magistrate, Bhubaneswar, CF No.-95/ Date 05.06.2025, that I D. Soumya Priyadarshini, D/o- Sramika Digal permanent resident of Pipudidei, Po.-Kainjhar, Ps.- Tikabali, Kandhamala, Odisha, PIN- 760219 state that my former name was D. Soumya Prayadarshini which has been corrected to **D. Soumya Priyadarshini**. So **D. Soumya Prayadarshini** and **D. Soumya Priyadarshini** is one and same person. Henceforth I will be known as D. Soumya Priyadarshini for all future purposes.

**AFFIDAVIT**
I, **Kalpana Mohapatra**, W/o- Girish Mohapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar, Dist- Khordha, Pin-751007 Odisha declare by this affidavit No. 93 dtd- 11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 56, dated: 22/05/2025, I, **NIBASHI MAJHI**, W/o- Purusattam Majhi, resident of At/Po- Ghatikia, Ps- Bharatpur, Bhubaneswar, Pin-751003, Dist- Khordha, Odisha declare that I have changed my name from **Nibasatam Majhi** (Old Name) to **NIBASHI MAJHI** (New Name). Henceforth, I shall be known as **NIBASHI MAJHI** for all purposes.
**NIBASHI MAJHI**

**AFFIDAVIT**
By virtue of an affidavit, I **Pranati Das**, aged 56 yeards, W/o- Prasanna Kumar Das, resident of Vill/Po- Dainlo, Ps- Krushnaanandpur, Dist- Jagatsinghpur, Odisha declared that my actual / real name is **Pranati Das** which has recorded in my voter id bearing No- TL00361329 but in my Aadhar Card bearing No- 3383 2016 6094 my name has been wrongly mentioned as **Panati Das**. Henceforth, both the names **Pranati Das** and **Panati das** is one and same person for all purposes.
**PRANATI DAS**

**AFFIDAVIT**
By virtue of an Affidavit sworn before the Executive Magistrate, Derabish, Kendrapara on dated 02.06.25 I Anwar Alli Khan, S/o- Asgar Alli Khan, Resident of Vill- Mantripada, Po-Fakirabad, PS- Derabish, Dist- Kendrapara, Odisha-754250, declare that my name has been wrongly mentioned in my Postal Term Depost Account Passbook Anuar Ali Khan Insted of Anwar Alli Khan. Henceforth I shall be know as Anwar Alli Khan for all future purpose.
Sd/- Anwar Alli Khan

**AFFIDAVIT**
By virtue of an affidavit sworn before The Executive Magistrate, Titilagarh, dated- 20/03/2025. I, **Rabin Majhi**, aged about 43 years, Son of Chintamani Majhi, resident of At- Sargiguda, Kandh pada, P.O./P.S. Titilagarh, Dist. Bolangir, (Odisha) declare that, now I have changed my name from **Robin Majhi To Rabin Majhi.** Henceforth, I shall be known as **Rabin Majhi** for all purposes.
**RABIN MAJHI**

**AFFIDAVIT**
I, Mahindra Mohan Sahoo, S/o- Late Harihar Sahoo, resident of Plot No. 219/2572, Gobinda Prasad, Near Baishnab Vihar Apartment, Bomikhal, PO- Rasulgarh, Bhubaneswar, PIN- 751010, Odisha declared by this affidavit No. 8941, dtd- 02/06/2025 that now onwards I shall be known as **MAHINDRA MOHAN SAHU** for all future purposes.

**AFFIDAVIT**
I **Mahitosh Kumar Deo**, S/o- Balaram Singh, resident of Plot No-325, Tower - 7, Royal Lagoon, Nandankanan Road, Near Lalchand Jewellers, Raghunathpur, Bhubaneswar, Pin- 751024, Odisha declare by this Affidavit number CF No - 1136, Dtd. 03/06/2025 I have changed my son's name from **Harshvardhan Dev to Harshvardhan Deo** for all future purposes.

O-233
Email:- rw_dharmagarh@yahoo.com
GOVERNMENT OF ODISHA
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH

BID IDENTIFICATION NO. DMGH/Online-01 OF 2025-26Dates: 30.05.2025
**"e" PROCUREMENT NOTICE**
Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e www.tendersorissa.gov.in

1.Name of the Work : Road works in the district of Kalahandi as mentioned in DTCN
2. Total No of Works : 01 No.
3.Estimated Cost: : Rs.33.57 lakhs
4.Period of Completion: : 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 05.06.2025 At 10.00 AM | 16.06.2025 Up to 5.00 PM | 13.06.2025 Up to 5.00 PM | 17.06.2025 At 11.00 AM |

Further details can be seen from the website www.tendersorissa.gov.in
Superintending Engineer
Rural Works Division
Dharmagarh
OIPR-25100/11/0024/2526

C-464
GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, ANGUL
Ph : 06764-296431, Email: eephangul@yahoo.in
CANCELLATION OF TENDER CALL NOTICE
The Tender invited vide Bid Identification No. 29 of 2024-25 dt. 19.02.2025 for the work:"Improvement of Korian Junction on Dhenkanal town road from CH.7/200 to 7/816 & link in District Dhenkanal for the year 2024-25"is hereby cancelled due to 1st time single tender.
Er. Prasanta Behara
Superintending Engineer,
P.H. Division, Angul
OIPR-13056/11/0020/2526

## ନିଆଁ ଲାଗି ଜଣେ ଆହତ

ଆଳି,୫।୬(ସମିସ): ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ୟାସ ସଜାଡୁଥିବା ସମୟରେ ପାଖରେ ଥିବା ଏକ ଚୁଲିରୁ ନିଆଁ ଗ୍ୟାସ ଟାଙ୍କିରେ ସଂଯୋଗ ହୋଇଯିବାରୁ ଜଣେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତର ଆଳି ପାଶ୍ୱର୍ରେ ଥିବା ନଦୀ ପାର ଗାଁ ନଳଦିଆ ଗ୍ରାମର ଘନଶ୍ୟାମ ପ୍ରଧାନ (୬୨) ଆଜି ସକାଳେ ଏକ ଗ୍ୟାସ ସିଲିଣ୍ଡର ସଜାଡୁଥିବା ସମୟରେ ସେହି ସ୍ଥାନରୁ ଅନତୀ ଦୂରରେ ଥିବା ଏକ ଚୁଲିରୁ ହଠାତ ନିଆଁ ସଂଯୋଗ ହୋଇ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ, ମୁହଁ ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପ୍ରଥମେ ତାଙ୍କୁ ବାଇକ ଯୋଗେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଆଶୁ ଚିକିତ୍ସା କରାଇ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିଥିଲେ।

## ପ୍ରେସ୍ କାଉନସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

ଜଗତସିଂହପୁର,୫।୬(ସମିସ): ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ବୈଧାନିକ ସଂସ୍ଥା। ତେଣୁ କୌଣସି ଗଣମାଧ୍ୟମ ସଂସ୍ଥା "ପ୍ରେସ୍ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ଜାରି ରହିଛି । ଏସବୁ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜୀକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ। ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ ବିବୃତି ମାଧ୍ୟମରେ ପରାମର୍ଶ ଦିଆଯାଇଛି।

**ନିର୍ମାଣ ପରେ ଭୁଲିଗଲା ପ୍ରଶାସନ**

# ଜରାଜୀର୍ଣ୍ଣ ଅବସ୍ଥାରେ ଗ୍ରାମୀଣ ଉଦ୍ୟାନ




ଆଳି,୫।୬(ସମିସ):

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣ ହୋଇଛି ଗ୍ରାମୀଣ ଉଦ୍ୟାନ। ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଉଦ୍ୟାନର ରକ୍ଷଣାବେକ୍ଷଣ ଅଭାବରୁ ତାହା ଧୀରେ ଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଉଛି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ମେଣ୍ଢପୁର ପଞ୍ଚାୟତରେ। ନିର୍ମାଣ ପରେ ପ୍ରଶାସନ ରକ୍ଷଣାବେକ୍ଷଣ କରିବା ଭୁଲିଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହି ଗ୍ରାମୀଣ ଉଦ୍ୟାନର ପୁନରୁଦ୍ଧାର କରାଯିବାକୁ ଦାବି ହେଉଛି।

ସୂଚନା ମୁତାବକ, ପଞ୍ଚାୟତର ଲୋକଙ୍କୁ ସହରୀ ସୁବିଧା ଯୋଗାଇ ଦେବାକୁ ପ୍ରତ୍ୟେକ ଜିଲ୍ଲାର ପ୍ରତି ପଞ୍ଚାୟତରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ କରୁଛନ୍ତି ସରକାର। ଏଥିପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନିର୍ମାଣ ଶେଷ ହେବା ପରେ ତାହାର ରକ୍ଷଣାବେକ୍ଷଣ ଅଭାବ ଦେଖିବାକୁ ମିଳୁଛି। ମେଣ୍ଢପୁର ପଞ୍ଚାୟତର ଗୋପ ଓ ମେଣ୍ଢପୁର ଗ୍ରାମ ମଝିରେ ନିର୍ମାଣ ହୋଇଛି ଗ୍ରାମୀଣ ଉଦ୍ୟାନ। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ଉଦ୍ୟାନ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ସମସ୍ତ ସାମଗ୍ରୀ ଭାଙ୍ଗିଗଲାଣି ତ କିଛି ଚୋରି ମଧ୍ୟ ହୋଇଗଲାଣି। ପ୍ରାକୃତିକ ପରିବେଶ ଭିତରେ ସୁନ୍ଦର ଭାବେ କୃତ୍ରିମ ଝରଣା, ଫାଉଣ୍ଟେନ, ରଙ୍ଗାରଙ୍ଗ ଲାଇଟ, ପିଲାଙ୍କ ଖେଳନା, ଝୁଲଣା ଓ ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀ ସ୍ଥାପନ କରାଯାଇଥିଲା। ନିର୍ମାଣକୁ ମାତ୍ର ୩ ବର୍ଷ ବିତିଥିଲେ ମଧ୍ୟ ଏହି ଉଦ୍ୟାନ ଅତିଶୋଚନୀୟ ଅବସ୍ଥାରେ ପଡ଼ିରହିଛି।

ପୂର୍ବରୁ କୁନି କୁନି ପିଲାଙ୍କ ଖେଳିବା ଓ ମନୋରଞ୍ଜନ ପାଇଁ ଲାଗିଥିବା ଖେଳନା ଆଉ ଦେଖିବାକୁ ମିଳୁନି। କୃତ୍ରିମ ଝରଣା ଦିନକ ପାଇଁ ନ ଚାଲି ଅଚଳ ହୋଇପଡ଼ିଛି। ଉଦ୍ୟାନ ଘାସ ଓ ଜଙ୍ଗଲ ଭିତରେ ଲୀନ ହେଲାଣି। ଉଦ୍ୟାନ ଭିତରେ ଆଣ୍ଠୁଏ ଲେଖାଏଁ ଘାସ ମାଡ଼ି ଯାଇଥିବାବେଳେ ଏହାର ଆଦୌ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଏହା ଶ୍ମଶାନ କିମ୍ବା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଉଦ୍ୟାନ ଭିତରେ ଛେଳିଠୁ ଆରମ୍ଭ କରି ଗାଈଗୋରୁ ଚରୁଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏହାର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତକୁ ଆର୍ଥିକ ସହାୟତା ଦିଆଯାଉନି। ସେହି ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ କରାଯାଇନାହିଁ। ତେଣୁ ଏତେ ଟଙ୍କାରେ ନିର୍ମାଣ ହୋଇଥିବା ଉଦ୍ୟାନ ଏବେ ଅବ୍ୟବହୃତ ହୋଇପଡିଛି। ଏ ସମ୍ପର୍କରେ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରାୟ ସମସ୍ତ ପଞ୍ଚାୟତର ଉଦ୍ୟାନ ଅବସ୍ଥା ସମାନ ସ୍ଥିତିରେ ଅଛି। ଏ ବିଷୟରେ ସରପଞ୍ଚଙ୍କ ସହ ଆଲୋଚନା କରାଯାଇ ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

## କୋରୋ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



କେନ୍ଦ୍ରାପଡ଼ା,୫।୬(ସମିସ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଉତ୍ସବରେ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଛି। ପ୍ରକୃତି ଓ ପରିବେଶକୁ ପରିବର୍ତ୍ତନ କରିବା, ପରିବେଶକୁ ସବୁଜ ସୁନ୍ଦର କରିବା, ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ବିଭିନ୍ନ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ଓ ଇକୋ କ୍ଲବ ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ଅବଦାନ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମ ଯୋଗୁଁ ଏହି ଅଭୂତପୂର୍ବ ସଫଳତା ମିଳିଛି। ବିଦ୍ୟାଳୟର ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି, ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ଜେନା, କବି ମନ୍ମଥ ବରାଳ, ହେମନ୍ତ ଜେନା, ସମାଜସେବୀ ମଳୟ କୁମାର ସାହୁ, ସଂଗୀତକାର ବିମଳ ପ୍ରସାଦ ପରିଡା ଓ ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି।

## ଗିରିବନ୍ଧ ଗ୍ରାମରେ ବୃକ୍ଷରୋପଣ



ଆଳି, ୫।୬(ସମିସ): ଆଳି ବ୍ଲକ୍ ଦେମାଳ ପଞ୍ଚାୟତସ୍ଥ ଗିରିବନ୍ଧ ଗ୍ରାମର ପ୍ରଦୀପ୍ତ ସାମଲ ଓ ଅନ୍ନପୂର୍ଣ୍ଣା ସାମଲଙ୍କ ପୁତ୍ର କ୍ଷିତୀଶଙ୍କ ୨୧ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ତାଙ୍କ ସ୍ମୃତିରେ ବୁଧବାର ପରିବାରବର୍ଗ ଏକାଠି ହୋଇ ସାମୂହିକ ବୃକ୍ଷରୋପଣ କରିଛନ୍ତି। କ୍ଷିତୀଶ ଇନ୍ଦୋରର ଏକ ଘରୋଇ ଗ୍ରାଫିକ୍ସ ଆର୍ଟ ଆଣ୍ଡ ଡିଜାଇନ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ହଷ୍ଟେଲରେ ଶୋଇଥିବାବେଳେ ହଠାତ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ତାଙ୍କର ଏକାଦଶାହରେ ବାପାମାଆ ଓ ପରିବାରବର୍ଗଙ୍କ ସହଯୋଗରେ ଗିରିବନ୍ଧ ହନୁମାନ ଛକ ନିକଟରେ ଥିବା ଆମ୍ବ ବଗିଚାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୀରେନ୍ଦ୍ର ସାମଲ, ପ୍ରଶାନ୍ତ ସାମଲ, ପ୍ରଭାସ ସାମଲ, ଗୋବିନ୍ଦ ସାମଲ, ବ୍ରହ୍ମାନନ୍ଦ ସାମଲ, ସନ୍ତୋଷ ସାମଲ, ପ୍ରବୀର ସାମଲ, ଅଭିଜିତ ସାମଲ, ଶୁଭକାନ୍ତ ଜେନା, ଦୀପକ ସାମଲ, ସତ୍ୟଜିତ ସାମଲ, ରୋହନ ସାମଲ ପ୍ରମୁଖ ସାମିଲ ଥିଲେ।

## ସ୍ମରଣିକା 'ଉନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର' ଉନ୍ମୋଚିତ



ରାଜନଗର,୫।୬(ସମିସ): ରାଜନଗର ବ୍ଲକ୍ ଜରିମୂଳସ୍ଥ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ପଣ୍ଡିତ ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସ୍ମରଣିକା 'ଉନ୍ନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର' ଉନ୍ମୋଚିତ ହୋଇଛି। ଉଦଘାଟକ ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକୁ ଉଦଘାଟନ କରିଥିଲେ। ତତ୍‌ସହିତ କୃଷ୍ଣଚନ୍ଦ୍ର ପରିଡାଙ୍କ ପାଇଁ ଏ ମାଟି ଗର୍ବିତ ବୋଲି କହିଥିଲେ। ମୁଖ୍ୟଅତିଥି ଫୋକସ୍ ପ୍ଲସ୍‌ର ମୁଖ୍ୟ ସମ୍ପାଦକ ସୁଧାଂଶୁ ରାଉତ କହିଲେ, ଦେହତ୍ୟାଗ କରିବାର ୫୦ ବର୍ଷ ପରେ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପାଇଁ ସ୍ମରଣିକା ପ୍ରକାଶ କରିବା ସମାଜକୁ ସୁସଂସ୍କୃତ କରିବା ସହିତ ପରବର୍ତ୍ତୀ ପିଢି ପାଇଁ ଅନେକ ଶିକ୍ଷା ପ୍ରଦାନ କରେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ମହତପଣିଆ ବଖାଣିବାକୁ ଯାଇ କହିଲେ, "ମା ମାଟିଆ ମଙ୍ଗଳା ନାଟ୍ୟ ନିକେତନ' ନାମରେ ଯାତ୍ରା ପାର୍ଟି ଗଠନ କରି ୧୭ ବର୍ଷ ପରିଚାଳନା କରିଥିଲେ ମଧ୍ୟ ସେ ନିଜକୁ ଚାଷୀ ଓ ଚଷାକୁଳର ଚମକପ୍ରଦ ଚାଷୀଟିଏ ବୋଲି ଭାବୁଥିଲେ। ବରେଣ୍ୟ ଅତିଥି ଭାବେ ସୀତାକାନ୍ତ ରାଉଳ ଗରିବ, ଅସହାୟର ସାଥୀ ଭାବେ କୃଷ୍ଣଚନ୍ଦ୍ର ପରିଡ଼ାଙ୍କୁ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଶାଲତା ରାଉତ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ସମଗ୍ର ଜୀବନୀକୁ ଉତ୍‌ଥାପନ କରିବା ସହିତ ତାଙ୍କ ନାତୁଣୀ ବୋହୂ ଭାବରେ ନିଜକୁ ଗର୍ବିତ ଅନୁଭବ କରିଥିଲେ। ପଣ୍ଡିତ ଶରତଚନ୍ଦ୍ର ମହାପାତ୍ର "ଉନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର" ଏକ ସାଧାରଣ ପତ୍ରିକା ନୁହେଁ, ଏହା ଏକ ଐତିହାସିକ ଦଲିଲ୍ ବୋଲି କହିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ସୁଶ୍ରୀକାନ୍ତ ପରିଡା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଧର୍ମ ଜାଗରଣ ସମିତିର ବୈଠକ

ରାଜନଗର,୫।୬(ସମିସ): ରାଜନଗର ବ୍ଲକ୍ ତାଳଚୁଆରେ ଧର୍ମ ଜାଗରଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମ ଜାଗରଣ ସମିତିର ଜିଲ୍ଲା ପ୍ରମୁଖ ରାଜେନ୍ଦ୍ର ଗିରିଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଦାସ ଓ ପିଣ୍ଟୁ ମହାରଣା ଯୋଗଦେଇଥିଲେ। ଆଗାମୀ ଦିନରେ ପ୍ରତି ଗ୍ରାମରେ ସମିତି



ଗଠନ, ବାହାରୁ ଆସୁଥିବା ଲୋକଙ୍କ ଗତିବିଧି ସମ୍ପର୍କରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପ୍ରଶାସନକୁ ଖବର ଦେବା ଓ ବିଶେଷକରି ତାଳଚୁଆ ଅଞ୍ଚଳରେ ଧର୍ମାନ୍ତୀକରଣ ସାଙ୍ଗକୁ ବାଂଲାଦେଶୀ ଅନୁପ୍ରବେଶ ଆଶଙ୍କା ଥିବାରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଶାନ୍ତନୁ ପାହାଡିଙ୍କୁ ତାଳଚୁଆ କେନ୍ଦ୍ର ପ୍ରମୁଖ ଭାବେ ଦାୟିତ୍ୱ ଦିଆଯାଇଛି। ଆଦିତ୍ୟ ପାତ୍ର, ଜହରଲାଲ ମଣ୍ଡଳ, ଶିବ ସେଠୀ, ଭାଗବତ ଦଳାଇ, କମଳ ସାହୁ, ଭବେଶ ଭୂଇଁ, ଭାଗୀରଥି ଦଳାଇ, ଭାସ୍କର ମଣ୍ଡଳ, ବଳରାମ ଦେବନାଥ, ଶୁଭେନ୍ଦ୍ର ଜେନା, ଲାଲୁ ମଣ୍ଡଳ, ଶିବ ମଣ୍ଡଳ, ଭାନୁ ବେରା, ହୀରାଲାଲ ମଣ୍ଡଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବକ ଯୋଗଦେଇଥିଲେ।

**ପ୍ରଫୁଲ ପାଠାଗାରର ବାର୍ଷିକୋତ୍ସବ**

## 'ପାଠାଗାର ହେଉଛି ଜ୍ଞାନ ବିକାଶ ଓ ବିସ୍ତାରର ଗନ୍ତାଘର'




ଜଗତସିଂହପୁର,୫।୬(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଓଡିଶାଗଡ଼ସ୍ଥ ପ୍ରଫୁଲ ପାଠାଗାରର ୩୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ ଯୋଗଦେଇ ପାଠାଗାର ହେଉଛି ଜ୍ଞାନ ବିକାଶ ଓ ଜ୍ଞାନ ବିସ୍ତାରର ଗନ୍ତାଘର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଯୋଗଦେଇ ପ୍ରଫୁଲ୍ଲ ପାଠାଗାର ପ୍ରତିଷ୍ଠା ହେବାର ୩୨ ବର୍ଷ ମଧ୍ୟରେ ଶିକ୍ଷାର ପ୍ରଚାର ପ୍ରସାର ସହିତ ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ସମଗ୍ର ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ପାଠାଗାର ପାଠକପାଠିକା, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପାଇଁ ସହାୟକ ହୋଇପାରିଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ପାଠାଗାରର ଉପଦେଷ୍ଟା ବଂଶୀଧର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ଉପଦେଷ୍ଟା ବିଜୟ ପତି ସଭା ସଂଯୋଜନା ଓ ସମ୍ପାଦକ ସୁରେନ୍ଦ୍ର ରାୟ ପାଠାଗାରର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷାବିତ ସତ୍ୟବାଦୀ ଦାସ, ଅଜୟ ପତି ସଞ୍ଜୟ ସାମନ୍ତସିଂହାର, ପ୍ରତାପ ରାଉତରାୟ ପ୍ରମୁଖ ସହାୟତା କରିଥିଲେ। ଉପସଭାପତି ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଅଲଣାରେ ଅଗ୍ନିକାଣ୍ଡ**

## ୨୪ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ, ଗାଈ ଅର୍ଦ୍ଧଦଗ୍ଧ

ନାଉଗାଁ,୫।୬(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ବଛାଳ ପଞ୍ଚାୟତର ଅଲଣା ଦୁଇ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡ଼ିଯାଇଥିବାବେଳେ ୨୪ଟି ଛେଳି ଜୀବନ୍ତ ଦଗ୍ଧ ଓ ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଛି। ପୀତବାସ ପରିଡାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଘର ଭିତରେ ଥିବା ୨୪ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ଓ ଗୋଟିଏ ଗାଈ ଅର୍ଦ୍ଧ ଦଗ୍ଧ ହୋଇଥିବାବେଳେ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ପୀତବାସ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଏମ୍ଏନ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ



ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦ ବୈଠକ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ ସଚିନନ୍ଦନ ଦାସ, ବିଜୟ କୁମାର ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଜୟ କୁମାର ରାଉତରାୟ, ଇଓ ତପନ କୁମାର ପାତ୍ର, କବି ବ୍ରଜସୁନ୍ଦର ସାହୁ , ସଞ୍ଜୟ କୁମାର ବର୍ମା, ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାଶ, ଚିତ୍ରଶିଳ୍ପୀ ରମେଶ କୁମାର ଦେ ଆଡଭୋକେଟ ଶିଶିର କୁମାର ମଲ୍ଲିକ, ନଟବର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହାଇସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇଥିବାରୁ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ସହ ଶ୍ରେଣୀ ଗୃହ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଆସନ୍ତା ୨୯ ତାରିଖରେ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବକୁ ସରସ ସୁନ୍ଦର ଓ ସଫଳ କରିବା ପାଇଁ ପୁରାତନ ଓ ନୂତନ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେବାକୁ ସଭାପତି ଆହ୍ୱାନ ଦେଇଥିଲେ। ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ ପୂର୍ବ ବୈଠକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ସଂସଦର ଆୟବ୍ୟୟ ଉପସ୍ଥାପନ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ଏମଏନ ହାଇସ୍କୁଲରେ 'ମୋ ସ୍କୁଲ' କମିଟି ବୈଠକ

ପଟ୍ଟାମୁଣ୍ଡାଇ, ୫।୬(ସମିସ): ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ମୋ ସ୍କୁଲ ଅଭିଯାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ଡ. କେଳୁଚରଣ ସ୍ୱାଇଁ, ଗୋପୀବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ, ନିଶିକାନ୍ତ ପ୍ରଧାନ, ରମେଶ ଦେ ଶିକ୍ଷକ ଅଭାବ ଓ ଶ୍ରେଣୀଗୃହ ଅଭାବ ଦୂର ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥିର କରିଥିଲେ।



କମିଟି ସମ୍ପାଦକ ପୂର୍ବ ବୈଠକ ବିବରଣୀ ଉପସ୍ଥାପନ କରିଥିଲେ। ମଧ୍ୟାହ୍ନଭୋଜନ ଗୃହ ନିର୍ମାଣ ପାଇଁ ବିଧାୟକ ଧ୍ରୁବ ସାହୁ ତାଙ୍କ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ବୈଠକରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁଜୟ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, ୫।୬(ସମିସ): ପରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ମଧୁବନସ୍ଥ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରନ୍ତୁ ବିଷୟକୁ ନେଇ ସାରା ଦେଶରେ ପରିବେଶ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଜେଏସଡବ୍ଲୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ନିଜ ନିଜର ମତ ରଖିଥିଲେ। ପରେ କମ୍ପାନୀର ଅନ୍ୟ ସମସ୍ତ ଅଧିକାରୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ଗଛ ଲଗାଇ ଥିଲେ। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ। ବଞ୍ଚିବାକୁ ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ଓ ବୃକ୍ଷର ଆବଶ୍ୟକତା ରହିଛି। ସେଥିପାଇଁ ସମସ୍ତେ ନିଜ ନିଜ ଘରେ କିମ୍ବା ଉପଯୁକ୍ତ ସ୍ଥାନରେ ଗଛ ଲଗାଇବାକୁ ବରିଷ୍ଠ ଅଧିକାରୀ ପରାମର୍ଶ ଦେଇଥିଲେ। ଏଥିସହିତ ଏକକ ପ୍ଲାଷ୍ଟିକର ଉତ୍ପାଦନ ଓ ଅଧିକ ବ୍ୟବହାର ପାଇଁ ଆମ ପରିବେଶରେ ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ପାଉଛି। ତେଣୁ ଆଜିର ଦିନରେ ଏହାର ବ୍ୟବହାର କିଭଳି ହ୍ରାସ କରାଯିବ, ସେ ନେଇ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଶପଥ ପାଠ କରାଯାଇଥିଲା।

## ଅଜଣା ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୫।୬(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ସୁଭାଷ ବୋଷ କ୍ଲବ୍ ନିକଟରେ ଏକ ଅଜଣା ଶବ ପଡ଼ିଥିବା ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୱେଲଡିଂ ମିସ୍ତ୍ରିଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ କଲେଜ ରୋଡ଼ଠାରେ ଥିବା ଏକ ବାସଭବନରେ ଗ୍ରିଲ୍ ଗେଟ ୱେଲଡିଂ କରୁଥିବା ନାହୋଳ ଗ୍ରାମର ସେକ ମୁସ୍ତାକ (୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ତତକ୍ଷଣାତ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ବଜାର ଗ୍ରାମ ରାସ୍ତା କାମରେ ତ୍ରୁଟି**

# ଢଳେଇ ରାସ୍ତା ଉପରେ ଜମିରହୁଛି ପାଣି

ପଞ୍ଚୁପାଣ୍ଡବ,୫।୬(ସମିସ):

ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଆରଡି ରାସ୍ତା ଉପରେ ବର୍ଷା ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ଏହି ଢଳେଇ ରାସ୍ତା କାମରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଉପୁଜିଛି। ରାସ୍ତାର ଦୁଇ ପାଶ୍ୱର୍ ଉଚ୍ଚ ଥିବାବେଳେ ମଝି ଖାଲ ହୋଇଥିବାରୁ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରରୁ ବେଣୀପୁର ପଞ୍ଚାୟତକୁ ସଂଯୋଗ କରିଥିବାବେଳେ ଏହି ରାସ୍ତାରେ ଶହ ଶହ ଯାନବାହନ ଯାତାୟାତ କରୁଛି। ବଜାର ଗ୍ରାମରେ ଥିବା ଦାମୋଦରଜୀଉ



ବିଦ୍ୟାପୀଠକୁ କୁନିକୁନି ପିଲା ଏହି ନର୍ଦ୍ଦମା ପାଣିରେ ପଶି ଯାତାୟାତ କରନ୍ତି। ଏ ସମ୍ପର୍କରେ ଆରଡି ବିଭାଗ ଅଧିକାରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି ସମସ୍ୟାର ସମାଧାନ କରୁନାହାନ୍ତି। ଏହି ରାସ୍ତାରେ ଜମିଥିବା ପାଣିକୁ ନିଷ୍କାସନ ବ୍ୟବସ୍ଥା ନ କରାଗଲେ ବର୍ଷାଋତୁରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାରେ ଜମିଥିବା ପାଣି ନିଷ୍କାସନ ବ୍ୟବସ୍ଥା କରିବା ସହ ରାସ୍ତାକୁ ଉଚ୍ଚ କରିବା ପାଇଁ ଗ୍ରାମର ମନୋଜ ପରିଡ଼ା, ସମର କେଶରୀ ସାମଲ, ମହେନ୍ଦ୍ର ପରିଡ଼ା, ଆଶା ଦିଦି ଶାନ୍ତିଲତା ପରିଡା, ଦୀପକ ପରିଡ଼ା ଓ ପ୍ରମିଳା ମଲ୍ଲିକ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ










**ପଣ୍ଡୁଆ,୫।୬(ସମିସ):** କାମାକ୍ଷାନଗର ଉପଖଣ୍ଡ କୁସୁମଯୋଡ଼ି ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଏଫଇଏସ ଓ କୁସୁମଯୋଡ଼ି ପଞ୍ଚାୟତ ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କୁସୁମଯୋଡ଼ି ସରପଞ୍ଚ ରାଧାନାଥ ନାୟକ ଓ ସମବାୟ ସମିତି ଅଧକ୍ଷ ଭରତ ବିଶ୍ୱାଳ, ୱାର୍ଡସଭ୍ୟ କେଦାର ରାଉତ, ସମାଜସେବୀ ସାମ୍ବାଦିକ ପର୍ଶୁରାମ ମହାଭୋଇ, ଏଫଇଏସ ଢେଙ୍କାନାଳ ଜିଲ୍ଲା ସଂଯୋଜକ ପୂର୍ବୀ ମହୋତା, ଏଫଏସ ସୁପ୍ରିୟା ସାହୁ, ହୃଷୀକେଶ ସାହୁ, ଚନ୍ଦନ ପାତ୍ର, ସିଆରପି ତୃପ୍ତି ଦୁବେ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ପରିବେଶ କିପରି ସୁରକ୍ଷିତ ରହିପାରିବ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ






ଜଙ୍ଗଲ ପରିଚାଳନା କମିଟି, ବନ ସୁରକ୍ଷା କମିଟି, ଚାଷୀ, ମହୁଲି ଗ୍ରାମବାସୀ ଯୋଗଦେଇଥିଲେ।

**ଢେଙ୍କାନାଳ:** ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ପ୍ଲାଷ୍ଟିକ ପ୍ରଦୂଷଣକୁ ଶେଷ କରିବା। ଟାଟା ସଷ୍ଟେନେବିଲିଟି ମାସ ଅଧୀନରେ ମେ ମାସରୁ ଆରମ୍ଭ ହୋଇଛି ଯାହା ଜୁନ ଶେଷ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଟିଏସ୍ଏମ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକମୁକ୍ତ ପୃଥିବୀ ଉପରେ ଚମତ୍କାର ଚିତ୍ର କରି ପ୍ରଦର୍ଶନ କରିଥିଲେ। ଟିଏସ୍ଏମ ପକ୍ଷରୁ ଇସ୍ପାତ ଓ ଶକ୍ତି ଶିଳ୍ପରେ କଠିନ ବର୍ଜ୍ୟବସ୍ତୁ, ଫ୍ଲାଏ ଆସ ଓ ଜଳ ପରିଚାଳନା ଉପରେ ଏକ ସୂଚନାଧର୍ମୀ ୱେବିନାର ଆୟୋଜନ କରାଯାଇଥିଲା। କର୍ମଚାରୀ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗକୁ ପ୍ଲାଣ୍ଟ ଭିତରେ ପ୍ଲାଷ୍ଟିକ ବର୍ଜ୍ୟମୁକ୍ତ ଜୋନ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏସପିସିବି, ଅନୁଗୋଳର ଆଞ୍ଚଳିକ ଅଧିକାରୀ ଡ. ରମେଶ ଏକ୍କାଙ୍କ ଦ୍ୱାରା ଏକ ବିଶେଷଜ୍ଞ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ପ୍ଲାଷ୍ଟିକ ପ୍ରଦୂଷଣ ଶେଷ କରିବା ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ସର୍କୁଲାର ସମାଧା ସୃଷ୍ଟି କରିବା ଦିଗରେ ଗୁରୁତ୍ୱଆରୋପ କରାଯାଇଥିଲା। ସେହିପରି କମ୍ପାନୀ ପକ୍ଷରୁ ସ୍ଲୋଗାନ ପ୍ରତିଯୋଗିତା ଏବଂ ଶ୍ରେଷ୍ଠ ପରିବେଶ ସଂଯୋଜକମାନେ କାରାଖାନା ନିକଟରେ ନିର୍ମାଣ କରାଯାଇଥିବା ଜୈବ ବିବିଧତା ଉପରେ ପ୍ରତ୍ୟକ୍ଷ ଜ୍ଞାନ ପାଇଁ ଟିଏସ୍ଏମର ବିଭିନ୍ନ ବିଭାଗର ପରିବେଶ ସଂଯୋଜକମାନେ କାରାଖାନା ନିକଟରେ ନିର୍ମାଣ କରାଯାଇଥିବା ଜୈବ ବିବିଧତା ପାର୍କ ପରିଦର୍ଶନ କରିଥିଲେ। କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା କାରଖାନା ଓ ଟାଉନ୍‌ସିପ୍ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା।

**ଢେଙ୍କାନାଳ:** ସ୍ଥାନୀୟ ଏକ ହୋଟେଲ କନ୍‌ଫରେନ୍ସ ହଲ୍‌ରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏଥିରେ ଉଫୁନାର ଜାତୀୟ ଉପ-ସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ପରିବେଶ ସଚେତନତା ହିଁ ସୁରକ୍ଷା ଓ ସୁରକ୍ଷା ହିଁ ଜୀବନ ରକ୍ଷା। ତେଣୁ ସମସ୍ତଙ୍କ ପାରିପାର୍ଶ୍ୱିକ ପରିବେଶର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ମୀରା ବେଉରା ଯୋଗଦେଇ କହିଲେ, ସୁସ୍ଥ ପରିବେଶ ସୁସ୍ଥ ଶରୀର ଓ ସୁସ୍ଥ ମନର ଜନକ। ପରିବେଶ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ଉତ୍ତମ ପରିବେଶ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡିଆ ପ୍ରଭାରୀ ଡ. ଦେବୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଭାଗୀରଥିପୁର ଉଚ୍ଚ ବିଦ୍ୟାଳୟ ରେ ବନବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପ୍ଲାଷ୍ଟିକ ବର୍ଜନ ଓ ତମାଖୁ ପ୍ରତି ସତର୍କତା ଅବଲମ୍ବନ କରିବା ଉପରେ ସଚେତନ କରାଯିବା ସହ ଚାରାରୋପଣ କରାଯାଇଥିଲା। ଏଥିରେ କାମାକ୍ଷାନଗର ଅତିରିକ୍ତ ଅବକାରୀ ଅଧୀକ୍ଷକ ସାୱନ ଭୋଳ ଓ ରେଞ୍ଜର କୈଳାସ ଚନ୍ଦ୍ର ସାହୁ ଯୋଗଦେଇ ବିଦ୍ୟାଳୟ ପରିସରରେ ୩୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ବନବିଭାଗ ଓ ଅବକାରୀ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଚାରାରୋପଣର ଆବଶ୍ୟକତା ଓ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ସହ ତମାଖୁ ଜାତୀୟ ସାମଗ୍ରୀଠାରୁ ଦୂରେଇ ରହି ସୁସ୍ଥ ପରିବେଶ ଗଠନ କରିବା ନିମନ୍ତେ ସଚେତନତା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଫରେଷ୍ଟର ବୀରେନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କାମାକ୍ଷାନଗର ସହରର ଜେଏମପି ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସ୍କୁଲ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଏସଡିଜେଏମ ନିଲୋଫର ଯୋଗଦେଇ ଏକ ସୁସ୍ଥ ପରିବେଶ ଗଠନରେ ଚାରାରୋପଣର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ଦୀନେଶ ସେନାପତି, ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଧ୍ୟ ଚାରାରୋପଣ କରାଯାଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି।

**କାମାକ୍ଷାନଗର:** କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏନସିସି, ଇକୋ କ୍ଲବ, ଭାରତ ସ୍କାଉଟ ଗାଇଡ ଏବଂ ଜୁନିୟର ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ମୃତ୍ତିକା ସଂରକ୍ଷଣ, ମରୁଡ଼ି ଦାଉରୁ ବିଶ୍ୱକୁ ରକ୍ଷା କରିବା ତଥା ବିଶ୍ୱ ତାପନରୁ ରକ୍ଷା ପାଇବା ପାଇଁ ସମସ୍ତେ ଚାରାରୋପଣ ଦିଗରେ










ଯତ୍ନବାନ ହେବାକୁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆମ୍ବ, ଅଁଳା ଆଦି ଚାରାରୋପଣ କରାଯାଇଥିଲା। ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ସମରେନ୍ଦ୍ର ନାୟକ, ନିର୍ମଳ କୁମାର ମହାନ୍ତି, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ଗାଇଡ୍ କ୍ୟାପଟେନ ସୁମିତ୍ରା ଜେନା, ଶିକ୍ଷା କର୍ମଚାରୀ ରବିନାରାୟଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପଣ୍ଡୁଆ:** ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କନ୍ଧବୋଲ ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ଆଇନା ଓ ୟୁଥ୍ ଫର୍ ୱାଟର ସହଭାଗିତାରେ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଂକଳ୍ପ ନିଆଯାଇଛି। କାର୍ଯ୍ୟକ୍ରମରେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ଏବଂ ପ୍ଲାଷ୍ଟିକମୁକ୍ତ ପରିବେଶ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସମସ୍ତେ ବର୍ଷକୁ ଦୁଇଟି ଗଛ ଲଗାଇବାକୁ ଶପଥପାଠ କରିଥିଲେ। ଅନୁଷ୍ଠାନର ସଙ୍ଗୀତା ଦାସ, ପଲ୍ଲୀଶ୍ରୀ ଷଣ୍ଢ, ଲଳିତ ମୋହନ ସେଠୀ, ଜୟନ୍ତ କୁମାର ସାହୁ, ସବ୍ୟସଚୀ ରାଉତ, ଚନ୍ଦ୍ରଶେଖର ବେହେରା, ଚିତ୍ତରଞ୍ଜନ ଖଟୁଆ ଓ କାନପୁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଗୀତାଞ୍ଜଳି ସୋରେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଢେଙ୍କାନାଳ:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ବ୍ରହ୍ମାକୁମାରୀ ଭାଇଭଉଣୀମାନେ କାଙ୍କଡ଼ପାଳ ପଞ୍ଚାୟତ ସୁନ୍ଦରୀଖାଲ ଗ୍ରାମ ଜ୍ଞାନସୂର୍ଯ୍ୟ ଉପବନରେ ଚାରାରୋପଣ କରିଥିଲେ। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଓ ଶାଖାର ସଂଯୋଗକ ବ୍ରହ୍ମାକୁମାରୀ ଉଷା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା ପାଇଁ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ବନଖଣ୍ଡ ଅଧିକାରୀ କର କହିଲେ, ଆମେ ସମସ୍ତେ ପ୍ଲାଷ୍ଟିକ ବର୍ଜନ କରିବା ନିହାତି ଜରୁରୀ। ଚାରାରୋପଣ ଓ ବାପ୍ୟାକ ସଚେତନତା କରିବା ଆବଶ୍ୟକ। ପ୍ରଦୂଷଣ ରୋକିବା ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ। ବର୍ତ୍ତମାନ ଦରିଦ୍ର୍ୟ ଅପେକ୍ଷା ପରିବେଶ ସୁରକ୍ଷା ସମସ୍ତଙ୍କ ବଡ଼ ଦାୟିତ୍ୱ। ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା କହିଲେ, ପ୍ରକୃତି ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ପରିବେଶ ସୁରୁକ୍ଷା ଗୋଟିଏ ଦିନର କାମ ନୁହେଁ, ବର୍ଷସାରା ପ୍ରକୃତିର ଯତ୍ନ ନେବା ଆବଶ୍ୟକ। ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ, ସଚେତନତା କାର୍ଯ୍ୟକ୍ରମ ଓ ସ୍କୁଲ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାଙ୍କୁ ସଚେତନତା କରିବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ବେଣୁଧର, ସନ୍ତୋଷ, ସୋମଦତ୍ତ, ସୋମ, ଉପମା, ଶିଶୁ ଗବେଷକ ବିରଞ୍ଚି ନାରାୟଣ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

**ଭୁବନ:** ଭୁବନ ଏନ୍ଏସି ଭଦଳିଆପଶି ଭାରତୀୟ ବିଦ୍ୟା ନିକେତନ ତକ୍ଷଶିଳା ପରିସରରେ ବିଶ୍ୱ ପରିବେଶ ଦିବସରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନ ବିଇଓ ମୀନତି ଦେହୁରୀ ଉଦଘାଟକ ରୂପେ ଯୋଗଦେଇଥିଲେ। ଭାରତୀୟ ବିଦ୍ୟା ନିକେତନ ତକ୍ଷଶିଳା ସତ୍ତ୍ୱାଧିକାରୀ ଜଗବନ୍ଧୁ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଏବିଇଓ ସୁମତି ପ୍ରଧାନ, ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ, ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ବାଟବଣା

**ପରଜଙ୍ଗ,୫।୬(ସମିସ):** ପରିବେଶକୁ ସନ୍ତୁଳିତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ତେବେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ବାଟବଣା ହୋଇଛି। ପରିବେଶ କେତେ ସୁରକ୍ଷିତ ତାହା ରାସ୍ତାଘାଟ ପଡୁଥିବା ଆବର୍ଜନା ପ୍ରମାଣିତ କରୁଛି। ଯିଏ ଯେଉଁଠି ପାରିଲା



ଅଳିଆ ଆବର୍ଜନା ପକାଇ ଚାଲିଛନ୍ତି। ଫଳରେ ସମଗ୍ର ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଥିବା ବେଳେ ପଚାଶଢ଼ା ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହେଉଛନ୍ତି। ପରଜଙ୍ଗ ବଜାର ଦେଇ ଡିହଡୋଳ ଦିଗକୁ ଯାଇଥିବା ନୂଆବନ୍ଧ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଏପରି ପରିସ୍ଥିତି ଦେଖିବାକୁ ମିଳିଛି। ଡିହଡୋଳ ଗ୍ରାମ ନିକଟରେ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱକୁ ଲାଗି ଆବର୍ଜନା ପକାଇବା ପାଇଁ ସ୍ୱତନ୍ତ୍ର ଆଜବେଷ୍ଟସ ଛପର ଘର ନିର୍ମାଣ କରାଯାଇଛି। ପରିବେଶକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ପଞ୍ଚାୟତ ଓ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅର୍ଥ ବ୍ୟୟ କରାଯାଇ ଏହି ଆବର୍ଜନା ଘର ନିର୍ମାଣ କରାଯାଇଛି। ଆବର୍ଜନାଗୁଡ଼ିକୁ ଏଠି ସେଠି ମନଇଚ୍ଛା ନ ପକାଇ ଏହି କୁଣ୍ଡ ଭିତରେ ପକାଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ବର୍ତ୍ତମାନ କେତେକ ଅଜଣା ଅସାଧୁ ବ୍ୟକ୍ତି ଘର ଭିତରେ ଅଳିଆ ନ ପକାଇ ବାହାରେ ପକାଇ ଚାଲିଯାଉଛନ୍ତି। ଫଳରେ କୁଢ଼ କୁଢ଼ ଆବର୍ଜନା ବିଛାଇ ହୋଇ ପଡ଼ିଥିବା ବେଳେ ଏଥିରୁ ବାହାରୁଥିବା ନାକଫଟା ଦୁର୍ଗନ୍ଧରେ ପଥଚାରୀମାନେ ଅତିଷ୍ଠ ହୋଇପଡୁଛନ୍ତି। ଏହି ଆବର୍ଜନା କୁଣ୍ଡଠାରୁ ପ୍ରାୟ ୧୦୦ ମିଟର ଦୂରରେ ଷ୍ଟେଟ ବ୍ୟାଙ୍କ ଶାଖା ଥିବା ବେଳେ କେତେକ ଦୋକାନ ଓ ଡିହଡୋଳ ଗ୍ରାମ ରହିଛି। ନିକଟରେ ବାସ କରୁଥିବା ଜନସାଧାରଣ, ବ୍ୟାଙ୍କ ଗ୍ରାହକ ଓ କର୍ମଚାରୀ, ଦୋକାନୀମାନେ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡ଼ିଲେଣି। ପରିବେଶ ପ୍ରତି ସମସ୍ତେ ସଚେତନ ରହିବି ପାଇଁ ମତ ପ୍ରକାଶ ପାଇଛି।

## ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇଲା ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ହିନ୍ଦୋଳ,୫।୬(ସମିସ):** ହିନ୍ଦୋଳ ବ୍ଲକ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟରେ ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇଛି। ଏ ନେଇ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କମିଟି ପକ୍ଷରୁ ଗତ ୪ବର୍ଷ ଧରି ଏହି ମାନ୍ୟତା ପାଇବା ପାଇଁ ଉଦ୍ୟମ ଜାରି ରହିଥିଲା। ଶେଷରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୩୧୪୪/୨୦୨୫ ଅନୁଯାୟୀ ଏହି ମାନ୍ୟତା ମିଳିଛି।

## ଠିକାଦାରଙ୍କ ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ

**ପରଜଙ୍ଗ,୫।୬(ସମିସ):** ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ପାଣି ପାଇପ ବିଛାଇବା କାର୍ଯ୍ୟ ଜୋରଦାର ଚାଲିଛି। ଗାଁର ପ୍ରତ୍ୟେକ ସାହିରୁ ଆରମ୍ଭ ପ୍ରମୁଖ ରାସ୍ତା ପର୍ଯ୍ୟନ୍ତ ଜେସିବି ମେସିନ ସାହାଯ୍ୟରେ ଚାଲିଛି ରାସ୍ତା କଡ଼ରେ ମାଟି ଖୋଳା। ମାଟି ଖୋଳାଯାଇ ଏହା ମଧ୍ୟରେ ପାଣି ପାଇପ ବିଛା ଚାଲିଛି। ମାଟି ଖୋଳାଯାଇ ପାଇପ ବିଛାଇବା ପରେ ପୁଣି ମାଟି ଘୋଡ଼ାଇ ଦିଆଯାଉଛି। କିନ୍ତୁ ଠିକାଦାର ମାଟିକୁ ରୋଲିଂ କରି ରାସ୍ତା ସହିତ ସମତଳ କରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ରାସ୍ତା କଡ଼ରେ ସୃଷ୍ଟି ହୋଇଥିବା ମାଟି ହିଡ଼ ଲୋକଙ୍କ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି କରୁଛି। ଲୋକେ ସାମାନ୍ୟ ଅସାବଧାନହେଲେ ଏହି ମାଟି ହିଡ଼ରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ପାଣିରେ ବେହାଲ ହୋଇପଡୁଛି। ଠିକାଦାରଙ୍କ ଏପରି ମନମୁଖି କାର୍ଯ୍ୟକୁ ନେଇ ସବୁଠି ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତା କଡ଼ରେ ସୃଷ୍ଟି ହୋଇଥିବା ମାଟି ହିଡ଼କୁ ରୋଲିଂ କରି ରାସ୍ତା ସହ ସମତଳ କରିବାକୁ ସାଧାରଣରେ ଦାବି ହେଉଛି।



## ଗ୍ରାମବାସୀ ଖୋଳିଥିବା ପୋଖରୀକୁ ଅମୃତ ସରୋବର ଦର୍ଶାଇ ଅର୍ଥ ହରିଲୁଟ୍

**ଖଜୁରିଆକଟା,୫।୬(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ସାଗର ବନ୍ଧ ଆପ୍ରୁଭାଲ ପୂର୍ବରୁ ମେସିନ୍ ସାହାଯ୍ୟରେ ଗାଁ ଲୋକ ପୋଖରୀ ଖୋଳି ମାଟି ନେଇଥିଲେ ଓ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରସାରଣ ହୋଇଥିବାବେଳେ ପଞ୍ଚାୟତ ଏଡିଓ, ପିଓ, ଏପିଓ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପୋଖରୀ ଖୋଳା ବିଷୟରେ କିଛି ଜାଣି ନ ଥିବା ଦର୍ଶାଇଥିଲେ। ମାତ୍ର ସେହି ସାଗର ବନ୍ଧକୁ ଅମୃତ ସରୋବର ଆପ୍ରୁଭାଲ କରି ଲେବର ଡିମାଣ୍ଡ ଦେଉଥିବା ଦେଖିବାକୁ ମିଳୁଛି। ପୋଖରୀରେ ପାଣି ଥିବାବେଳେ କିପରି ଶ୍ରମିକ କାର୍ଯ୍ୟ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରମିକ କାମ କରୁଥିବାର ଏନଏମଏସ ଫଟୋ ଅପଲୋଡ୍ କରାଯାଉଛି। ଏଡିଓ, କନିଷ୍ଠଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ଏହାକୁ କିପରି ମଞ୍ଜୁର କରୁଛନ୍ତି ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ହାତଗଣତି ଲୋକଙ୍କୁ ରାସ୍ତା ଏବଂ ପୋଖରୀ ପାଣି ଭିତରେ ଠିଆକରି



ଏନଏମଏସ ଫଟୋ ଉଠାଯାଉଛି। ସେହି ଫଟୋକୁ ଅଧିକାରୀ କିପରି ଗ୍ରହଣ କରୁଛନ୍ତି ତାହା ଏବେ ରାସୋଳ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସାଗର ବନ୍ଧ ଶୁଖିଲା ପଡ଼ିଥିବାରୁ ଦୁଇ ମାସ ପୂର୍ବରୁ ଗ୍ରାମବାସୀ ମେସିନ ସାହାଯ୍ୟରେ ତାହାକୁ ଖୋଳି ନିଜ ଜମି ପୋତିବାକୁ ମାଟି ନେଇଥିଲେ। ଗଣମାଧ୍ୟମରେ ଏ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ୍ୟ ହିନ୍ଦୋଳ ତହସିଲଦାର କିମ୍ବା ସରପଞ୍ଚ କୌଣସି ପଦକ୍ଷେପ ନେଇ ନ ଥିଲେ। ପଞ୍ଚାୟତ ଏଡିଓ, ପିଇଓ, କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ଏ ବିଷୟରେ କୌଣସି ତଥ୍ୟ ନ ଥିବା ଏବଂ ସାଗର ବନ୍ଧର କୌଣସି କାର୍ଯ୍ୟ ପାଇଁ ଆପ୍ରୁଭାଲ ନ ଥିବା ଦର୍ଶାଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ଏବେ ସେହି ପୋଖରୀକୁ ଅମୃତ ସରୋବରରେ ଆପ୍ରୁଭାଲ କରି ବିଲ୍ କରିବା ପାଇଁ ଲେବର ଡିମାଣ୍ଡ ଚାଲିଛି। ପୋଖରୀରେ ପାଣି ଥିବା ସମୟରେ ଶ୍ରମିକ କେଉଁ କାମ କରୁଛନ୍ତି ଯେ ତାଙ୍କ ନାମରେ ଲେବର ଡିମାଣ୍ଡ ହେଉଛି ଏବଂ ଯେଉଁ ଶ୍ରମିକଙ୍କ ଡିମାଣ୍ଡ ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଗ୍ରାମରେ ରହୁ ନ ଥିବା ବେଳେ କାହାକୁ ଠିଆ କରାଇ ଗ୍ରାମସାଥୀ ଏନଏମଏସ ଫଟୋ ଉଠାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ

**ଢେଙ୍କାନାଳ,୫।୬(ସମିସ):** ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସାମୂହିକ ଔଷଧ ସେବନ କରାଯିବ। ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଏଡିପିଓ, ଡିଆଇପିଆରଓ, ଉପଜିଲ୍ଲାପାଳ, ବିଭିନ୍ନ ବେସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବେସରକାରୀ ଅନୁଷ୍ଠାନ ସହିତ ଏନଜିଓମାନେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଖଜୁରିଆକଟା, ବେଳଟିକିରି, ହିନ୍ଦୋଳ, ମଠକରଗୋଳା, କାମାକ୍ଷାନଗର, ହିନ୍ଦୋଳ ଏନଏସି, ପୌରାଞ୍ଚଳରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଜରିଆରେ ୬ ଲକ୍ଷ ୬୫ ହଜାର ଲୋକଙ୍କୁ ଫାଇଲେରିଆ ଔଷଧ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି। ଔଷଧ ପ୍ରଦାନ ଏବଂ ଖାଇବା ତଦାରଖ ପାଇଁ ଔଷଧ ପ୍ରଦାନକାରୀଙ୍କୁ ନିଯୁକ୍ତି ଦିଆଯିବ। ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଔଷଧ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଲୋଡ଼ିଛନ୍ତି। ଫାଇଲେରିଆକୁ ମୂଳୋତ୍ପାଟନ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ଔଷଧ ସେବନ କରିବାକୁ ହେବ ବୋଲି ସେ କହିଥିଲେ।



ଶିକ୍ଷକ ବଦଳି ପାଇଁ ନେତାଙ୍କ ଘରେ ଗହଳି

# ଗଣେଶ୍ୱରଙ୍କ ପରେ ଅସନ୍ତୋଷ ଝାଡ଼ିଲେ ତାରା

ଭୁବନେଶ୍ୱର,୫।୬(ସମିସ): ସୁପାରିସ୍ ଆଧାରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପରେ ଅଡୁଆରେ ପଡ଼ିଛନ୍ତି ବିଧାୟକ ଓ ସାଂସଦ। ସକାଳୁ ସକାଳୁ ଘରେ ଲାଗୁଛି ଲମ୍ବା ଲାଇନ୍। ଶହଶହ ଅନୁରୋଧପତ୍ର ଟେବୁଲ୍ ଉପରେ ଗଦା ହେଲାଣି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ ବଦଳି ପାଇଁ ସୁପାରିସ୍ କରିବେ ସେନେଇ ଜନପ୍ରତିନିଧିମାନେ ଅକଳରେ ପଡ଼ିଛନ୍ତି। ଫଳରେ ବିଧାୟକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ସରକାର ଏହାର ପୁନଃବିଚାର କରିବାକୁ ଦାବି କରୁଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏନେଇ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ୧୫ଜଣ ଶିକ୍ଷକ ବଦଳି କ୍ଷମତା ବିଧାୟକଙ୍କୁ ବୁମେରାଂ ହେବ। ଅନେକ ଶିକ୍ଷକ ବଦଳି ସୁପାରିସ ପାଇଁ ଧାଡ଼ି ବନ୍ଧୁଥିବାରୁ ସମସ୍ୟା ବଢ଼ିଛି। ଯେଉଁମାନେ ସୁପାରିସ ନ ପାଇବେ ସେମାନେ କେବେ କ୍ଷମା ଦେବେନି। ସହଯୋଗ ନ କରିବାକୁ ପରୋକ୍ଷରେ ମଧ୍ୟ ଧମକ ଦେଉଛନ୍ତି। ଗୋଟେ ବର୍ଷରେ ଏହି ସମସ୍ୟା, ପାଞ୍ଚ ବର୍ଷରେ ଅନେକ ଶତ୍ରୁ ବାହାରିବେ। ସରକାରଙ୍କ ସୁପାରିସ ବ୍ୟବସ୍ଥା ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିଛି। ଏଥିପାଇଁ ବଦଳି ସୁପାରିସ କ୍ଷମତା ପ୍ରତ୍ୟାହାର କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସେ ଚିଠି ଲେଖିଛନ୍ତି। ଅନ୍ୟ ବିଧାୟକମାନେ ଯଦି ଏକମତ ନୁହନ୍ତି, ତା'ହାଲେ ତାଙ୍କଠାରୁ ଏହି କ୍ଷମତା ଫେରାଇ ନିଅନ୍ତୁ ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି। ଯେଉଁ ଶିକ୍ଷକଙ୍କର ପ୍ରକୃତରେ ସମସ୍ୟା ଅଛି, ସେମାନଙ୍କ କଥା ବିଚାର କରାଯାଉ ଏବଂ ସରକାର ବଦଳି ନୀତିରେ ପରିନବର୍ତ୍ତନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

**କେଭି, ଓଏଭି ଭଳି ସ୍ୱତନ୍ତ୍ର ନିୟମ ଆଣିବାକୁ ଶିକ୍ଷକ ସଂଘର ଦାବି**

ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଶିକ୍ଷକ ବଦଳି ସୁପାରିସ ପାଇଁ ବିଧାୟକମାନଙ୍କୁ କ୍ଷମତା ଦେବା ସରକାରଙ୍କ ଏକ କଦର୍ଯ୍ୟ ନିଷ୍ପତ୍ତି। ପ୍ରାୟ ୫ଶହ ଶିକ୍ଷକ ବଦଳି ପାଇଁ ତାଙ୍କୁ ଅନୁରୋଧ କଲେଣି। ସମସ୍ତ ଆବେଦନକାରୀ ସମସ୍ତେ ନିଜର, ତାଙ୍କ ନିର୍ବାଚନମଣ୍ଡଳୀର। ଏପରିକି ସମ୍ପର୍କୀୟମାନେ ମଧ୍ୟ ଅନୁରୋଧ କରୁଛନ୍ତି। ତନ୍ମଧ୍ୟରୁ କେଉଁ ୧୫ ଜଣଙ୍କୁ କେଉଁ ଆଧାରରେ ସେ ସୁପାରିସ କରିବେ ବୋଲି ପ୍ରଶ୍ନ କରିବା ସହ ଗୋଟିଏ ମଧ୍ୟ ସୁପାରିସ କରିବେ ନାହିଁ ବୋଲି କହିଛନ୍ତି। ସରକାର ଏହାର ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ବର୍ଷେ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ପ୍ରାୟ ୫ ହଜାର ବଦଳି କରିଥିବା ଏବଂ ଏହା ସ୍ୱାଧୀନତା ଇତିହାସରେ ଏହା ବିରଳ ବୋଲି କହିଛନ୍ତି। ମନ୍ତ୍ରୀ ଯଦି ୫ହଜାର ବଦଳି କରିପାରୁଛନ୍ତି, ତା'ହେଲେ ବିଧାୟକଙ୍କୁ ମଧ୍ୟ ୫ଶହ ଶିକ୍ଷକଙ୍କୁ ବଦଳି କରିବା ପାଇଁ କ୍ଷମତା ଦିଅନ୍ତୁ ବୋଲି ସେ କହିଛନ୍ତି। ଅଭିଭକ୍ତ କୋରାପୁଟ ଜିଲ୍ଲାରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ସେମାନଙ୍କ ଜିଲ୍ଲାକୁ ପଳାଇଲେଣି। ପୁଣି ଶିକ୍ଷକ ପଦ ଖାଲି ପଡ଼ିବ। ପୁଣି ସେହି ପଦରେ ନିଯୁକ୍ତି ଦେଇ ବଦଳି କରିବେ। ଏହା ଏକ ବ୍ୟବସାୟରେ ପରିଣତ ହୋଇଛି। ଏହାକୁ ବନ୍ଦ କରାଯାଉ। ୧୫ଜଣଙ୍କୁ ବଦଳି କରିବା ପାଇଁ ସୁପାରିସ ମଧ୍ୟ ସରକାରଙ୍କ ଏକ ଚାଲ୍ ବୋଲି ଶ୍ରୀ ବାହାନୀପତି କହିଛନ୍ତି। କାରଣ ୧୫ଜଣଙ୍କ ସୁପାରିସ କରି ୧୫ଶହ ଶିକ୍ଷକଙ୍କ ଆକ୍ରୋଶର ଶିକାର ହେବେ। ବିଜେପି ନେତାମାନେ କିନ୍ତୁ ଭିତିରିଆ ବହୁ ଅଧିକ ବଦଳି କରିବେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ସିବିଟି ଶିକ୍ଷକ ସଙ୍ଘ ସଭାପତି ରାଜେନ୍ଦ୍ର ମଲ୍ଲିକ କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରି ଗଣଶିକ୍ଷା ବିଭାଗ ମଧ୍ୟ ଶିକ୍ଷକ ବଦଳି ପାଇଁ ନିର୍ଦ୍ଦିଷ୍ଟ ନିୟମ ଆଣିବାର ଆବଶ୍ୟକ ରହିଛି। ବର୍ତ୍ତମାନର ବଦଳି ନିୟମ ଶିକ୍ଷକଙ୍କ ହିତରେ ଆସୁନାହିଁ। ରାଜ୍ୟକୁ ଅର୍ବାନ, ସେମିଅର୍ବାନ, ଗ୍ରାମୀଣ ଓ ଉପାନ୍ତ କ୍ଲଷ୍ଟର ଭାବେ ବିଭକ୍ତ କରାଯାଇ ଶିକ୍ଷକ ବଦଳି କରାଯିବା ଉଚିତ୍। ପ୍ରତି କ୍ଲଷ୍ଟରରେ ଜଣେ ଶିକ୍ଷକ ପାଞ୍ଚବର୍ଷ କାମ କରିବାର ପ୍ରାବଧାନ ରହିଲେ ସେମାନେ ଚାପଗ୍ରସ୍ତ ହେବେନାହିଁ। ନୀତି ନିର୍ଦ୍ଧାରଣ ପୂର୍ବରୁ ଶିକ୍ଷକଙ୍କ ସହ ବ୍ୟାପକ ଆଲୋଚନା କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

ସେହିପରି ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଙ୍ଘ ସଭାପତି ଶୁଭ୍ରଜିତ ପ୍ରତିହାରୀ କହିଛନ୍ତି ଯେ ସୁପାରିସ୍ କ୍ଷମତା ଲେକପ୍ରତିନିଧିଙ୍କୁ ନିହାତି ଅଡୁଆରେ ପକାଇବ। ଗରିବ ଶ୍ରେଣୀର, ରୋଗଗ୍ରସ୍ତ, ମାଆବାପାଙ୍କଠାରୁ ଦୂରରେ ରହୁଥିବା କିମ୍ବା ପରିବାରଠାରୁ ୫ଶହ କିଲୋମିଟର ଦୂରରେ ରହୁଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦେଇ ବଦଳି କରାଯାଉ। ଫଳରେ ଶିକ୍ଷକ ଖୁସି ହେବେ ଓ ଶିକ୍ଷାର ମାନ ମଧ୍ୟ ବୃଦ୍ଧି ହେବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ୧୩ ତାରିଖରେ ନିଜ ନିର୍ବାଚନ ମଣ୍ଡଳୀରସର୍ବାଧିକ ୧୫ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ବିଧାୟକ ଓ ସାଂସଦମାନେ ସୁପାରିସ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଡିଏସ୍‌ପିଙ୍କ କାର୍ ଧକ୍କାରେ ଶ୍ରମିକ ମୃତ



ଦେଓଗାଁ, ୫।୬ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ ବଙ୍ଗଳା ନିକଟ ୨୬ନଂ ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଜଣେ ଶ୍ରମିକ ସାଇକଲରେ ଯାଉଥିବା ବେଳେ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ, ସଇଁନ୍ତଲା ଥାନା ଅଧୀନ ଜଲିଆ ଗାଁର ଭକ୍ତି ସାହୁ। ପରେ ଉତ୍ତ୍ୟକ୍ତ ଲୋକେ କାର୍ ଚାଳକଙ୍କୁ ଅଟକ ରଖି କ୍ଷତିପୂରଣ ଦାବିରେ ଦୀର୍ଘ ୪ ଘଣ୍ଟା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଦେଓଗାଁ ପୁଲିସ ପହଞ୍ଚି କାର୍ ଚାଳକ ଲୋକନାଥ ସାହୁଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ। କାର୍ ଚାଳକ କଳାହାଣ୍ଡି ଜିଲ୍ଲା ପୁଲିସ ବିଭାଗରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ପରେ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟଙ୍କ ସମେତ ଦେଓଗାଁ, ତୁଷୁରା ସଇଁନ୍ତଲା ଓ ଟାଉନ ଥାନା ଅଧିକାରୀ ଓ ୨ ପ୍ଲାଟୁନ୍ ଫୋର୍ସ ପରିସ୍ଥିତିକୁ ଆୟତ୍ତ କରିଥିଲେ।

## ଦଇତାପତି ନିଯୋଗ ପାଇଁ ୨.୨୫ କୋଟିର ସ୍ୱତନ୍ତ୍ର ଅର୍ଥରାଶି

ଭୁବନେଶ୍ୱର, ୫।୬(ସମିସ): ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଆଇନ ବିଭାଗ ତତ୍ପର ହୋଇଉଠିଛି। ଆସନ୍ତା ରଥଯାତ୍ରାରେ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସରକାର ଦଇତାପତି ନିଯୋଗକୁ ପୁରସ୍କାର ଭାବେ ଅର୍ଥରାଶି ପ୍ରଦାନ କରିବେ। ଏଥିପାଇଁ ମୋଟ ୨କୋଟି ୨୫ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅର୍ଥରାଶିକୁ ବିଭାଗ ପକ୍ଷରୁ ଅନୁମୋଦନ କରାଯାଇଛି। ବିଭାଗ ପକ୍ଷରୁ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଦଇତାପତି ନିଯୋଗକୁ ସ୍ୱତନ୍ତ୍ର ଭାବେ ଏହି ରାଶି ପ୍ରଦାନ କରିବାକୁ ଆଇନ ବିଭାଗ ଅନୁମୋଦନ କରିଛି। ଏନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରସାସନ ପକ୍ଷରୁ ଆଇନ ବିଭାଗକୁ ଚିଠି ଲେଖାଯାଇ ପ୍ରସ୍ତାବ ଦିଆଯାଇଥିଲା। ଏହି ରାଶି ଶ୍ରୀମନ୍ଦିର ପ୍ରଶାସନ ପାଣ୍ଠିରୁ ପ୍ରଦାନ କରାଯାଇପାରିବ ବୋଲି ଚିଠିରେ ଦର୍ଶାଯାଇଛି। ପରେ ସେହି ଅର୍ଥକୁ ରାଜ୍ୟ ସରକାର ଅତିରିକ୍ତ ବଜେଟରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

■ ସେଲ୍‌ଫି ହେଲା କାଳ

## ଦେବୀ ନଦୀ ପୋଲରୁ ଖସି ପଡ଼ି ଯୁବକ ନିଖୋଜ



ନାଉଗାଁ,୫।୬(ସମିସ): ସେଲ୍‌ଫି ନେବା ବେଳେ ଦେବୀ ନଦୀକୁ ଖସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ, ନାଉଗାଁ ଥାନା ଅନ୍ତର୍ଗତ ବଛାଳ ପଞ୍ଚାୟତ ବଛାଳ ଗ୍ରାମର ଟୁକୁନା ଲେଙ୍କାଙ୍କ ପୁଅ ସୂର୍ଯ୍ୟକାନ୍ତ ଲେଙ୍କା। ସୂର୍ଯ୍ୟକାନ୍ତ ଆଜି ଶିଖର ଦେବୀନଦୀ ପୋଲ ଉପରେ ସେଲ୍‌ଫି ଉଠାଉଥିବା ବେଳେ ନଦୀକୁ ଖସି ପଡ଼ିଥିଲେ। ନାଉଗାଁ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ସନ୍ଧାନ ମିଳିନଥିଲା। ଶେଷ ଖବର ଲେଖା ହେବା ବେଳକୁ ଜଗତସିଂହପୁର ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି। ଅପରପକ୍ଷେ, ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ

# ଏ ବର୍ଷ ରାଜ୍ୟରେ ଲାଗିବ ୭.୫ କୋଟି ଗଛ

ଭୁବନେଶ୍ୱର,୫।୬(ସମିସ): ଏ ବର୍ଷ ରାଜ୍ୟରେ ୭.୫ କୋଟି ବୃକ୍ଷ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ପ୍ଲାଷ୍ଟିକ ବର୍ଜନ ଏକ ଗଣଆନ୍ଦୋଳନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସରକାର ସକ୍ରିୟ ପଦକ୍ଷେପ ନେଇଛନ୍ତି।



ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟ ସରକାର ପ୍ରାୟ ସାଢ଼େ ୬ କୋଟିରୁ ଅଧିକ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି। ଫଳରେ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କିଲୋମିଟର ନେଟ୍ ବୃଦ୍ଧି ହୋଇଛି। ଯାହା ସମସ୍ତ ରାଜ୍ୟ ମଧ୍ୟରେ ଚତୁର୍ଥ ସର୍ବାଧିକ। ଜନସାଧାରଣ ଓ ଅନୁଷ୍ଠାନ ଗୁଡିକ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ପରିଶେଷରେ ରାଜ୍ୟରେ ପରିବେଶ ସୁରକ୍ଷା ତଥା ଏହାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାର ୧୮୫ 'ପ୍ରକୃତି ମିତ୍ର' ଏବଂ ୨୧୧ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ତଥା

**ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ପରିବେଶ ଦରକାର: ମୁଖ୍ୟମନ୍ତ୍ରୀ**

ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନଠାରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ଏକ ପ୍ରଦର୍ଶନୀ ହୋଇଥିଲା।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫
- ପାଉଣ୍ଡ ୧୧୬.୬୯
- ୟୁରୋ ୯୮.୨୫
- ୟେନ୍ ୦.୬୦

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୩୦୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୪୨.୦୦
- ନିଫ୍ଟି ୨୪,୭୫୦.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

## ଭାରତ ଆସିବ ଆମେରିକାର ଉଚ୍ଚସ୍ତରୀୟ କମିଟି



ନୂଆଦିଲ୍ଲୀ,୫।୬(ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ସମ୍ପର୍କରେ ଏକ ବଡ଼ ସୂଚନା ଆସିଛି। ଆମେରିକୀୟ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ କମିଟି ଖୁବ୍ ଶୀଘ୍ର ଭାରତ ଗସ୍ତ କରିପାରନ୍ତି, ଯାହା ଦ୍ୱାରା ଜୁଲାଇ ୯ ପୂର୍ବରୁ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି। ଆମେରିକା ଏକ ଟିମ୍ ଭାରତ ଆସୁଛି, ଯାହା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଶୀଘ୍ର ହୋଇପାରିବ। ଭାରତୀୟ ପକ୍ଷର ନେତୃତ୍ୱ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ନେଉଛନ୍ତି, ଯିଏ କି ସମ୍ପ୍ରତି ୱାଶିଂଟନରେ ୪ ଦିନ ଧରି ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

**ଜୁଲାଇ ୯ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚୂଡ଼ାନ୍ତ**

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକା ଗସ୍ତ ସମୟରେ ଦୁଇଥର ଆମେରିକୀୟ ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କୁ ମଧ୍ୟ ଭେଟିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ଏପ୍ରିଲ ୨ ରେ ଭାରତ ଉପରେ ୨୬% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା, କିନ୍ତୁ ଏହାକୁ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଏହି ସ୍ଥଗିତାଦେଶ ଜୁଲାଇ ୯ ରେ ଶେଷ ହେଉଛି - ଏହା ପୂର୍ବରୁ ଉଭୟ ଦେଶ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଆଲୋଚନା ଉପରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଭାରତ ଦାବି କରୁଛି ଯେ ୨୬% ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ଭାବରେ ହଟାଯାଉ, ଯେତେବେଳେ କି ଆମେରିକା ପୂର୍ବରୁ ୧୦% ମୂଳ ଶୁଳ୍କ ଲାଗୁ କରୁଛି। ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ହୋଇଛି। କିନ୍ତୁ ଭାରତ ସହିତ ବଢୁଥିବା ବାଣିଜ୍ୟ ନିଅଣ୍ଟକୁ ନେଇ ଆମେରିକା ଚିନ୍ତା ପ୍ରକଟ କରିଛି। ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ନେବାକୁ ଚାହୁଁଛନ୍ତି। ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଏହି ଦିଗରେ ପ୍ରଥମ କଠିନ ପଦକ୍ଷେପ ହୋଇପାରେ, ଯାହା ୨୦୨୫ (ସେପ୍ଟେମ୍ବର-ଅକ୍ଟୋବର) ସୁଦ୍ଧା ପର୍ଯ୍ୟାୟ ୧ରେ ସମାପ୍ତ ହୋଇପାରିବ। ସାମଗ୍ରିକ ଭାବରେ ଭାରତ ଏବଂ ଆମେରିକା ଏବେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାର ଶେଷ ପର୍ଯ୍ୟାୟ ଆଡକୁ ଅଗ୍ରସର ହେଉଛନ୍ତି। ଜୁଲାଇ ୯ ପୂର୍ବରୁ ପାରସ୍ପରିକ ଶୁଳ୍କ ହଟାଇବା ଏବଂ ବାଣିଜ୍ୟ ପ୍ରକ୍ରିୟାକୁ ସହଜ କରିବା ସମ୍ପର୍କରେ ଏକ ଦୃଢ଼ ଘୋଷଣା ଆଶା କରାଯାଉଛି। ଏହା ଆମେରିକା ପାଇଁ ଭାରତ ସହିତ ବାଣିଜ୍ୟ ବିସ୍ତାର କରିବା ପାଇଁ ଏକ ରଣନୈତିକ ସୁଯୋଗ ହୋଇପାରେ, ଯେତେବେଳେ କି ଭାରତ ପାଇଁ ଏହା ରପ୍ତାନି ବୃଦ୍ଧି ଏବଂ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବାର ଏକ ସୁଯୋଗ।

## ଆଜିଠୁ 'ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ୍'

ଭୁବନେଶ୍ୱର,୫।୬(ସିମସ): ୩୫ ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷତା ପାଳନ ଅବସରରେ ଉତ୍କଳ ବିଲ୍ଡର୍ସ ଜୁନ୍ ୬ ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫ୍‌ରେ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ ଆରମ୍ଭ କରିଛି। ଏହି ତିନିଦିନିଆ କାର୍ଯ୍ୟକ୍ରମ 'ଉତ୍କଳ'ର ଯାତ୍ରାର ଭିନ୍ନ ଏକ ମାଇଲଖୁଣ୍ଟ, ଯାହା-ପ୍ରଥମଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର୍, ଆଶ୍ଚର୍ଯ୍ୟଜନକ ଉପହାର ଓ ଆକର୍ଷଣୀୟ ସୁବିଧା ନେଇ ଓଡିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମିତିର ମାଲିକ ହୋଇପାରିବେ।

**ଉତ୍କଳ ବିଲ୍ଡର୍ସର ୩୫ତମ ଗୌରବମୟ ବର୍ଷ**




"ଗତ ସାଢ଼େ ତିନି ଦଶନ୍ଧି ଧରି ଉତ୍କଳ ତାର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି। ଏହି ଅବସରରେ ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କୁହନ୍ତି, ଏହି କାର୍ଣ୍ଣିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ।" ଭୁବନେଶ୍ୱରରେ ଉତ୍କଳ ଦ୍ୱାର ପ୍ରସ୍ତୁତ ଅନେକ ଗୁଡିଏ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ। ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ଏବଂ ବିରଳ ୱିଣ୍ଡୋ ସୃଷ୍ଟି କରିବା ପାଇଁ ସଫଳ ହୋଇପାରିଛୁ ବୋଲି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି। ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହା ପ୍ରକୃତରେ ଆଗରୁ କେବେ ଦେଖାଯାଇନି। ଏହା ଉପଭୋକ୍ତମାନଙ୍କ ପାଇଁ ନିବେଶର ପ୍ରକୃଷ୍ଟ ସମୟ। ଏହି ଅବସରରେ ଉତ୍କଳ ବିଲ୍ଡର ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ସୁଯୋଗ ରହିଛି।

## ଟିପିସିଓଡିଏଲ୍ ମେଗା 'ବିଲ୍ ପେ ଆଣ୍ଡ ୱିନ୍'କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୬ମ(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଏମ୍‌ଡିସି ଅଡିଟୋରିୟମ୍‌ରେ ମେଗା 'ବିଲ୍ ପେ ଆଣ୍ଡ ୱିନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିୟମିତ ଭାବେ ସଠିକ୍ ସମୟରେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଦ୍ୟୁତ ବିଲ୍ ପଇଠ କରୁଥିବା ଗ୍ରାହକମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଇଛି। ଏକ ଡ୍ର' ଜରିଆରେ ଭୁବନେଶ୍ୱର ସର୍କଲ୍‌ରୁ ୮୦ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ଅଧୀନରେ ସମଗ୍ର ଟିପିସିଓଡିଏଲ୍ ସର୍କଲ୍‌ରେ ୯ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମେଗା ପୁରସ୍କାର ଭାବେ ଆଇଫୋନ୍ ପ୍ରଦାନ କରାଯାଇଥିଲା। ଏହି ସ୍କିମ୍‌ରେ ଶୂନ ବକେୟା ରଖୁଥିବା ଏବଂ ଟିପିସିଓଡିଏଲ୍‌ର ଅନ୍‌ଲାଇନ୍ ପ୍ଲାଟଫର୍ମକୁ ବ୍ୟବହାର କରି ଧାର୍ଯ୍ୟ ତାରିଖ ଭିତରେ ନିଜର ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଉପଭୋକ୍ତାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଥିବା ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

## ରାଜଧାନୀରେ ଓବେନ୍ ଇଲେକ୍ଟ୍ରିବାଇକ୍‌ର ନୂଆ ଶୋ'ରୁମ୍

ଭୁବନେଶ୍ୱର, ୫।୬(ସିମସ): ଘରୋଇ ଇଲେକ୍ଟ୍ରିକ୍ ବାଇକ୍ ନିର୍ମାତା ଓବେନ୍ ଇଲେକ୍ଟ୍ରିକ୍ ଭୁବନେଶ୍ୱରରେ ଏହାର ଶୋ'ରୁମ୍ ଏବଂ ସର୍ଭିସ୍ ସେଣ୍ଟର୍‌ର ଉନ୍ମୋଚନ ସହ ପୂର୍ବ ଭାରତରେ ନିଜର ଉପସ୍ଥିତି ଜାହିର କରିଛି। ଓବେନ୍ ଇଲେକ୍ଟ୍ରିକ୍ ଏହାର ସମ୍ପ୍ରସାରଣ ଯୋଜନାରେ ଭାରତର ୨୬ଟି ସହରରେ ୩୭ଟି ଶୋ'ରୁମ୍ ଖୋଲିଛି। ବର୍ଷ ଶେଷ ସୁଦ୍ଧା ଦେଶରେ ୧୦୦ରୁ ଅଧିକ ଶୋ'ରୁମ୍ ଏବଂ ସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କମ୍ପାନୀର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଏହି ନୂତନ ଶୋ'ରୁମ୍‌ର ମୁଖ୍ୟ ଆକର୍ଷଣ ହେଉଛି ଏକ ଉଚ୍ଚ-କ୍ଷମତା ସମ୍ପନ୍ନ ଇଲେକ୍ଟ୍ରିକ୍‌ବାଇକ୍ ଓବେନ୍ ରୋର ଇଜେଡ୍ ଯାହା ଏକ ଶକ୍ତିଶାଳୀ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସହର ଯାତାୟାତ ଅଭିଜ୍ଞତା ପ୍ରଦାନ କରେ। ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ଏବଂ ନିର୍ମିତ, ରୋର ଇଜେଡ୍ ତିନୋଟି ବ୍ୟାଟେରୀ ପ୍ରକାରରେ ଉପଲବ୍ଧ –୨.୬ କେଡବ୍ଲ୍ୟୁଏଚ୍, ୩.୪ କେଡବ୍ଲ୍ୟୁଏଚ୍ ଏବଂ ୪.୪ କେଡବ୍ଲ୍ୟୁଏଚ୍ ଏବଂ ଉଚ୍ଚ ପ୍ରଦର୍ଶନ ସମ୍ପନ୍ନ ଏଲଏଫପି (ଲିଥିୟମ୍ ଆଇରନ୍ ଫସଫେଟ୍) ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ଯାହା ୫୦% ଅଧିକ ଉତ୍ତାପ ପ୍ରତିରୋଧ ଏବଂ ୨ଗୁଣା ବ୍ୟାଟେରୀ ଜୀବନକାଳ ସୁନିଶ୍ଚିତ କରେ। ରୋର ଇଜେଡ୍ ୯୯,୯୯୯ ଟଙ୍କା(ଏକ୍ସ-ଶୋରୁମ୍) ର ପ୍ରାରମ୍ଭିକ ମୂଲ୍ୟରେ ଏବଂ ମାତ୍ର ୭,୯୯୯ ଟଙ୍କାର ସହଜ ଡାଉନ୍ ପେମେଣ୍ଟ ସହିତ ଉପଲବ୍ଧ। ଭୁବନେଶ୍ୱରସ୍ଥିତ ଶୋ'ରୁମରେ ପ୍ରଥମ ମାସ ମଧ୍ୟରେ ଓବେନ୍ ରୋର ଇଜେଡ୍ କ୍ରୟ କରୁଥିବା ଗ୍ରାହକମାନେ ଏକ ସ୍ୱତନ୍ତ୍ର ଲଞ୍ଚ ଅଫରର ଅଂଶ ସ୍ୱରୂପ ଏକ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପାଇବେ ବୋଲି ଓବେନ୍ ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରୱାଲ୍ କହିଛନ୍ତି।

## ସାତ୍ତ୍ୱିକ ସୋଲାର ପକ୍ଷରୁ ଓଡ଼ିଶାରେ ସୋଲାର୍ ସେଲ୍, ମଡ୍ୟୁଲ୍ ପ୍ଲାଣ୍ଟର ଶିଳାନ୍ୟାସ

ଭୁବନେଶ୍ୱର,୫।୬(ସିମସ): ସାତ୍ତ୍ୱିକ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏସ୍‌ଜିଇଏଲ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସ୍‌ଆଇଓପିଏଲ୍) ପକ୍ଷରୁ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଥିବା ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍‌ର (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଗୋପାଳପୁର ଶିଳ୍ପ ପାର୍କରେ ୫୭ ଏକର ଜମିରେ ୪.୦୦ ଗିଗାୱାଟ୍ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନାର ଶିଳାନ୍ୟାସ କରାଯାଇଛି। ଏସ୍‌ଜିଇଲ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ଏସ୍‌ଏସ୍‌ଆଇପିଏଲ୍ ଅଧୀନରେ ଯୋଜନା କରାଯାଇଥିବା ଏହି ପ୍ରକଳ୍ପ ଏସ୍‌ଜିଇଏଲ୍‌ର ସମ୍ପ୍ରସାରଣ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହେବ। ଓଡ଼ିଶାରେ ଏକ ୪.୮୦ ଗିଗାୱାଟ୍‌ର ସମନ୍ୱିତ ସେଲ୍ ଓ ୪.୦୦ ଗିଗାୱାଟ୍‌ର ମଡ୍ୟୁଲ୍ ଉତ୍ପାଦନ କାରଖାନା ସ୍ଥାପନ କରିବାର ଅଗ୍ରଣୀ ପର୍ଯ୍ୟାୟରେ ଆମେ ରହିଛୁ ଯାହା ଯଥାକ୍ରମେ ୨୦୨୭ ଆର୍ଥିକ ବର୍ଷ ଓ ୨୦୨୬ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଆମେ ଅମ୍ବାଲାରେ ଥିବା ଆମ ମଡ୍ୟୁଲ୍ ଉତ୍ପାଦନ କାରଖାନରେ ୧.୦୦ ଗିଗାୱାଟ୍ କ୍ଷମତା ଯୋଗ କରିବା ପ୍ରକ୍ରିୟାରେ ରହିଛୁ ଯାହା ୨୦୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। କ୍ଷମତାରେ ଏହି ସମ୍ପ୍ରସାରଣ ପରେ ଉଭୟ ଅମ୍ବାଲା ଓ ଓଡ଼ିଶାରେ ଆମର କ୍ଷମତା ୪.୮୦ ଗିଗାୱାଟ୍ ସେଲ୍ ଓ ୪.୮୦ ଗିଗାୱାଟ୍‌ର ଉଭୟ ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନକୁ ବୃଦ୍ଧି ପାଇବ ବୋଲି ଆମେ ଆଶା କରୁଛୁ ବୋଲି ଏସ୍‌ଜିଇଏଲ୍‌ର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି।

## ବେଙ୍ଗାଲୁରୁ ଦଳାଚକଟା | ପୁଲିସ କମିସନରର ସସ୍‌ପେଣ୍ଡ, ଗିରଫ ହେବେ ଆୟୋଜକ

ବେଙ୍ଗାଲୁରୁ, ୫।୬ (ଏଜେନ୍ସି): ଆରସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ପାଇଁ ଦାୟୀ କିଏ? କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା? ଏହାକୁ ରୋକି ହୋଇ ପାରିଥାଆନ୍ତା କି? ଏଭଳି ପ୍ରଶ୍ନକୁ ନେଇ ଛାନଭିନ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାର ଆଜି ବେଙ୍ଗାଲୁରୁ ପୁଲିସ କମିସନର, ଡିସିପି ଏବଂ ଏସିପିଙ୍କ ସମେତ ଅନ୍ୟ କେତେକ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି। ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କହିଛନ୍ତି, ଦଳାଚକଟା ପାଇଁ ଦାୟୀ ଆରସିବି (ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ), କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ଏବଂ ଉତ୍ସବ ଆୟୋଜନର ଦାୟିତ୍ୱ ନେଇଥିବା ଡିଏନ୍ଏ ଏଣ୍ଟରଟେନମେଣ୍ଟର କର୍ମକର୍ତ୍ତାଙ୍କୁ ଗିରଫ କରାଯିବ। ଏହି ଘଟଣାର ତଦନ୍ତ ଦାୟିତ୍ୱ ସିଆଇଡିକୁ ଦିଆଯାଇଥିବା ସେ କହିଛନ୍ତି।

ଏହାପୂର୍ବରୁ ଆଜି ଆଇପିଏଲ୍ ଟ୍ରଫି ବିଜେତା ଆରସିବି ବିରୋଧରେ ଏଫଆଇଆର ଦାଖଲ କରିଥିଲା ବେଙ୍ଗାଲୁରୁ ପୁଲିସ। ଆରସିବି ସହିତ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ଏବଂ ଉତ୍ସବର ଆୟୋଜନ ଦାୟିତ୍ୱ ନେଇଥିବା ଡିଏନ୍ଏ ଏଣ୍ଟରଟେନମେଣ୍ଟ ବିରୋଧରେ ମଧ୍ୟ ଏଫ୍ଆଇଆର ଦାଖଲ ହୋଇଛି। ଭାରତୀୟ ନ୍ୟାୟସଂହିତାର ୫ଟି ଦଫାରେ ଏହି ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍, ଆରସିବି ଏବଂ ବେଙ୍ଗାଲୁରୁ ମେଟ୍ରୋକୁ ମଧ୍ୟ ନୋଟିସ ଜାରି କରାଯିବ। କୁହାଯାଉଛି ଯେ ଉତ୍ସବ ପୂର୍ବରୁ ଆରସିବିର କେତେକ ଅଧିକାରୀ ସାମାଜିକ ଗଣମାଧ୍ୟମରେ ଯେଉଁ ସୂଚନା ଦେଇଥିଲେ ତାହା ହେଉଛି ଦଳାଚକଟାର ଅନ୍ୟତମ କାରଣ। ଏଥିରେ ସୂଚନା ଦିଆଯାଇଥିଲା ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ

**■ ଏସିପି, ଡିସିପି ମଧ୍ୟ ସସ୍‌ପେଣ୍ଡ**

**■ ରିପୋର୍ଟ ମାଗିଲେ ହାଇକୋର୍ଟ**

ସାଧାରଣ ବିଜୟ ଉତ୍ସବ ପାଳନ କରାଯିବ ଏବଂ ଷ୍ଟାଡିୟମରେ ପ୍ରବେଶକୁ ଶୁଳ୍କ ମୁକ୍ତ କରାଯାଇଛି। ଏହି ସୂଚନା ପାଇବା ପରେ ଲୋକଙ୍କ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା। ଯେଉଁଥିପାଇଁ ଦଳାଚକଟା ହୋଇ ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୫୦ରୁ ଅଧିକ ଆହତ ହୋଇଥିଲେ। ସାମାଜିକ ଗଣମାଧ୍ୟମରେ ଏଭଳି ସୂଚନା ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଇତିମଧ୍ୟରେ କର୍ଣ୍ଣାଟକ ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବା ସହିତ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଆରସିବି ଅଧିକାରୀଙ୍କୁ ଦୋଷ ଦେଇ କହିଲେ ଯେ ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ଦଳାଚକଟା ହୋଇଛି। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେ କହିଲେ ଯେ ଆଉ କେଉଁ କାରଣ ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ। ଭବିଷ୍ୟତରେ ଯେମିତି ଏହାର ପୁନରାବୃତ୍ତି ନହୁଏ ସେଥିଲାଗି ଉଦ୍ୟମ କରାଯିବ।

ତେବେ ଗତକାଲିର ଅଘଟଣକୁ ନେଇ ଦୋଷ ଲଦାଲଦି ଜାରି ରହିଛି। ସରକାର ଏଥିପାଇଁ ଆରସିବି ଏବଂ କ୍ରିକେଟ ଆସୋସିଏସନକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ପୁଲିସ ପ୍ରଶାସନ ସରକାରଙ୍କ ଆଡ଼କୁ ଦୋଷ ଠେଲିବାକୁ ଚେଷ୍ଟା କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ବିଜୟ ଉତ୍ସବ ରବିବାର ପାଳନ କରିବା ଲାଗି ପୁଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ସରକାର ପୁଲିସ କଥା ନଶୁଣି ଉତ୍ସବ ପାଇଁ ଅନୁମତି ଦେଇଦେଲେ। ଅନ୍ୟପକ୍ଷରେ ଅଘଟଣ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ଦାୟୀ କରିଛି ବିଜେପି। ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଉ ବୋଲି ଦଳ ଦାବି କରିଛି।

ଗତକାଲିର ଏହି ଦୁଃଖଦ ଘଟଣା ନେଇ ଆରସିବି ଶୋକ ପ୍ରକାଶ କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛି।



## ଗାଜା ଅସ୍ତ୍ରବିରତିରେ ଆମେରିକାର ଭିଟୋ

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଗାଜାରେ ଅସ୍ତ୍ରବିରତି ଲାଗୁ କରିବା ନେଇ ଆଗତ ହୋଇଥିବା ପ୍ରସ୍ତାବ ଉପରେ ଭିଟୋ ଲଗାଇଛି। ୟୁଏନ୍ଏସ୍‌ସିରେ ବୁଧବାର ଏନେଇ ମତଦାନ ହୋଇଥିଲା। ଏଥିରେ ୧୫ଟି ଦେଶରୁ ୧୪ଟି ଦେଶ ଗାଜାରେ ଅସ୍ତ୍ରବିରତି ପକ୍ଷରେ ମତ ଦେଇଥିଲେ। ଏକମାତ୍ର ଦେଶ ଭାବେ ଆମେରିକାର ଏହି ପ୍ରସ୍ତାବି ବିରୋଧରେ ଭୋଟ୍ ଦେଇଥିଲା। ଏହି ପ୍ରସ୍ତାବରେ ସବୁ ବନ୍ଦୀମାନଙ୍କୁ ମୁକ୍ତି କରିବା ଓ ମାନବୀୟ ସହାୟତା ନେଇ ଲାଗୁ ହୋଇଥିବା ସବୁପ୍ରକାର ପ୍ରତିବନ୍ଧକକୁ ହଟାଇବା ନେଇ ଦାବି କରାଯାଇଥିଲା। କିନ୍ତୁ ଆମେରିକା ଏହି ପ୍ରସ୍ତାବ ବିରୋଧରେ ଖୋଲାଖୋଲି ମତ ଦେଇଥିଲା। ଏହାକୁ ରୋକିବା ପାଇଁ ଆମେରିକା ତା'ର ଭିଟୋ କ୍ଷମତାର ବ୍ୟବହାର କରିଥିଲା। ଏହି ପ୍ରସ୍ତାବ ଅସ୍ତ୍ରବିରତି ନେଇ ଚାଲିଥିବା 'କୂଟନୈତିକ ପ୍ରୟାସ'କୁ ଦୁର୍ବଳ କରିବ ବୋଲି ଆମେରିକାର ରାଜଦୂତ ଡୋରୋଥି ଶିଆ କହିଛନ୍ତି। ସୁରକ୍ଷା ପରିଷଦରେ ୧୦ଟି ଦେଶ ଯଥା, ଆଲଜେରିଆ, ଡେନମାର୍କ, ଗ୍ରୀସ୍, ଗୁଏନା, ପାକିସ୍ତାନ, ପାନାମା, କୋରିଆ ଗଣରାଜ୍ୟ, ସିଏରା ଲିଓନ, ସ୍ଲୋଭେନିଆ ଓ ସୋମାଲିଆ ଏହି ପ୍ରସ୍ତାବକୁ ପ୍ରସ୍ତୁତ୍ କରିଥିଲେ। ଏହାକୁ ବ୍ରିଟେନ, ଫ୍ରାନ୍ସ, ରୁଷ ଓ ଚୀନ୍ ଭଳି ବିକଶିତ ଦେଶ ସମର୍ଥନ କରିଥିଲେ। ଏନେଇ ମତଦାନ ଆରମ୍ଭ ହେବା ପୂର୍ବରୁ ଆମେରିକା ଏହ ପ୍ରସ୍ତାବକୁ ସମର୍ଥନ କରୁନାହିଁ ଓ ନିଜକୁ ରକ୍ଷା କରିବାକୁ ଇସ୍ରାଏଲ୍‌ର ପୂରା ଅଧିକାର ରହିଛି ବୋଲି ଆମେରିକାର କାର୍ଯ୍ୟକାରୀ ରାଜଦୂତ ଡୋରେଥି ଶିଆ ସ୍ପଷ୍ଟ କରିଥିଲେ। ଉଲ୍ଲେଖଥାଉ କି, ଇସ୍ରାଏଲ୍ ଓ ହମାସ ମଧ୍ୟ ଚାଲିଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫ ହଜାର ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍‌ରେ ହମାସର ଆକ୍ରମଣ ପରେ ଏହି ସଂଘର୍ଷ ଚାଲୁରହିଛି।

## ପାକିସ୍ତାନରେ ଅହମ୍ମଦିଆଙ୍କୁ ଇଦ୍ ପାଳନ ମନା

ଇସ୍ଲାମାବାଦ୍, ୫।୬(ଏଜେନ୍ସି): ପାକିସ୍ତାନର ସିନ୍ଧ୍ ଓ ପଞ୍ଜାବ ପ୍ରଦେଶରେ ଅହମ୍ମଦିଆ ମୁସଲମାନଙ୍କ ଉପରେ ପୁଣିଥରେ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଦୁଇଟି ରାଜ୍ୟରେ ଅହମ୍ମଦିଆ ମୁସଲମାନଙ୍କୁ ଇଦ୍ ପାଳନ କରିବାକୁ ବାରଣ କରାଯାଇଛି। ଏଥିପାଇଁ ସେମାନଙ୍କଠାରୁ ଜୋର ଜବରଦସ୍ତି ଆଫିଡେବିଟ୍ କାଗଜରେ ଦସ୍ତଖତ ନିଆଯାଉଛି। ପଞ୍ଜାବରେ ଯଦି ଅହମ୍ମଦିଆମାନେ ଇଦ୍ ପାଳନ କରନ୍ତି ତେବେ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ତାଗିଦ୍ କରାଯାଇଛି। ପଞ୍ଜାବ ଓ ସିନ୍ଧ୍‌ରେ ଏମାନଙ୍କୁ ସେମାନଙ୍କ ଘରେ ମଧ୍ୟ କୌଣସି ଧାର୍ମିକ କାର୍ଯ୍ୟ କରିବାକୁ ବାରଣ କରାଯାଇଛି। ଏପରିକି ପୁଲିସ୍ ମଧ୍ୟ ଅହମ୍ମଦିଆ ମୁସଲମାନଙ୍କୁ ଗିରଫ୍ କରି ସେମାନଙ୍କଠାରୁ ଧମକ ଦେଇ ଆଫିଡେବିଟ୍‌ରେ ଦସ୍ତଖତ କରାଇନେଉଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନରେ ୨୦ ଲକ୍ଷ ଅହମ୍ମଦିଆ ବସବାଦ କରୁଛନ୍ତି ଓ ଏମାନେ ଧାର୍ମିକ ଉତ୍ପିଡନର ଶିକାର ହେଉଛନ୍ତି। ପାକିସ୍ତାନରେ ଏମାନେ ସବୁବେଳେ କଟରପନ୍ଥୀଙ୍କ ଟାର୍ଗେଟ୍‌ରେ ରହିଆସିଛନ୍ତି। ପଞ୍ଜାବରେ ଅତିକମ୍‌ରେ ୩୬ଜଣ ଅହମ୍ମଦିଆଙ୍କୁ ଗିରଫ କରିବା ସହ ସେମାନଙ୍କ ଇଦ୍ ପାଳନ ପାଇଁ ବାରଣ କରାଯାଉଛି। ୧୯୭୪ରେ ସମ୍ବିଧାନ ସଂଶୋଧନ କରାଯାଇ ଏମାନଙ୍କୁ ମୁସଲମାନ ଭାବେ ପରିଗଣିତ କରାଯାଉନାହିଁ। ସେମାନଙ୍କୁ କୁରାନ ପଢ଼ିବାକୁ, ନମାଜ ପଢ଼ିବାକୁ ଓ ଅନ୍ୟ ଧାର୍ମିକ କାର୍ଯ୍ୟ ପାଳନ କରିବାକୁ ବାରଣ କରାଯାଇଛି।



## ୧୨ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ କଟକଣା

ୱାଶିଂଟନ, ୫।୬(ଏଜେନ୍ସି): ଆମେରିକାରେ ୧୨ଟି ଦେଶର ନାଗରିକଙ୍କୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ଟି ଦେଶର ନାଗରିକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ଭାବେ ନିଷେଧାଦେଶ ଜାରି କରିଛନ୍ତି। ଆମେରିକାର ନିରାପତ୍ତା ଓ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ଚରମ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏହାକୁ ବାଦ୍ ଦେଲେ ୭ଟି ଦେଶର ନାଗରିକଙ୍କୁ ଆମେରିକାର ପ୍ରବେଶ ପାଇଁ ଆଂଶିକ ଭାବେ ବାରଣ କରାଯାଇଛି। ତେବେ ଆତଙ୍କବାଦର ଗଡ଼ ପାକିସ୍ତାନ ଆଶ୍ଚର୍ଯ୍ୟଜନକ ଭାବେ ଏଥିରୁ ବାଦ୍ ପଡ଼ିଛି।

ଏହି ନିୟମ ଇମିଗ୍ରେସନ ଓ ନନ୍ ଇମିଗ୍ରେସନ ଦୁଇ ପ୍ରକାର ଭିସା ଉପରେ ଲାଗୁ ହେବ। 'ଆମେରିକାକୁ ଏଭଳି ବିଦେଶୀମାନଙ୍କଠାରୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି' ଯେଉଁମାନେ ଆତଙ୍କବାଦୀ ଆକ୍ରମଣ ଓ ରାଷ୍ଟ୍ରୀୟ ସୁରକ୍ଷାକୁ ବିପଦରେ ପକାଉଛନ୍ତି, ଘୃଣାଭାବ ସୃଷ୍ଟି କରିବା ସହ ଏହାର ପ୍ରଚାର କରୁଛନ୍ତି। ଏମାାନେ ଅପ୍ରବାସ ନିୟମର ଭୁଲ ଫାଇଦା ଉଠାଉଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। କେବଳ ସେତିକି ନୁାହେଁ, ଭିସା ପ୍ରଦାନ କରିବାବେଳେ ସାବଧାନତା ଅବଲମ୍ବନ କରିବାକୁ ସେ କଡ଼ାକଡ଼ି ଭାବେ ପରାମର୍ଶ ଦେଇଛନ୍ତି। ଯେଉଁମାନେ ଆମେରିକାର ସ୍ୱାର୍ଥରେ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି, ସେମାନଙ୍କୁ ଭିଜା ଦେବା ଉଚିତ ନୁହଁ ଓ ଏଭଳି ବ୍ୟକ୍ତିଙ୍କୁ ଆମେରିକାର ଆବଶ୍ୟକ କରେନାହିଁ। ଆତଙ୍କବାଦକୁ ରୋକିବା ପାଇଁ ଏହି ପ୍ରତିବନ୍ଦ ନିହାତି ଜରୁରୀ ବୋଲି ସେ କହିଛନ୍ତି। ଆଫଗାନିସ୍ତାନ ଓ ମ୍ୟାନମାନର ନେଇ ଆମେରିକା ସଫେଇ ଦେଇଛି। ଆଫଗାନିସ୍ତାନରେ ତାଲିବାନ ଭଳି ଆତଙ୍କବାଦୀ ସଂଗଠନ ଶାସନ କରୁଛି। ପୁଣି ମ୍ୟାନମାର ନାଗରିକଙ୍କ ଭିଜା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ଛାଡୁ ନାହାନ୍ତି। ତେଣୁ ବାସନ୍ଦ ତାଲିକାରେ ଏହି ଦୁଇଦେଶକୁ ସାମିଲ କରାଯାଇଛି ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ମ୍ୟାନମାରର ବି୧ ଓ ବି୨ ଭିଜା ପାଇଥିବା ୨୭.୦୭ ପ୍ରତିଶତ ଏବଂ ଏଫ୍, ଏମ୍, ଜେ ଭିଜା ପାଇ ଆମେରିକାର ଆସିଥିବା ୪୨.୧୭ ପ୍ରତିଶତ ନାଗରିକ ନିର୍ଦ୍ଧାରିତ ସମୟଶେଷ ହୋଇଥିଲେ ମଧ୍ୟ ଅଧିକ ସମୟ ରହୁଛନ୍ତି। ପୁଣି ମ୍ୟାନମାର ସରକାର ନିଜ ନାଗରିକଙ୍କୁ ଫେରାଇ ନେବା ପ୍ରକ୍ରିୟାରେ ସହଯୋଗ କରୁନାହିଁ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

**■ ଆତଙ୍କବାଦୀ ଆକ୍ରମଣ ପରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନ**

**■ ବାଦ୍ ପଡ଼ିଲା ପାକିସ୍ତାନ**

### ୭ ମୁସଲମାନ ବହୁଳ ଦେଶ ୨୦୧୭ରେ ବ୍ୟାନ୍ ହୋଇଥିଲେ

ଟ୍ରମ୍ପଙ୍କ ଏଭଳି କଟକଣା ଆମେରିକାର ପାଇଁ ନୂଆନୁହେଁ। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯକାଳରେ ୨୦୧୭ ରେ ଏଭଳି ଟ୍ରାଭେଲ ବ୍ୟାନ ଲଗାଇଥିଲେ। ଏହାକୁ ସାଧାରଣତଃ ମୁସ୍‌ଲିମ ବ୍ୟାନ୍ ବୋଲି କୁହାଯାଇଥାଏ। ଏଥିରେ ଅଧିକାଂଶ ମୁସ୍‌ଲିମ୍ ଦେଶଗୁଡିକ ସାମିଲ ଥିଲେ। ସେତେବେଳେ ସେ ୭ଟି ଦେଶକୁ ଆମେରିକାର ପ୍ରବେଶ ପାଇଁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିଥିଲେ। ଏହି ଦେଶ୍‌ଗୁଡିକ ହେଲା ଇରାକ, ଇରାନ, ଲିବିଆ, ସୋମାଲିଆ, ସୁଦାନ, ସିରିଆ ଓ ୟେମେନ। ଅବଶ୍ୟ ପରେ ଏଥିରେ ପରିବର୍ତ୍ତନ କରାଯାଇ ଇରାକକୁ ଏହି ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ସୁଦାନକୁ ହଟାଇ ଚାଦ୍‌କୁ ସାମିଲ କରାଯାଇଥିଲା। ପୁଣି ଉତ୍ତର କୋରିଆ ଓ ଭେନେଜୁଏଲା ଭଳି ଅଣ-ମୁସ୍‌ଲିମ ଦେଶ ଦ୍ୱୟକୁ ସାମିଲ କରାଯାଇଥିଲା। ଧାର୍ମିକ ଭେଦଭାବ ଭଳି ଅପବାଦକୁ ଦୃଷ୍ଟିରେ ରଖି ଏହି ଦୁଇ ଦେଶକୁ ସାମିଲ କରିଥିଲା। ସମ୍ପୂର୍ଣ୍ଣ ଭାବେ ବାସନ୍ଦ ହୋଇଥିବା ୧୨ ଦେଶ- ଆଫଗାନିସ୍ତାନ, ମ୍ୟାନମାର, ଚାଦ୍, କଙ୍ଗୋ, ଏରିଟ୍ରିଆ, ହାଇତି, ଇରାନ, ଲିବିଆ, ସୋମାଲିଆ, ସୁଦାନ ଓ ୟେମେନ। ଆଂଶିକ ଭାବେ ବାରଣ ହୋଇଥିବା ଦେଶ- ବୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଓ ଭେନେଜୁଏଲା।

## ଭାରତରେ ନିର୍ମାଣ ହେବ ରାଫେଲ୍ ଯନ୍ତ୍ରାଂଶ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ଫ୍ରାନ୍ସରୁ ଅଣାଯାଇଥିବା ରାଫେଲ୍ ଯୁଦ୍ଧ ବିମାନର ଯନ୍ତ୍ରାଂଶ ଏବେ ଭାରତରେ ତିଆରି ହେବ। ଏହା ପ୍ରସ୍ତାବିତ ହାଇଦ୍ରାବାଦ ପ୍ଲାଣ୍ଟରେ ନିର୍ମାଣ ହେବ, ଯାହାକୁ 'ଫ୍ୟୁଜଲାଜ୍' କୁହାଯାଉଛି। ଏ ନେଇ ରାଫେଲ୍ ବିମାନର ନିର୍ମାତା ଦାସଲ୍ଟ ଏଭିଏସନ ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ (ଟିଏଏସଏଲ୍) ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଭାରତୀୟ ବଜାର ସହିତ ବିଶ୍ୱ ବଜାର ପାଇଁ ଏଠାରୁ ଯୁଦ୍ଧ ବିମାନର ବଡି ତିଆରି କରାଯିବ। ତେବେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇତିହାସରେ ପ୍ରଥମ ଥର ପାଇଁ ରାଫେଲ ଯୁଦ୍ଧ ବିମାନର ବଡି ଫ୍ରାନ୍ସ ବାହାରେ କୌଣସି ଦେଶରେ ନିର୍ମାଣ ହେବାକୁ ଯାଉଛି।

ଦାସଲ୍ଟ ଓ ଟିଏଏସଏଲ୍ ଦ୍ୱାରା ହୋଇଥିବା ଚୁକ୍ତି ଅନୁସାରେ ଉଭୟ କମ୍ପାନୀ ମଧ୍ୟରେ ୪ଟି ପ୍ରଡକ୍ସନ ଟ୍ରାନ୍ସଫର ଏଗ୍ରିମେଣ୍ଟ (ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା) ସ୍ୱାକ୍ଷରିତ ହୋଇଛି। ପ୍ରଥମ ବଡି ପାର୍ଟ ନିର୍ମାଣ ସେକ୍ସନଗୁଡ଼ିକ ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଯାହାର ଉତ୍ପାଦନ କ୍ଷମତା ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ବଡି ନିର୍ମାଣ କରାଯିବ। ହାଇଦ୍ରାବାଦରେ ବିମାନର ପ୍ରମୁଖ ଗଠନାତ୍ମକ ଅଂଶ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ, ଯେଉଁଥିରେ ସେଣ୍ଟ୍ରାଲ ଫ୍ୟୁଜେଲେଜ୍, ପଛ ଭାଗ, ପାର୍ଶ୍ୱ ପଛ ସେଲ୍ ଏବଂ ସମ୍ମୁଖ ଅଂଶ ଆଦି ତିଆରି ହେବ। 'ମେକ୍ ଇନ୍ ଇଣ୍ଡିଆ' ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପ ଅନ୍ତର୍ଗତ ଭାରତର ରଣନୈତିକ ଲକ୍ଷ୍ୟ ସହିତ ସମନ୍ୱିତ ରକ୍ଷା କରି ଏହି ଚୁକ୍ତି କରାଯାଇଛି। ଦାସଲ୍ଟ ଆଭିଏସନ୍‌ର ଅଧ୍ୟକ୍ଷ ଏବଂ ସିଇଓ ଏରିକ୍ ଟ୍ରାପିଅର୍ କହିଛନ୍ତି ଯେ ଏହି ସହଭାଗିତା ଭାରତରେ ଆମର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ। ଉଲ୍ଲେଖଯୋଗ୍ୟ ଯେ ଟିଏଏସଏଲ୍ ଭଳିଭାରତୀୟ ଏରୋସ୍ପେସ୍ କମ୍ପାନୀଗୁଡ଼ିକ ସହିତ ସହଯୋଗିତା କରିବା ପାଇଁ କମ୍ପାନୀର ଏହା ଦୀର୍ଘକାଳୀନ ରଣନୀତି ବୋଲି କୁହାଯାଉଛି। ଟିଏଏସଏଲ୍‌ର ସିଇଓ ଏବଂ ଏମ୍‌ଡି ସୁକରଣ ସିଂହ ଏହି ସହଭାଗିତାକୁ ଭାରତର ମହାକାଶ ଯାତ୍ରାରେ ଏକ ମାଇଲ୍‌ଖୁଣ୍ଟ ବୋଲି କହିଛନ୍ତି।

**■ ଇତିହାସରେ ପ୍ରଥମଥର ଫ୍ରାନ୍ସ ବାହାରେ ହେବ ଉତ୍ପାଦନ**

**■ ଦାସଲ୍ଟ ଏଭିଏସନ୍-ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିମିଟେଡ୍ ଚୁକ୍ତି**

**■ ହାଇଦ୍ରାବାଦରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ**



## ଶର୍ମିଷ୍ଠାଙ୍କୁ ଅନ୍ତରୀଣ ଜାମିନ୍

କୋଲକାତା, ୫।୬(ଏଜେନ୍ସି): ଇନଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କୁ ଅନ୍ତରୀଣ ଜାମିନ୍ ମିଳିଛି। କୋଲକାତା ହାଇକୋର୍ଟ ଗୁରୁବାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅପରେସନ୍ ସିନ୍ଦୂରକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ଆପତ୍ତିଜନକ ତଥା ସାମ୍ପ୍ରଦାୟିକ ପୋଷ୍ଟ କରି ଚର୍ଚ୍ଚାକୁ ଆସିଥିଲେ। ୧୦ ହଜାର ଟଙ୍କା ମୁଚାଲିକାରେ ତାଙ୍କୁ ସର୍ତ୍ତମୂଳକ ଭାବେ ଏହି ଜାମିନ ପ୍ରଦାନ କରାଯାଇଛି। କୋର୍ଟ ଗତ ୩ ତାରିଖରେ କିନ୍ତୁ ତାଙ୍କ ଜାମିନ ଆବେଦନକୁ ଖାରଜ୍ କରିଥିଲେ। ତାଙ୍କୁ ନିରାପତ୍ତା ତଥା ସୁରକ୍ଷା ଯୋଗାଇଦେବା ପାଇଁ ପୁଲିସ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଦେବା ସହ କୋର୍ଟ ତାଙ୍କ ପାଇଁ କେତୋଟି ସର୍ତ୍ତ ଲାଗୁ କରିଛନ୍ତି। ସେ ଦେଶ ଛାଡି ବାହାରକୁ ଯାଇପାରିବେ ନାହିଁ। ବିଦେଶକୁ ଯିବାକୁ ହେଲେ ତାଙ୍କୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ ଅନୁମତି ନେବାକୁ ହେବ। ପୁଣି ତାଙ୍କୁ ନିଜର ପାସକୋର୍ଟ ଦାଖଲ କରିବାକୁ ହେବ। ଶର୍ମିଷ୍ଠା ତଦନ୍ତରେ ସହଯୋଗ କରିବା ସହ ତାଙ୍କୁ ବେଲ୍ ବଣ୍ଡ ଉପରେ ସ୍ୱାକ୍ଷର କରିବାକୁ ହେବ। ଉଲ୍ଲେଖଥାଉ କି, ୨୨ ବର୍ଷୀୟା ଶର୍ମିଷ୍ଠାଙ୍କୁ ଗତ ମେ ୩୦ରେ ଗୁରୁଗ୍ରାମ୍‌ରେ ଗିରଫ କରାଯାଇଥିଲା। କୋର୍ଟ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। ସେ ପୋଷ୍ଟ କରିଥିବା ନିଜ ଭିଡିଓରେ ଇସ୍‌ଲାମ ଧର୍ମ ଉପରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ସମାଲୋଚନା ପରେ ସେ ଏହି ଭିଡିଓକୁ ହଟାଇ ଦେଇଥିଲେ।



## ରାହୁଲଙ୍କ 'ନରେନ୍ଦର ସରେଣ୍ଡର' ଏବଂ ଥରୁରଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୂରକୁ ବନ୍ଦ କରିଦେଲେ ବୋଲି ବିରୋଧୀ ଦଳର ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାଙ୍କ ଦଳର ସାଂସଦ ଶଶୀ ଥରୁର। ଥରୁର କହିଛନ୍ତି ଯେ ଭାରତ କାହାରି ଚାପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିନାହିଁ। ଅପରେସନ ସିନ୍ଦୂର ସଂପର୍କରେ ବିଶ୍ୱ ନେତାମାନଙ୍କୁ ଅବଗତ କରିବା ଉାଦ୍ଦେଶ୍ୟରେ ଆମେରିକା ଗସ୍ତରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା ସାଂସଦ ଶଶୀ ଥରୁର ରାହୁଲ ଗାନ୍ଧୀଙ୍କ 'ନରେନ୍ଦର ସରେଣ୍ଡର' ମନ୍ତବ୍ୟକୁ ପରୋକ୍ଷରେ ନାପସନ୍ଦ କରିଛନ୍ତି। ଅପରେସନ ସିନ୍ଦୂର ବେଳେ ଟ୍ରମ୍ପଙ୍କ ଚାପରେ ମୋଦୀ ଆତ୍ମସମର୍ପଣ କରିଥିଲେ ଓ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ବୋଲି ରାହୁଲ କହିଥିଲେ। କିନ୍ତୁ ଥରୁର ଏହାକୁ ପରୋକ୍ଷରେ ଖଣ୍ଡନ କରିଛନ୍ତି। ଭାରତ କାହାର ପରାମର୍ଶ ବା ମଧ୍ୟସ୍ଥତା ଆବଶ୍ୟକ କରୁନାହିଁ ବୋଲି ସେ କହିଥିଲେ। ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସେ ପାକିସ୍ତାନକୁ କ'ଣ କହିଛନ୍ତି ଆମକୁ ଜଣାନାହିଁ। କିନ୍ତୁ ଆମକୁ କାହାର ପରାମର୍ଶ ଲୋଡା ନାହିଁ ବୋଲି ସେ ରାହୁଲଙ୍କ ନାମ ନ ନେଇ ଜବାବ୍ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କଂଗ୍ରେସ ସହ ବିନା ପରାମର୍ଶରେ ସରକାର ଥରୁରଙ୍କୁ ପ୍ରତିନିଧି ଦଳର ନେତା କରିଥିଲେ। ଏହାକୁ କଂଗ୍ରେସ ବିରୋଧ କରିଥିବା ବେଳେ ଥରୁର ଗୌରବାନ୍ୱିତ ମନେ କରୁଛନ୍ତି ବୋଲି କହିଥିଲେ।



## ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ଖଣି ଖନନକୁ ବ୍ୟାନ୍ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଏକ୍ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମେକୋର୍ଟ ରାଜସ୍ଥାନର ରନଥାମ୍ବୋର ବ୍ୟାଘ୍ର ଅଭୟାରଣ୍ୟରେ ସବୁ ପ୍ରକାର ଖଣି ଖନନକୁ ବ୍ୟାନ କରିଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ, ବିଚାରପତି ଅଗଷ୍ଟିନ ଜର୍ଜ ମାସି ଓ ଏଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭୟାରଣ୍ୟରେ ସୃଷ୍ଟି ସମସ୍ୟା ନେଇ ହୋଇଥିବା ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଘ୍ର ଅଭୟାରାଣ୍ୟର କେନ୍ଦ୍ର ଅଞ୍ଚଳରେ ସୃଷ୍ଟି ହୋଇଥିବା ମାନବୀୟ କାର୍ଯ୍ୟକଳାପ ଏକାଧିକ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ଏ ସଂକ୍ରାନ୍ତରେ ସୃଷ୍ଟି ହେଉଥିବା ଅନ୍ୟ ସମସ୍ୟାଗୁଡିକ ଉପରେ ନଜର ରଖିବା ପାଇଁ ସୁପ୍ରିମକୋର୍ଟ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। ଶୁଣାଣିରେ ୫ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆବେଦନକରୀ ବ୍ୟକ୍ତିଙ୍କ ଦ୍ୱାରା ଉଠାଯାଇଥିବା ଏହି ସମସ୍ୟାଗୁଡିକ ହେଲା ରିଜର୍ଭ ମଧ୍ୟରେ ରହିଥିବା ତ୍ରିନେତ୍ର ମନ୍ଦିରରେ ଲୋକଙ୍କ ଭିଡ, ରିଜର୍ଭରେ ଅବୈଧ ଖଣି ଖନନ, ଅବୈଧ ନିର୍ମାଣ ଓ ବ୍ୟବସାୟିକ ଗତିବିଧି, ବ୍ୟାଘ୍ର ଅଭୟାରଣ୍ୟରେ ସ୍ଥିତିର ସମ୍ବେଦନଶୀଳତାକୁ ସୂଚନା ଦେବାରେ ହେଉଥିବା ବିଳମ୍ବ ଏବଂ ରିଜର୍ଭ ମଧ୍ୟରେ ଐତିହାସିକ ସଂରଚନାଗୁଡିକର ସଂଯକ୍ଷଣ। ବ୍ୟାଘ୍ର ଅଭୟାରଣ୍ୟ ସହ ତ୍ରିନେତ୍ର ମନ୍ଦିର ଭକ୍ତଙ୍କ ହିତକୁ ଧ୍ୟାନ ରଖିବା ନେଇ ପରାମର୍ଶ ଦେବା ସହ ସନ୍ତୁଳନ ରକ୍ଷା କରିବାକୁ ସୁପ୍ରିମକୋର୍ଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୦୦ କୋଟି ଟଙ୍କାର ଦୁର୍ନୀତି | ବୀମା ଅର୍ଥ ପାଇଁ ହତ୍ୟା; ୫୨ ଗିରଫ

ସମ୍ଭଲ, ୫।୬(ଏଜେନ୍ସି): ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାରେ ଏକ ବଡ଼ ବୀମା ଦୁର୍ନୀତି ପଦାକୁ ଆସିଛି। ୧୦୦ କୋଟି ଟଙ୍କର ଏହି ଠକେଇ ଓ ବୀମା ଦୁର୍ନୀତିରେ ନକଲି ଦସ୍ତାବିଜ ବ୍ୟବହାର, କପଟତାପୂର୍ଣ୍ଣ ନୀତି ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଇଥିବାର ପ୍ରମାଣ ମିଳିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏ ନେଇ ଛାନଭିନ୍ ଆରମ୍ଭ କରିଛି। ସ୍ଥାନୀୟ ପୁଲିସଠାରୁ ଏ ସଂକ୍ରାନ୍ତରେ ଇଡି ଏଫ୍ଆଇରର କପି ଓ ସମ୍ପର୍କିତ ଦସ୍ତାବିଜ୍ ମାଗିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୫୨ଜଣକୁ ଗିରଫ କରାଯାଇଛି ଓ ୫୦ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ୩ ଜଣଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି।

ଅଭିଯୁକ୍ତମାନେ ଯୁବକମାନଙ୍କୁ ଟାର୍ଗେଟ କରୁଥିଲେ ଓ ବୀମା ଅର୍ଥ ପାଇଁ କେତେକ କ୍ଷେତ୍ରରେ ସେମାନଙ୍କୁ ହତ୍ୟା କରିବାକୁ ପଛାଉ ନଥିଲେ। ଏହି ଦୁର୍ନୀତିର ଜାଲ ୧୨ଟି ରାଜ୍ୟକୁ ବ୍ୟାପିଛି ଓ ଏପର୍ଯ୍ୟନ୍ତ ୧୭ଟି ଏଫ୍ଆଇଆର ହୋଇଛି ବୋଲି କୁହାଯାଇଛି। ଏହି ହତ୍ୟା ମାମଲାଗୁଡିକରେ ବୀମା ପଲିସି ଧାରକମାନଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଟଙ୍କା ପାଇଁ ଷଡ଼ଯନ୍ତ୍ରପୂର୍ବକ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଅନୁମାନ କରାଯାଉଛି ବୋଲି ସମ୍ଭଲ ଏଏସ୍‌ପି(ଦକ୍ଷିଣ) ଅନୁକ୍ରିତ୍ ଶର୍ମା କହିଛନ୍ତି। କେତୋଟି ମାମଲାରେ ଏଫ୍ଆଇଆରକୁ କ୍ଲୋଜ୍ ମଧ୍ୟ କରାଯାଇଛି। କିନ୍ତୁ କେତେକ ଅନିୟମିତତାକୁ ଦୃଷ୍ଟିରେ ରଖି ପୁଲିସ୍ ଏହା ମାମାଲଗୁଡିକୁ ରି ଓପନ କରିଛି। ଏଥିରେ ୨୯ଟି ନକଲି ମୃତ୍ୟୁ ପ୍ରମାଣପତ୍ରର ବ୍ୟବହାର ହୋଇଛି ଓ ଆଉ କେତୋଟି ମାମଲରେ ସତରେ ମୃତ୍ୟୁ ଘଟିଥିଲେ ମଧ୍ୟ ବୀମା ପାଇବା ପାଇଁ ତାରିଖରେ ବେନିୟମ ଭାବେ ବଦଳ କରାଯାଇଛି। ଏହି ଦୁର୍ନୀତ କେବଳ ସମ୍ଭଲ ଜିଲ୍ଲାରେ ସୀମିତ ରହିନାହିଁ। ଏହା ଅମରୋହା, ବଦାୟୁଁ ଓ ମୋରାଦାବାଦ ଭଳି ପାଶ୍ୱବର୍ତ୍ତୀ ଜିଲ୍ଲାକୁ ଲମ୍ବିଛି। ଏହି ଦୁର୍ନୀତି ୧୦୦ କୋଟି ଟଙ୍କାକୁ ଟପିଛି ଓ ତଦନ୍ତ ପ୍ରକ୍ରିୟା ଆଗକୁ ଚାଲିଥିରେ ଏହି ପରିମାଣରେ ଆହୁରି ବୃଦ୍ଧି ଘଟିବ ବୋଲି ପୁଲିସ କହିଛି। ବିଭିନ୍ନ ବୀମା କମ୍ପାନୀଗୁଡିକଠାରୁ ସବିଶେଷ ତଥ୍ୟ ମଗା ଯାଇଛି ଓ ଅନ୍ୟ ସନ୍ଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏବେ ରେକର୍ଡ ସବୁକୁ ଯାଞ୍ଚ୍ କରାଯାଉଛି। ଏହି ମାମଲାରେ ବିଭିନ୍ନ ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାବା ଓ ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସାମିଲ ରହିଛନ୍ତି। ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିଲେ ଗିରଫ୍ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବ ବୋଲି ଶର୍ମା କହିଛନ୍ତି।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଫ୍ରେଞ୍ଚ ଓପନ୍ ଗଫ୍-ସାବାଲେଙ୍କା ଫାଇନାଲ



**ପ୍ୟାରିସ, ୫।୬ (ଏଜେନ୍ସି):** ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ଏକକ ସେମିଫାଇନାଲ ମୁକାବିଲାରେ ସାବାଲେଙ୍କା ୭-୬ (୭/୧), ୪-୬, ୬-୦ ସେଟ୍‌ରେ ୪ଥର ତଥା ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ହରାଇଥିଲେ। କ୍ୟାରିୟରର ପ୍ରଥମ ଫ୍ରେଞ୍ଚ ଓପନ୍ ଜିତିବା ଲକ୍ଷ୍ୟରେ ରହିଥିବା ସାବାଲେଙ୍କା ଫାଇନାଲରେ ଶନିବାର ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଅନ୍ୟ ଏକ ସେମିରେ ଗଫ୍ ୬-୧, ୬-୨ ସେଟ୍‌ରେ ଲୋଇସ ବୋଇସନଙ୍କୁ ହରାଇଥିଲେ। ଅପରପକ୍ଷରେ ତିନିଥରର ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୪-୬, ୬-୩, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲରେ ଜୋକୋଭିଚ୍ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ୩୮ ବର୍ଷୀୟ ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ବିଜୟୀ ହେବେ।

## ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨୦ରୁ

# 'ରୋହିତ, ବିରାଟଙ୍କ ଅନୁପସ୍ଥିତି ଚାପ ପକାଇବନି'

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):**

ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁବମନ ଗିଲଙ୍କ ସହ ବାକି ଖେଳାଳି ଗୁରୁବାର ଲଣ୍ଡନ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତ ଛାଡ଼ିବା ପୂର୍ବରୁ ଉଭୟ କୋଚ୍ ଓ ଅଧିନାୟକ ଏକାଧିକ ପ୍ରଶ୍ନର ଉତ୍ତରରେ ସେମାନଙ୍କ ମନୋଭାବ, ଯୋଜନା, ଖେଳାଳି ସମୀକରଣ ଆଦି ଉପରେ ସ୍ପଷ୍ଟ ସୂଚନା ଦେଇଛନ୍ତି। ଏହି ସିରିଜ୍‌ରେ ଭାରତର ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଖେଳିବେ ନାହିଁ। ଠିକ୍ ସିରିଜ୍ ପୂର୍ବରୁ ଉଭୟ ଖେଳାଳି ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେମାନଙ୍କ ଅନୁପସ୍ଥିତି ଭାରତ ଉପରେ କି ପ୍ରଭାବ ପକାଇବ ବୋଲି ପ୍ରଶ୍ନ କରାଯାଇଥିଲା। ଉତ୍ତରରେ କୋଚ୍ ଗମ୍ଭୀରଙ୍କ ମତ ହେଲା ଆମ୍ଭେ ଉଭୟ ଖେଳାଳିଙ୍କୁ ଇଂଲଣ୍ଡ ଟୁର୍‌ରେ ମିସ୍ କରିବୁ। ଇଂଲଣ୍ଡ ପରିବେଶରେ ସେମାନଙ୍କର ବେଶ ଅଭିଜ୍ଞତା ରହିଥିଲା। କିନ୍ତୁ ଉଭୟଙ୍କ ଅନୁପସ୍ଥିତି ଆମକୁ ଅଧିକ ଚାପରେ ରଖିବ ନାହିଁ ବୋଲି ଗମ୍ଭୀର କହିଛନ୍ତି।

ଇଂଲଣ୍ଡ ଗସ୍ତରେ ଭାରତ ଏକ ଅନଭିଜ୍ଞ ଦଳକୁ ନେଇ ଖେଳିବ। ଏଠାରେ କିମ୍ବା ଟେଷ୍ଟ କ୍ରିକେଟରେ ଖେଳିବାର ଅଭିଜ୍ଞତା ଥିବା ଖେଳାଳିଙ୍କୁ ନିଶ୍ଚିତ ସୁଯୋଗ ମିଳିବ। ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ୩୦୩ ରନ୍ କରିବା ପରେ କରୁନ ନାୟରଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଥିଲା। ଏହା ପରେ ଟେଷ୍ଟ ଦଳକୁ ଫେରିବା ଲାଗି ତାଙ୍କୁ ୮ ବର୍ଷ ସମୟ ଲାଗିଥିଲା। ଏହା କହିବା ସହ ଗମ୍ଭୀର ଟେଷ୍ଟ ଏକାଦଶରେ ନାୟାରଙ୍କୁ ଖେଳିବାକୁ ସୁଯୋଗ ଦେବେ ବୋଲି ସୂଚନା ଦେଇଥିଲେ। ସେହିପରି ଶ୍ରେୟସ ଆୟରଙ୍କୁ କାହିଁକି ବାଦ୍ ଦିଆଗଲା ବୋଲି ପ୍ରଶ୍ନକୁ ସେ ଚତୁରତାର ସହ ଏଡାଇଯାଇଥିଲେ। ଇଂଲଣ୍ଡ ପରିବେଶରେ ଶ୍ରେୟସ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥାନ୍ତେ। ଏ ସମ୍ପର୍କରେ ଗମ୍ଭୀର କହନ୍ତି, ଘରୋଇ କ୍ରିକେଟରେ ଯେଉଁ ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ସୁଯୋଗ ମିଳିଛି। ଆବଶ୍ୟକ ହେଲେ ଶ୍ରେୟସଙ୍କୁ ମଧ୍ୟ ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି। ଶୁବମନ ଗିଲଙ୍କ ମତରେ ଆମ ଦଳରେ ଯେପରି ସମସ୍ତ ଖେଳାଳି ଆତ୍ମବିଶ୍ୱାସ ପାଇବେ ତାହା ଉପରେ ଗୁରୁତ୍ୱ ଦେଉଛୁ। କୌଣସି ଖେଳାଳି ଏହି ଟିମ୍‌ରେ ଅସୁରକ୍ଷିତ ମନେ କରିବେ ନାହିଁ। ମୋ ନେତୃତ୍ୱ ଶୈଳୀ ନିଜସ୍ୱ। ଏହା ଅଭିଜ୍ଞତା ସହ ପରିବର୍ତ୍ତନ ହେବ ଓ ଖାପ ଖୁଆଇବାକୁ ଚେଷ୍ଟା କରିବି। ଇଂଲଣ୍ଡ କୋଚ୍ ବାଜ୍‌ବଲ୍‌ଙ୍କ ଆକ୍ରମଣାତ୍ମକ ଶୈଳୀ ସମ୍ପର୍କରେ ଆମେ ବେଶ ଅବଗତ ଅଛୁ ଓ ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳକୁ ହରାଇବାକୁ ଚେଷ୍ଟା କରିବୁ ବୋଲି ଗିଲ କହିଛନ୍ତି।

ଭାରତ ଟେଷ୍ଟ ଦଳରେ ମନୋନୀତ ହୋଇଥିବା କିଛି ଖେଳାଳି ଏବେ ଭାରତ-ଏ' ସହ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ମ୍ୟାଚ୍ ଖେଳୁଛନ୍ତି। ଲାୟନ୍ସ ସହ ଦ୍ୱିତୀୟ ମ୍ୟାଚ୍ ଜୁନ୍ ୬ରେ ଖେଳାଯିବ। ଏହା ପରେ ଭାରତୀୟ ଟିମ୍ ଦୁଇ ଭାଗ ହୋଇ ଏକ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମୁକାବିଲା ଜୁନ୍ ୧୩ରୁ ଖେଳାଯିବ। ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ୍ ୨୦ରୁ ୨୫ ତାରିଖଯାଏ ଲିଡ୍ସରେ ଖେଳାଯିବ। ଏହା ମଧ୍ୟରେ ପ୍ରଥମ ଟେଷ୍ଟ ଲାଗି ଗୁରୁବାର ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଜେମି ଓଭରଟନ ତିନିବର୍ଷ ପରେ ଟେଷ୍ଟ ଦଳକୁ ଫେରିଛନ୍ତି।

### ଇଂଲଣ୍ଡ ଦଳରେ ବେଥେଲ୍, ଓଭରଟନ୍ ସାମିଲ



ଇଂଲଣ୍ଡ ଗସ୍ତ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ଗିଲ୍ ଓ ହେଡ୍ କୋଚ୍ ଗମ୍ଭୀର

### ଟେଷ୍ଟ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଜୁନ ୨୦ରୁ ୨୫ | ପ୍ରଥମ ଟେଷ୍ଟ | ଲିଡ୍ସ |
| ଜୁଲାଇ ୨ରୁ ୬ | ଦ୍ୱିତୀୟ ଟେଷ୍ଟ | ବର୍ମିଂହାମ |
| ଜୁଲାଇ ୧୦ରୁ ୧୪ | ତୃତୀୟ ଟେଷ୍ଟ | ଲଣ୍ଡନ |
| ଜୁଲାଇ ୨୩ରୁ ୨୭ | ଚତୁର୍ଥ ଟେଷ୍ଟ | ମାଞ୍ଚେଷ୍ଟର |
| ଜୁଲାଇ ୩୧ରୁ ଅଗଷ୍ଟ ୪ | ପଞ୍ଚମ ଟେଷ୍ଟ | ଲଣ୍ଡନ |

ବି.ଦ୍ର: ସମସ୍ତ ମ୍ୟାଚ୍ ଅପରାହ୍ଣ ୩ଟା ୩୦ରେ ଆରମ୍ଭ ହେବ।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବସିର, ଜାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଏଡନ କାର୍ସ, ସାମ୍ କୁକ୍, ଜ୍ୟାକ୍ କ୍ରଲୀ, ବେନ୍ ଡକେଟ୍, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ୍ ଟଙ୍ଗ ଓ କ୍ରିସ୍ ୱୋକ୍ସ।

**ଭାରତୀୟ ଦଳ**

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ ଓ ୱିକେଟ୍‌ରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟ୍‌ରକ୍ଷକ), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍, ଅର୍ଶଦୀପ୍ ସିଂହ ଓ କୁଲଦୀପ୍ ଯାଦବ।

■ ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୫।୬ (ସମିସ):** ଭୁବନେଶ୍ୱରର ସହିଦ୍ ସ୍ପୋର୍ଟିଂ ବର୍ଷା ବାଧାପ୍ରାପ୍ତ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂକୁ ୭ ୱିକେଟରେ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସେମିରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ମୁକାବିଲା ହେବ। ସେହିପରି ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କଟକର ଦୁଇ ଦଳ ରାଇଜିଂ ଷ୍ଟୁଡେଣ୍ଟସ ଓ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ପାରାମାଉଣ୍ଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲରେ ଆୟୋଜକ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୫୩* ଓ ସୌମ୍ୟରଞ୍ଜନ ବିଶ୍ୱାଳ ୪୭ ରନ୍ କରିଥିଲେ। ପାରାମାଉଣ୍ଟ ଇନିଂସ ପରେ ବର୍ଷା ଯୋଗୁ ଖେଳ ବାଧାପାଇବାରୁ ସହୀଦ୍ ସ୍ପୋର୍ଟିଂ ଆଗରେ ୨୩ ଓଭରରେ ୧୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ସହୀଦ୍ ସ୍ପୋର୍ଟିଂ ୧୯.୩ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ୍ ୨୬ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ଅପରାଜିତ ୫୬ ରନ୍ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଓଏଫ୍‌ସି ଛାଡ଼ିଲେ ରୟ କ୍ରିଷ୍ଣା

**ଭୁବନେଶ୍ୱର, ୫।୬ (ସମିସ):** ଫିଜିର ଅନ୍ତର୍ଜାତୀୟ ତାରକା ରୟ କ୍ରିଷ୍ଣା ଆଇଏସ୍‌ଏଲ୍ ଦଳ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ସମ୍ପର୍କ ତୁଟାଇଛନ୍ତି। ଓଡ଼ିଶା ଏଫ୍‌ସି ଛାଡୁଥିବା ନେଇ କ୍ରିଷ୍ଣା ସୂଚନା ଦେଇଛନ୍ତି। 'ଓଡ଼ିଶା ଏଫ୍‌ସିର ମାଲିକ, ମ୍ୟାନେଜମେଣ୍ଟ, କୋଚିଂ ଷ୍ଟାଫ୍, ସାଥୀ ଖେଳାଳି ଓ ପ୍ରଶଂସକଙ୍କୁ ବହୁତ ବହୁତ ଧନ୍ୟବାଦ। ଦଳ ସହ ମୋ ଅଧ୍ୟାୟ ଶେଷ ହୋଇଛି, କିନ୍ତୁ ସ୍ମୃତି ସର୍ବଦା ସାଥୀରେ ରହିବ' ବୋଲି କ୍ରିଷ୍ଣା ତାଙ୍କ ବିଦାୟୀ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ରୟ କ୍ରିଷ୍ଣା ୨୦୨୩-୨୪ ଆଇଏସ୍‌ଏଲ୍ ସିଜନରେ ଓଡ଼ିଶା ଏଫ୍‌ସିରେ ଯୋଗଦେଇଥିଲେ। ସେହି ସିଜନରେ ଦଳ ସେମିଫାଇନାଲ ଖେଳିଥିଲା। ତେବେ ୨୦୨୪-୨୫ ସିଜନରେ ଆଘାତ ଲାଗି ସେ ମାତ୍ର ୯ ମ୍ୟାଚ୍ ଖେଳିପାରିଥିଲେ। ମୋଟ୍ ଉପରେ ସେ ଓଏଫ୍‌ସି ପାଇଁ ୩୪ ମ୍ୟାଚ୍ ଖେଳି ୧୬ ଗୋଲ୍ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଓଏଫ୍‌ସି ଅନ୍ୟତମ ପ୍ରମୁଖ ଷ୍ଟ୍ରାଇକର୍ ବ୍ରାଜିଲର ଡିଏଗୋ ମୌରିସିଓ ଦଳ ଛାଡ଼ିଥିଲେ।

**ଆଇପିଏଲ୍-୧୮'ରୁ ମାଲେମାଲ୍**

## କୋହଲି ଆୟ କରିଛନ୍ତି ୨୭.୪୦ କୋଟି

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପ୍ରଥମଥର ଆଇପିଏଲ୍ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିଛି। ବେଙ୍ଗାଲୁରୁକୁ ଐତିହାସିକ ଆଇପିଏଲ୍ ଟ୍ରଫି ଜିତାଇବାରେ ଦଳର ଅଭିଜ୍ଞ ଖେଳାଳି ବିରାଟ କୋହଲିଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ସଂସ୍କରଣରେ କୋହଲି ୧୫ ମ୍ୟାଚ୍ ଖେଳି ୫୪.୭୫ ହାରରେ ୬୫୭ ରନ କରିଥିଲେ। ବ୍ୟାଟିଂ ଭଳି କୋହଲି ଆଇପିଏଲ୍‌ର ଏହି ୧୮ ତମ ସଂସ୍କରଣରୁ ବେଶ୍ ଭଲ ଆୟ ମଧ୍ୟ କରିଛନ୍ତି। ରିପୋର୍ଟ ମୁତାବକ କୋହଲି ଆଇପିଏଲ୍‌ର ଏହି ଦୁଇ ମାସରେ ମୋଟ୍ ୨୭.୪୦ କୋଟି ଟଙ୍କା ରୋଜଗାର କରିଥିଲେ। ସେଥି ମଧ୍ୟରୁ ଫ୍ରାଞ୍ଚାଇଜ ତାଙ୍କୁ ୨୧ କୋଟି ଟଙ୍କାରେ ରିଟେନ ରଖିଥିଲା।

ସେହିଭଳି ଏଥର ବିସିସିଆଇ ପ୍ରତି ଆଇପିଏଲ୍ ମ୍ୟାଚ୍ ଲାଗି ମଧ୍ୟ ୭.୫ ଲକ୍ଷ ଟଙ୍କା ପାଉଣା ବ୍ୟବସ୍ଥା ରଖିଥିଲା। ଫଳରେ କୋହଲି ୧୩ଟି ଲିଗ୍, ଗୋଟିଏ କ୍ୱାଲିଫାୟର ଓ ଫାଇନାଲକୁ ମିଶାଇ ମୋଟ୍ ୧୫ ମ୍ୟାଚ୍ ଖେଳିଥିଲେ। ଏଥିରେ ତାଙ୍କୁ ମୋଟ୍ ୧ କୋଟି ୧୨ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା। ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରାଇଜ୍ ମନିରୁ ୩୦ ପ୍ରତିଶତ ଅର୍ଥରାଶି ଦଳର ଖେଳାଳିଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ବେଙ୍ଗାଲୁରୁ ୨୦ କୋଟି ଟଙ୍କା ଚାମ୍ପିଅନ ଆକାରରେ ପାଇଥିଲା। ଏଥିରୁ କୋହଲି ୨୭ ଲକ୍ଷ ଟଙ୍କା ପାଇବେ। ସେହିଭଳି ୨ ମାସର ଆଇପିଏଲ୍ ମଧ୍ୟରେ କୋହଲି ବିଭିନ୍ନ ବିଜ୍ଞାପନରୁ ୫ କୋଟି ଟଙ୍କା ରୋଜଗାର କରିଥିବା ଜଣାପଡ଼ିଛି।

### 'ସମ୍ପୂର୍ଣ୍ଣ ମର୍ମାହତ'

**ବେଙ୍ଗାଲୁରୁ, ୫।୬ (ଏଜେନ୍ସି):** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଚେହେରା ତଥା ଦଳକୁ ଆଇପିଏଲ୍ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିରାଟ କୋହଲି ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କୋହଲି କହିଛନ୍ତି, 'ମୋ ପାଖରେ କହିବା ଲାଗି କୌଣସି ଶବ୍ଦ ନାହିଁ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ମର୍ମାହତ।' ସେହିଭଳି ଆର୍‌ସିବି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ମଧ୍ୟ ଶୋକବାର୍ତ୍ତା ଜାରି କରାଯାଇଛି। 'ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଓ ଆହତଙ୍କ ପରିବାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛୁ। ଏହି ଘଟଣାରେ ଆମେ ଦୁଃଖିତ। ସମସ୍ତ ଲୋକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିସ୍ଥିତି ବିଷୟରେ ଅବଗତ ହେବାପରେ ଆମେ ତୁରନ୍ତ ଉତ୍ସବ ସମୟର ଅବଧିକୁ ହ୍ରାସ କରିଥିଲୁ।

## ସମ୍ଭାଳିପାରିବନି ଯଦି ରୋଡ୍ ଶୋ କରନି: ଗମ୍ଭୀର

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ବେଙ୍ଗାଲୁରୁର ଆଇପିଏଲ୍ ଟ୍ରଫି ବିଜୟ ଉତ୍ସବରେ ଦଳାଚକଟାରେ ୧୧ଜଣ ପ୍ରଶଂସକଙ୍କ ବିୟୋଗ ଘଟଣାରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦୁଃଖପ୍ରକାଶ ସହ ଚିନ୍ତାବ୍ୟକ୍ତ କରିଛନ୍ତି। ଗମ୍ଭୀର କହିଛନ୍ତି, 'ମୁଁ କେବେବି ବିଶ୍ୱାସ କରେ ନାହିଁ ଯେ ଆମକୁ ରୋଡ୍ ଶୋ'ର ଆବଶ୍ୟକତା ରହିଛି। ଏପରିକି ମୁଁ ଖେଳିବା ସମୟରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ମଧ୍ୟ ସମାନ ମତ ରଖିଥିଲି। ବନ୍ଦ କୋଠରୀ ମଧ୍ୟରେ ଆମେ ଉତ୍ସବ ମନାଇପାରିଥାନ୍ତେ। ବିଜୟ ଓ ଉତ୍ସବ ପାଳିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଲୋକଙ୍କ ଜୀବନ। ଯଦି ରୋଡ୍ ଶୋ ପରିସ୍ଥିତିକୁ ଆମେ ସମ୍ଭାଳି ପାରିବୁନି ତେବେ ଆୟୋଜନ ମଧ୍ୟ କରିବାର ନ ଥିଲା। ଭବିଷ୍ୟତରେ ଆମେ ଏନେଇ ଅଧିକ ସଚେତନା ହେବା ଆବଶ୍ୟକ।'

**ମହିଳା ଏସିଆ କପ୍ ହକି**

## ଥାଇଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋଉ ସହରରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ଲାଗି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଭାରତୀୟ ଦଳ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ପୁଲ୍-ବି'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଥାଇଲାଣ୍ଡ ବିପକ୍ଷରେ ଖେଳି ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ସେପ୍ଟେମ୍ବର ୬ରେ ଜାପାନ ଓ ଶେଷ ପୁଲ୍ ମ୍ୟାଚରେ ସିଙ୍ଗାପୁର ସହ ସେପ୍ଟେମ୍ବର ୮ରେ ଖେଳିବ। ସେହିଭଳି ପୁଲ୍-ଏ'ରେ ଆୟୋଜକ ଚାଇନା ସମେତ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ରହିଛି। ପୁଲ୍ ପର୍ଯ୍ୟାୟ ପରେ ପ୍ରତି ପୁଲର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ପ୍ରବେଶ କରିବେ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ସୁପର୍-୪'ର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲା। ଏଥର ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ ଲକ୍ଷ୍ୟରେ ରହିଛି। ଭାରତ ଶେଷଥର ଲାଗି ୨୦୧୭ରେ ଏସିଆ କପ୍ ଜିତିଥିଲା। ଏସିଆ କପ୍ ବିଜୟୀ ଦଳ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

**ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ**

## ବାଳିକାରେ ଶ୍ରେୟାଂଶୀ, ବାଳକରେ ଇଭାନ ଚାମ୍ପିଅନ



**ଖୋର୍ଦ୍ଧା, ୫।୬ (ସମିସ):**

ରାଜସ୍ଥାନର ଶ୍ରେୟାଂଶୀ ଜୈନ ଓ ଗୋଆର ଇଭାନ ଆଣ୍ଟୋନିଓ ଟେଲାସ ୨୦୨୫ ଜାତୀୟ ଶିଶୁ ଚେସ୍ ଚାମ୍ପିଅନ ହୋଇଛନ୍ତି। ଅଲଓଡ଼ିଶା ଚେସ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୯ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଶ୍ରେୟାଂଶୀ ୯ ରାଉଣ୍ଡରୁ ୯ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହି ଟାଇଟଲ କବ୍‌ଜା କରିଥିଲେ। ବାଳକ ବିଭାଗରେ ଇଭାନ ୯ ରାଉଣ୍ଡରୁ ସର୍ବାଧିକ ୮.୫ ପଏଣ୍ଟ ପାଇ ଟାଇଟଲ କବ୍‌ଜା କରିଥିଲେ। ଉଭୟ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କାର ପୁରସ୍କାର ମୁଖ୍ୟ ଅତିଥି ତଥା ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଅଲ୍‌ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପ୍ରତିଯୋଗିତାରେ ରେକର୍ଡ ୩୨୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଉଭୟ ବିଭାଗରେ ୨.୫ ଲକ୍ଷ ଲେଖାଏଁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳିକା ବିଭାଗରେ ତାମିଲନାଡୁର ଅନିକା ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟପ୍ ସିଡ ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ପୁଡୁଚେରୀର ପି ଦେବେଶ ମିଲାନ ରନର୍ସ ଅପ୍ ହୋଇ ଟ୍ରଫି ସହ ୩୬,୦୦୦ ଓ ମହାରାଷ୍ଟ୍ରର ଏସିଏମ୍ ଅଂଶ ଦଧିଚି ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ପାଇଥିଲେ।

### ଓଡ଼ିଆଙ୍କ ମଧ୍ୟରେ ଅନନ୍ୟା ଶ୍ରେଷ୍ଠ

ଏହି ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହୋଇଥିଲାବେଳେ ଏଥିରେ ରେକର୍ଡ ସଂଖ୍ୟକ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବାଳିକା ବିଭାଗରେ ଅନନ୍ୟା ଅନ୍ୱେଷା ମିଶ୍ର ୧୦ମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ତାଙ୍କୁ ପୁରସ୍କାର ବାବଦରେ ୬,୦୦୦ ଟଙ୍କା ମିଳିଛି। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଦେବାଂଶୀ ସାହୁ ୬୮ତମ, ଆରାଧ୍ୟା ମହାରଣା ୮୪ତମ, ଅର୍ଣ୍ଣବୀ ପଣ୍ଡା ୮୫ତମ ଓ ପ୍ରତ୍ୟାକ୍ଷା ସମ୍ଭାବୀ ୮୬ତମ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୫ ପଏଣ୍ଟ ପାଇ ୬୬ତମ, କ୍ରିଶିତ ପଣ୍ଡା ୫ ପଏଣ୍ଟ ପାଇ ୯୭ତମ ସ୍ଥାନ ଅଧିକାର କରିଛନ୍ତି।

## ଭୁବନେଶ୍ୱରରେ ହେବ ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୫।୬ (ସମିସ):** ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର (ଜୁନ ୭)ଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ସ୍ଥାନୀୟ ସୈନିକ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏଥିରେ ଦେଶରେ ଥିବା ୩୩ ସୈନିକ ସ୍କୁଲ ଦଳ ଅଂଶଗ୍ରହଣ କରିବେ। ତିନୋଟି ବିଭାଗ ସବ୍‌ଜୁନିଅର ବାଳକ (୧୫ ବର୍ଷରୁ କମ୍), ଜୁନିଅର ବାଳକ (୧୭ ବର୍ଷରୁ କମ୍) ଓ ଜୁନିଅର ବାଳିକା (୧୭ ବର୍ଷରୁ କମ୍) ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ସୁବ୍ରତ କପ୍ ଇଣ୍ଟରନ୍ୟାସନାଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

■ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ମୌସମରାଜ ଓ ରୋନିତଙ୍କୁ ୬ ୱିକେଟ

**କଟକ, ୫।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକରେ ଜାରି ରହିଛି। ଡ୍ରିମସ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଏକ ଲୋସ୍କୋରିଂ ରୋମାଞ୍ଚକ ମୁକାବିଲାରେ ବଲାଙ୍ଗୀର ୧୨ ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାତ୍ର ୩୮ ରନରେ ଅଲଆଉଟ ହୋଇଥିଲା। ସକ୍ଷମ ଅଗ୍ରୱାଲ ସର୍ବାଧିକ ୧୨ ରନ କରିଥିଲେ। ମୟୂରଭଞ୍ଜର ଚନ୍ଦନ ସିଂହ ୫ଟି ୱିକେଟ ଦଖଲ କରିଥିଲେ। ତେବେ ମାତ୍ର ୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମୟୂରଭଞ୍ଜ ୨୬ ରନରେ ସୀମିତ ରହିଥିଲା। ଜିତ ଦେ ୭ଟି ବଲରୁ ୧୯ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ୧୨ ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରି ବଲାଙ୍ଗୀର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିବା ମୌସମରାଜ ନାଗଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଦେବଗଡ଼ ୭୫ ରନରେ ଜଗତସିଂହପୁରକୁ ହରାଇଥିଲା। ଆକ୍ୟୁବ ଅହମ୍ମଦଙ୍କ ୫୦ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ସମସ୍ତ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ଜଗତସିଂହପୁରର ପ୍ରତୀକ ପୁହାଣ ୪ଟି ଏବଂ ସ୍ମୃତି ବାରିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଜଗତସିଂହପୁର ମାତ୍ର ୯୮ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦେବଗଡ଼ର ରୋନିତ ପ୍ରଧାନ ୨୪ ରନ ବ୍ୟୟରେ ୬ଟି ୱିକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS